


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-19 ◆SUNDAY ◆13 JULY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୯ ◆ରବିବାର ◆୧୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ନାରୀ ନିର୍ଯାତନାର ନଗ୍ନ ରୂପ | ଫକୀରମୋହନ କଲେଜ ଅଧ୍ୟାପକଙ୍କ କେଲେଙ୍କାରୀ

### କେହି ଶୁଣିଲେନି ଗୁହାରି


# ନିଜକୁ ଜାଳିଦେଲେ ଛାତ୍ରୀ

ରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା । ଘରେ-ବାହାରେ, ମନ୍ଦିର, ସ୍କୁଲ, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀ; କେଉଁଠି ବି ନାରୀ ସୁରକ୍ଷିତ ହୋଇନାହାଁନ୍ତି । ଉତ୍ତର-ଦକ୍ଷିଣ, ପୂର୍ବ-ପଶ୍ଚିମ, ଏପରିକି କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଥିବା ରାଜଧାନୀ ଭୁବନେଶ୍ୱର ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛି । ବିଗତ କିଛି ମାସର ଘଟଣାବଳୀ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହେଉଛି । ଦୁର୍ବ୍ୟବହାରଠାରୁ ଆରମ୍ଭ କରି ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଜଘନ୍ୟ ନାରୀ ବିରୋଧୀ ଅପରାଧ ରାଜ୍ୟରେ ବଢ଼ିବାରେ ଲାଗିଛି । କିଛି ଦିନ ତଳେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଏହାର ଜ୍ୱଳନ୍ତ ଉଦାହରଣ । ଅବସ୍ଥା ଏପରି ଯେ ଆମେରିକା ମଧ୍ୟ ତା' ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ବୁଲି ନ ଯିବାକୁ କିଛି ଦିନ ତଳେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି । ଏହିକ୍ରମରେ ଆଜି ବାଲେଶ୍ୱରରେ ନାରୀ ନିର୍ଯାତନାର ଆଉ ଏକ ନଗ୍ନ ରୂପ ଦେଖିବାକୁ ମିଳିଛି । ରାଜ୍ୟର ଅନ୍ୟତମ ନାମକରା କଲେଜ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନିର୍ଯାତନାରେ ଅତିଷ୍ଠ ଜଣେ ଛାତ୍ରୀ କଲେଜ କର୍ତ୍ତୃପକ୍ଷ, ପୁଲିସ, ସାଂସଦଙ୍କୁ ଗୁହାରି କରି କରି ନିରାଶ ହେବା ପରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି ।

## ସଙ୍କଟାପନ୍ନ ଅବସ୍ଥାରେ ଏମ୍‌ସରେ ଭର୍ତ୍ତି

- ଅଧ୍ୟାପକଙ୍କ ବିରୋଧରେ ଆଣିଥିଲେ ଦୁର୍ବ୍ୟବହାର ଅଭିଯୋଗ
- ଘଟଣା ବିଷୟରେ ଅବଗତ ଥିଲେ ସାଂସଦ, ଅଧ୍ୟକ୍ଷ, ଏସ୍‌ପି
- ନିରାଶ କଲା ଆଭ୍ୟନ୍ତରୀଣ କମିଟିର ତଦନ୍ତ ରିପୋର୍ଟ
- କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚରମ ପଦକ୍ଷେପ ନେଲେ ଛାତ୍ରୀ
- ରାଜ୍ୟରେ ଛାତ୍ରୀ, ମହିଳା, ନାବାଳିକା ଅସୁରକ୍ଷିତ: ବିଜେଡି

■ ବାଲେଶ୍ୱର, ୧୨।୭ (ସମିସ): 'ମୋତେ ଟିକେ ଫେଭର୍ କର, ମୁଁ ତୁମର ସବୁ କଥା ବୁଝିଦେବି' । ଏଥିରେ ଅରାଜି ହେବାରୁ ମିଳିଲା ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର । ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଏପରି ଆଚରଣ ବିରୋଧରେ କଲେଜ ଅଧ୍ୟକ୍ଷ, ଜିଲ୍ଲା ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସାଂସଦଙ୍କୁ ଜଣାଇ ନ୍ୟାୟ ମାଗିଲେ । କିନ୍ତୁ କେହି ଶୁଣିଲେନି । କଲେଜ ଆଭ୍ୟନ୍ତରୀଣ କମିଟି ବି ତା'ର ରିପୋର୍ଟରେ ଅଧ୍ୟାପକଙ୍କୁ କ୍ଲିନ୍‌ଚିଟ୍ ଦେଲା । ଏହାପରେ ଅଧ୍ୟକ୍ଷ ଅଭିଯୋଗର ବଳିଷ୍ଠ ପ୍ରମାଣ ମାଗିଲେ । ଶେଷରେ ନିରାଶ ହୋଇ ଜଣେ ଛାତ୍ରୀ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ଆଗରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲେ । ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ।



ପୀଡ଼ିତାଙ୍କ ପତ୍ର



ଗିରଫ ଅଧ୍ୟାପକ

ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା (ଇଣ୍ଟିଗ୍ରେଟେଡ୍ ବିଏଡ୍) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ତଥା ଏବିଭିପି ନେତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଆଜି ଏପରି ଚରମ ପଦକ୍ଷେପ ନେଇଛନ୍ତି । ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ▶ପୃଷ୍ଠା-୭

## ଅଧ୍ୟକ୍ଷ, ଏଚ୍‌ଓଡି ନିଲମ୍ବିତ

■ ବାଲେଶ୍ୱର, ୧୨।୭ (ସମିସ): ଏହି ସମ୍ବେଦନଶୀଳ ଘଟଣାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କାର୍ଯ୍ୟରେ ଅବହେଳା ତଥା ଏହି ଘଟଣାକୁ ସଠିକ୍ ଭାବେ ପରିଚାଳନା କରି ନଥିବା ହେତୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବିତ କରାଯାଇଛି । ତାଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳଙ୍କ ବିନା ନିର୍ଦ୍ଦେଶରେ ସେ କୁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି । ସେହିଭଳି ଅଭିଯୁକ୍ତ ଅଧ୍ୟାପକ ତଥା ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ।

### ଅହମଦାବାଦ ବିମାନ ଦୁର୍ଘଟଣା

**ଆସିଲା ତଦନ୍ତ ରିପୋର୍ଟ**

## ବନ୍ଦ ଥିଲା ଦୁଇ ଇନ୍ଧନ ସୁଇଚ୍

■ ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଗତମାସ ୧୨ ତାରିଖରେ ଅହମଦାବାଦରେ ହୋଇଥିବା ଭୟଙ୍କର ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାଥମିକ ରିପୋର୍ଟ ଆସିଛି । ବିମାନ ଟେକ୍-ଅଫ୍ କରିବାର ଗୋଟିଏ ସେକେଣ୍ଡ ଭିତରେ ବିମାନର ଦୁଇଟି ଯାକ ଇନ୍ଧନ ସୁଇଚ୍ ବନ୍ଦ ହୋଇଯିବାରୁ ଉଭୟ ଇଞ୍ଜିନ୍ ସଟ୍-ଡାଉନ୍ ହୋଇଯାଇଥିଲା । ଯାହାଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଲା ବୋଲି ରିପୋର୍ଟରେ କୁହାଯାଇଛି । ତେବେ ପ୍ରଶ୍ନ ଉଠୁଛି ଇଞ୍ଜିନକୁ ଇନ୍ଧନ ବା ତେଲ ଯୋଗାଉଥିବା ଦୁଇଟି ସ୍ୱିଚ୍‌କୁ ବନ୍ଦ କଲା କିଏ? ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି? ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ କରାଯାଇନଥିବା ବେଳେ ବିମାନଯାତ୍ରୀଙ୍କ ସୁରକ୍ଷାକୁ ନେଇ ବଡ଼ ଧରଣର ପ୍ରଶ୍ନଚିହ୍ନ ଲାଗିଯାଇଛି । ▶ପୃଷ୍ଠା-୭



ସୁଇଚ୍ ବନ୍ଦ କଲା କିଏ ?

ପାଇଲଟ୍ ନା ଯାନ୍ତ୍ରିକ ତ୍ରୁଟି

## ବିଷାକ୍ତ ମଦ ପିଇ ୨ ମୃତ

**୬ ମାସରେ ଗଲାଣି ୬ ଜୀବନ**

■ ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୧୨।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ଗତ ଦୁଇଦିନରେ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେହିପରି ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଢେଙ୍କାନାଳ ସହରଠାରୁ ପ୍ରାୟ ୩୫କିମି ଦୂରରେ ଥିବା ପାହାଡ଼ ପର୍ବତଘେରା ବମ୍ପା ଗ୍ରାମରେ ବର୍ଷତମାମ ହାତୀଭୟ ଲାଗି ରହିଥିବା ବେଳେ ଦେଶୀ ମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀର ▶ପୃଷ୍ଠା-୭

# ଫେରିଲେ ନବୀନ, ଜନତା ଖୁସି

■ ଭୁବନେଶ୍ୱର, ୧୨।୭ (ସମିସ): ନିଜ ପ୍ରିୟ ନେତା ସୁସ୍ଥ ହୋଇ ମୁମ୍ବାଇରୁ ଫେରୁଥିବା ଖବର ପାଇ ଶନିବାର ରାଜଧାନୀ ଭୁବନେଶ୍ୱରକୁ ଆପଣଛାଏଁ ଛୁଟିଥିଲା ଜନତାଙ୍କର ସୁଅ । ଦୌଡ଼ି ଆସିଥିଲେ ସାଧାରଣ ଲୋକ, ପ୍ରଶଂସକ । ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରୁ

### ଦୁଇଗୁଣା ଉତ୍ସାହର ସହ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ ହେବ: ବିଜେଡି

ନବୀନ ନିବାସ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥିଲା ଲୋକଙ୍କ ଅସମ୍ଭାଳ ଭିଡ଼ । ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଏହା କୌଣସି ରାଜନୈତିକ ସଭାରେ ସମବେତ ଜନତାଙ୍କର ଉପସ୍ଥିତି ଜାହିର୍ କରୁ ନଥିଲା । ବରଂ ନିଜ ପ୍ରିୟ ନେତାଙ୍କ ଆଶୁଆରୋଗ୍ୟ ପ୍ରାର୍ଥନା କରୁଥିବା ଶୁଭେଚ୍ଛୁଙ୍କ ଭିଡ଼ର ଦୃଶ୍ୟ ବଖାଣୁଥିଲା । ଏପରି ଉଚ୍ଛ୍ୱସିତ ସ୍ୱାଗତ କରାଯିବା ବୋଧହୁଏ ଓଡ଼ିଶା ଇତିହାସରେ ପ୍ରଥମ । କ୍ଷମତାରେ ଥାଆନ୍ତୁ ଅଥବା ନଥାଆନ୍ତୁ; ନବୀନ ସବୁବେଳେ ଜନତାଙ୍କ ପ୍ରଥମ ପସନ୍ଦ ବୋଲି ସାଧାରଣ ଲୋକେ ଆଉଥରେ ପ୍ରମାଣିତ କରିଛନ୍ତି । ▶ପୃଷ୍ଠା-୭

**ବିମାନବନ୍ଦରରୁ ନବୀନ ନିବାସ ଜନସମୁଦ୍ର**



## ଆଜିଠୁ ଅତି ପ୍ରବଳ ବର୍ଷା

### ୨୩ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କତା

■ ଭୁବନେଶ୍ୱର, ୧୨।୭ (ସମିସ): ରାଜ୍ୟରେ ଆସନ୍ତାକାଲିଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏଥିନେଇ ଅଧିକାଂଶ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଶେଷକରି ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଥିବା ଟ୍ରଫ୍‌ଲାଇନ୍ ଏବେ ଉତ୍ତର ହରିୟାଣାରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଦକ୍ଷିଣ ଉତ୍ତରପ୍ରଦେଶ ଦେଇ ଗତି କରୁଛି । ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ପଡ଼ୋଶୀ ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ପରିସର ସମୁଦ୍ର ପତ୍ତନଠାରୁ ୦.୯ କିଲୋମିଟର ଉପରେ ରହିଛି । ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଆଗାମୀ ୨୪ ଘଣ୍ଟା ଭିତରେ ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି,ଅନୁଗୋଳ,ଦେବଗଡ଼,ବୌଦ୍ଧ, ▶ପୃଷ୍ଠା-୭

# ଗଡ଼ିଲା ବସ୍; ଡ୍ରାଇଭର ମହାସଂଘରେ ଫାଟ



- ସଂଘକୁ ଏଭଳି ସମୟ ଆଉ ମିଳିବନି: ସଭାପତି
- ଗାଡ଼ି ଚଳାଇଲେ ସଂଘରୁ ବହିଷ୍କାର ଚେତାବନୀ
- ମହାସଂଘ କୋଷାଧ୍ୟକ୍ଷଙ୍କୁ ଉଠାଇନେଲା ପୁଲିସ
- ଆନ୍ଦୋଳନ ପ୍ରତ୍ୟାହାର ପାଇଁ ମନ୍ତ୍ରୀଙ୍କ ଅନୁରୋଧ
- ସଂଘକୁ ସମର୍ଥନ ଦୋହରାଇଲେ ପିସିସି ସଭାପତି

■ ଭୁବନେଶ୍ୱର, ୧୨।୭ (ସମିସ): ୭ ଦଫା ଦାବି ପୂରଣ ଜିଦରେ ଅଟଳ ଥିବା ଡ୍ରାଇଭର ସଂଘର ଆନ୍ଦୋଳନ ଶନିବାର ନୂଆ ମୋଡ଼ ନେଇଛି । ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍ ଚଳାଚଳ ଆରମ୍ଭ କରିଥିବା ବେଳେ ସଂଘ ମଧ୍ୟରେ ଥିବା ଫାଟ ପଦାକୁ ଆସିଛି । ଗତ ୫ ଦିନ ଧରି ଡ୍ରାଇଭରଙ୍କ ଷ୍ଟିୟରିଂ ଡାଉନ୍ ଆନ୍ଦୋଳନ କାରଣରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ ଶୁକ୍ରବାର ବସ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳରୁ ସମର୍ଥନ ପ୍ରତ୍ୟାହାର ପରେ ଆନ୍ଦୋଳନ ସାମାନ୍ୟ ଦୁର୍ବଳ ହୋଇ ପଡ଼ିଥିବା କୁହାଯାଉଛି । ତେବେ ଏତେସବୁ ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଛନ୍ତି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି । କାନ୍ଦ କାନ୍ଦ ସ୍ୱରରେ ସେ ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରିବା ସହ ଆନ୍ଦୋଳନ ଜାରି ରଖିବାକୁ ନିବେଦନ କରିଛନ୍ତି । ଏପରିକି ଯେଉଁ ଡ୍ରାଇଭର ନିଷ୍ପତ୍ତିକୁ ଅମାନ୍ୟ କରି ଗାଡ଼ି ଚଳାଇବେ, ଦରକାର ପଡ଼ିଲେ ସେମାନଙ୍କୁ ସଂଘରୁ ବାହାର ▶ପୃଷ୍ଠା-୭




## ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୨ ମୃତ

ନୂଆଦିଲ୍ଲୀ, ୧୨।୭(ଏଜେନ୍ସି): ଦିଲ୍ଲୀର ୱେଲକମ୍ ଅଞ୍ଚଳରେ ଶନିବାର ଏକ ୪ ମହଲା କୋଠା ଭୁସୁଡି ପଡ଼ିଛି। ଏହି ଘଟଣାରେ ଦୁଇ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଏକ ଛୋଟପିଲା ସାମିଲ ରହିଛି। ଏହି ବିଲ୍ଡିଂରେ ୧୦ଜଣ ସଦସ୍ୟ ବିଶିଷ୍ଟ ଏକ ପରିବାର ରହୁଥିଲା। ଏହି କୋଠା ଭୁସୁଡିବା ଫଳରେ ଅବଶେଷ ସାମ୍ନା ଘରେ ପଡ଼ିବା ଫଳରେ ଜଣେ ଲୋକ ଆହତ ହୋଇଛନ୍ତି। ଶନିବାର ସକାଳ ୭ଟାରେ ସଲିମପୁରର ଇଦ୍‌ଗାହ ରୋଡ୍ ନିକଟରେ ଜନତା କଲୋନୀର ୫ ନଂ ଗଳିରେ କୋଠା ଭୁସୁଡିଥିବାର ସୂଚନା ମିଳିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଅତିରିକ୍ତ ଡିସିପି ସନ୍ଦୀପ ଲାମ୍ବା କହିଛନ୍ତି। ପୁଲିସ୍, ଏନ୍‌ଡିଆରଏଫ୍, ସିବିଲ ଡିଫେନ୍ସ ଓ ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ୩ ମାସ ପୂର୍ବରୁ ମୁସ୍ତାଫାବାଦ୍ ଅଞ୍ଚଳରେ ଏପ୍ରିଲ ୧୮ରେ ବିଳମ୍ବିତ ରାତିରେ ଏକ ୪ ମହଲା କୋଠା ଭୁସୁଡିଥିଲା ଓ ଏଥିରେ ୧୧ ଜଣ ଲୋକଙ୍କ ପ୍ରାଣହାନୀ ହୋଇଥିଲା।

## ୫ ଲକ୍ଷ ଆଫଗାନ୍‌ଙ୍କୁ ବାହାର କଲା ଇରାନ

ତେହେରାନ୍, ୧୨।୭(ଏଜେନ୍ସି): ମାତ୍ର ୧୬ ଦିନ ମଧ୍ୟରେ ଇରାନରୁ ୫ ଲକ୍ଷରୁ ଅଧିକ ଆଫଗାନଙ୍କୁ ବାହାର କରାଯାଇଛି। ଜୁନ୍ ୨୪ରୁ ଜୁଲାଇ ୯ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଥିଲା। ଫଳରେ ପ୍ରତ୍ୟେକ ଦିନ ହାରାହାରି ୩୦, ୦୦୦ ଆଫଗାନଙ୍କୁ ଦେଶରୁ ବାହାର କରାଯାଇଛି। ଅବୈଧ ଭାବେ ରହୁଥିବା ଆଫଗାନ ଜୁଲାଇ ୬ଚ ତାରିଖ ସୁଦ୍ଧା ଦେଶ ଛାଡିବାକୁ ୨୦୨୫ ମାର୍ଚ୍ଚରେ ଇରାନ ଘୋଷଣା କରିଥିଲା। ନହେଲେ ସେମାନଙ୍କୁ ଜବରଦସ୍ତି ବାହର କରାଯିବ ବୋଲି ଇରାନ ତରଫରୁ ଚେତାବନୀ ଦିଆଯାଇଥିଲା। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରେ ଏହି ଅଭିଯାନ ଆହୁରି ଜୋରଦାର କରାଯାଇଛି। ଅନ୍ୟପଟେ ପାକିସ୍ତାନରୁ ମଧ୍ୟ ଆଫଗାନ ନାଗରିକଙ୍କୁ ବାହର କରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଇଛି।

## ଇସ୍ତଫା ଦେବେ ଏଫ୍‌ବିଆଇ ନିର୍ଦ୍ଦେଶକ

ୱାସିଂଟନ, ୧୨।୭(ଏଜେନ୍ସି): ଆମେରିକାର ଗୋଇନ୍ଦା ଏଜେନ୍ସି ଏଫ୍‌ବିଆଇର ମୁଖ୍ୟ କାସ ପଟେଲ ଓ ତାଙ୍କ ଡେପୁଟି ତଥା ଉପ- ନିର୍ଦ୍ଦେଶକ ଡାନ ବୋଙ୍ଗିନୋ ପଦରୁ ଇସ୍ତାଫା ଦେଇପାରିନ୍ତି। ଏନେଇ ଦୁହେଁ ବିଚାର କରିବା ଆରମ୍ଭ କରିଛନ୍ତି। ଜେଫେରୀ ଏପ୍‌ଷ୍ଟିନ୍ ମାମଲାରେ ଜଡିତ ଫାଇଲ୍‌ର ଖୁଲାସା ଏବଂ ହ୍ୱାଇଟ ହାଉସ୍, ଏଫ୍‌ବିଆଇ ଓ ଆମେରିକାର ନ୍ୟାୟ ବିଭାଗ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଏହି ଦୁଇଜଣ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ବୋଙ୍ଗିନୋ ଏବଂ ଆଟର୍ଣ୍ଣି ଜେନେରାଲ ପାମ୍ ବୋଣ୍ଡି ମଧ୍ୟରେ ଜୋରଦାର ଯୁକ୍ତିତର୍କ ହେବାପରେ ସ୍ଥିତି ଓ ବିବାଦ ଆହୁରି ଜଟିଳ ହୋଇଛି। ବୁଧବାର ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ବୋଙ୍ଗିନୋ, ବୋଣ୍ଡି ଓ ଟ୍ରମ୍ପ ପ୍ରଶାସନର ଚିଫ୍ ଅଫ୍ ଷ୍ଟାଫ୍ ସୁଜି ବାଇଲ୍ସ ଏକ ବୈଠକରେ ମିଳିତ ହୋଇଥିଲେ। ଏହି ବୈଠକାରେ ମତପାର୍ଥକ୍ୟ ଓ ବିବାଦ ଖୋଲା ଖୋଲି ଭାବେ ସାମ୍ନାକୁ ଆସିଥିଲା। ଏଫ୍‌ବିଆଇ ତରଫରୁ ଏହି ମାମଲାରେ ଏକ ରିପୋର୍ଟ ଲିକ୍ କରାଯାଇଥିଲା ବୋଲି ପ୍ରଶ୍ନ କରାଯାଇଥିଲା। ଉଲ୍ଲେଖଥାଉ କି, ଏଲନ ମସ୍କ ଏପ୍‌ଷ୍ଟିନ୍ ମାମଲାରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଟାଣି ବିବାଦ ସୃଷ୍ଟି କରିଥିଲେ ଓ ଏହାପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା।

## ୭୧ ବର୍ଷରେ ଚାଟାର୍ଡ ଆକାଉଣ୍ଟାଣ୍ଟ

ଜୟପୁର, ୧୨।୭(ଏଜେନ୍ସି): ରାଜସ୍ଥାନ ଜୟପୁରର ତାରାଚାନ୍ଦ ଅଗ୍ରୱାଲ ନାମକ ଜଣେ ୭୧ ବର୍ଷୀୟ ବ୍ୟକ୍ତି ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତାରାଚାନ୍ଦ ୨୦୧୪ରେ ଷ୍ଟେଟ୍ ବ୍ୟାଙ୍କ ବିକାନେର ଆଣ୍ଡ ଜୟପୁର (ଏବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦରୁ ଅବସର ନେଇଥିଲେ। ୨୦୨୦ ନଭେମ୍ବରରେ କୋଭିଡ୍‌ରେ ପତ୍ନୀ ଦର୍ଶନାଙ୍କ ପରଲୋକ ପରେ ନିଃସଙ୍ଗତାକୁ ଦୂର କରିବାକୁ ଯାଇ ସେ ପଢ଼ାପଢ଼ି ଆରମ୍ଭ କରିଥିଲେ। ସେ ପିଏଚ୍‌ଡି କରିବାକୁ ଚିନ୍ତା କରିଥିଲେ। କିନ୍ତୁ ପିଲାମାନେ ତାଙ୍କୁ ସିଏ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୧ରେ ସେ ସିଏ କ୍ଲିୟର କରିବାକୁ ନିଷ୍ପତ୍ତି ନେଇଥିଲେ ଓ ଶେଷରେ ସେ ୨୦୨୫ରେ ଏଥିରେ ସଫଳତା ହାସଲ କରିଛନ୍ତି। ସେ ଏଥିପାଇଁ କୌଣସି କୋଚିଂ ନେଇନଥିଲେ। ୟୁଟ୍ୟୁବରେ କିଛି ଭିଡିଓ ଦେଖି ଓ ବହି ପଢ଼ି ସେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି।

## ବାଂଲାଦେଶ ଅର୍ଥଶାସ୍ତ୍ରୀ ଅବୁଲ ବରକତ ଗିରଫ

ଢ଼ାକା, ୧୨।୭(ଏଜେନ୍ସି): ବାଂଲାଦେଶରେ ଜଣାଶୁଣା ହିନ୍ଦୁ ସମର୍ଥକ ତଥା ଅର୍ଥଶାସ୍ତ୍ରୀ ଅବୁଲ ବରକତଙ୍କୁ ଦୁର୍ନୀତି ସହିତ ଜଡିତ ଏକ ମାମଲାରେ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର ଜେଲ୍‌କୁ ପଠାଇଦିଆଯାଇଛି। ଘରେ ଚଢ଼ାଉ କରି ୨୦ ପୁଲିସ କର୍ମୀ ତାଙ୍କୁ ଗିରଫ କରିଥିଲେ। ସେ ଗତ ୪ ଦଶନ୍ଧି ହେବ ଢ଼ାକା ବିଶ୍ୱବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ସେ ମୁସଲମାନ ଚରମପନ୍ଥୀଙ୍କୁ ସବୁବେଳେ ଖୋଲାଖୋଲି ଭାବେ ବିରୋଧ କରିଆସିଛନ୍ତି। ୨୦୧୬ରେ ସେ ଦେଶ ହିନ୍ଦୁ ଶୂନ୍ୟ ହେବ ବୋଲି ଚେତାବନୀ ଦେଇଥିଲେ। ଯଦି ଏହି ଭଳି ହିନ୍ଦୁଙ୍କ ଉପରେ ଅତ୍ୟାଚାର କରାଯାଏ, ତେବେ ଦେଶର ହିନ୍ଦୁ ଜନସଂଖ୍ୟା ଶେଷ ହେବ ବୋଲି ସେ ଭବିଷ୍ୟବାଣୀ କରିଥିଲେ। ଆଗାମୀ ୩୦ ବର୍ଷରେ ହିନ୍ଦୁ ବାଂଲାଦେଶରେ ଆଉ ଦେଖିବାକୁ ମିଳିବେ ନାହିଁ ବୋଲି ସେ କହିଥିଲେ ଓ ସେତେବେଳେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।

## ଅହମଦାବାଦ ବିମାନ ଦୁର୍ଘଟଣା

# ରିପୋର୍ଟକୁ ନେଇ ପାଇଲଟ ସଂଘ କ୍ଷୁବ୍ଧ

**ଯାଞ୍ଚର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଲା**

**ନିରପେକ୍ଷ ଓ ପ୍ରମାଣ ଆଧାରିତ ଯାଞ୍ଚ ଦାବି**

**ସାର୍ବଜନୀନ ହେବା ପୂର୍ବରୁ କେମିତି ଲିକ୍ ହେଲା ରିପୋର୍ଟ**

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିଶ୍ୱକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣା (ଜୁନ୍ ୧୨) ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ଶନିବାର ସାର୍ବଜନୀନ କରାଯାଇଛି। ୧୫ ପୃଷ୍ଠାର ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ୍ ବନ୍ଦ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ରିପୋର୍ଟରେ ପାଇଲଟଙ୍କ ତ୍ରୁଟିକୁ ଇଙ୍ଗିତ କରାଯାଇଛି। ତେବେ କକ୍‌ପିଟ୍‌ର ରେକର୍ଡିଂରୁ ଶେଷ ମୁହୂର୍ତ୍ତରେ ପାଇଲଟ୍‌ଙ୍କ ବାର୍ତ୍ତାଳାପର ତଥ୍ୟ ମଧ୍ୟ ଦିଆଯାଇଛି। ଏଥିରେ ଜଣେ ପାଇଲଟ ଅନ୍ୟ ଜଣକୁ ତୁମେ ଇନ୍ଧନ ସ୍ୱିଚ୍ ବନ୍ଦ କରିଥିଲ କି ବୋଲି ପଚାରୁଛନ୍ତି। ମାତ୍ର ଏହାର ଉତ୍ତରରେ ସେ ନାହିଁ ବୋଲି କହୁଛନ୍ତି। କିନ୍ତୁ ଏହି ଯାଞ୍ଚ ରିପୋର୍ଟ ଉପରେ ପ୍ରଶ୍ନ ଉଠାଯାଉଛି। ଅନେକ ପ୍ରଶ୍ନର ଉତ୍ତର ଏହି ରିପୋର୍ଟରେ ନାହିଁ ବୋଲି କୁହାଯାଉଛି। ଖାଲି ପାଇଲଟଙ୍କ ଉପରେ ଦୋଷ ଲଦି ତଦନ୍ତ ସାରି ଦେବାକୁ ପ୍ରୟାସ କରାଯାଉଛି। ତେଣୁ ନିରପେକ୍ଷ ଯାଞ୍ଚ ଦାବି କରାଯାଉଛି। ଏହି ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଉପରେ ଏୟାରଲାଇନ ପାଇଲଟ୍ ସଂଘ (ଏଏଲପିଏ) ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ର ତଦନ୍ତ ରିପୋର୍ଟ ଉପରେ ଚିନ୍ତା ପ୍ରକଟ କରାଯାଇଛି। ରିପୋର୍ଟ ପାଇଲଟ୍ ସଂଘ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ ବିମାନ ଦୁର୍ଘଟଣା ପାଇଁ ପାଇଲଟ ଦାୟୀ ବୋଲି ଯାଞ୍ଚରୁ ଲାଗୁଛି। ତଦନ୍ତର ଦିଗ ଏବଂ ରିପୋର୍ଟରେ ଅନୁଚିତ ଭାବେ ଏହି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ସଂଘ ପକ୍ଷରୁ ଖାରଜ କରାଯାଉଛି। ସ୍ୱଚ୍ଛ, ନିରପେକ୍ଷ ଏବଂ ତଥ୍ୟ ଆଧାରିତ ଯାଞ୍ଚ ପାଇଁ ସଂଘ ଦାବି କରୁଛି ବୋଲି ଅଧ୍ୟକ୍ଷ ସାମ୍ ଥୋମାସ କହିଛନ୍ତି। ସେହିପରି ପାଇଲଟ୍ ସଂଘ ଏହି ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଥିବା କହିଛି। ଗୋପନୀୟତାର ସହ ତଦନ୍ତ ଚାଲୁଛି। ତେଣୁ ଏହା ଉପରୁ ବିଶ୍ୱସନୀୟତା ଏବଂ ଜନତାଙ୍କ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି। ଏହି ତଦନ୍ତ ଟିମ୍‌ରେ ଯୋଗ୍ୟ, ଅଭିଜ୍ଞ ବିଶେଷ କରି ପାଇଲଟ୍ ବୃତ୍ତିର ବିଶେଷଜ୍ଞଙ୍କ ଅଭାବ ରହିଛି। ଗୁରୁବାର 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପକ୍ଷରୁ ପ୍ରକାଶିତ ସ୍ତମ୍ଭକୁ ନେଇ ମଧ୍ୟ ଏଲପିଏ ଯାଞ୍ଚ ରିପୋର୍ଟକୁ ଘେରିଛି। ଏହି ରିପୋର୍ଟରେ ଇନ୍ଧନ ସ୍ୱିଚ୍ ବନ୍ଦ ଥିବା କୁହାଯାଇଥିଲା। ଏହାକୁ ନେଇ ପାଇଲଟ୍ ସଂଘ ପ୍ରଶ୍ନ ଉଠାଇଛି। ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ରିପୋର୍ଟ କେମିତି ଲିକ୍ ହୋଇଗଲା ବୋଲି ପଚାରିଛି। ବିଧିବଦ୍ଧ ଭାବେ ସରକାରୀ ପୁଷ୍ଟିକରଣ ବିନା କେମିତି ଏହି ରିପୋର୍ଟକୁ ଏଏଆଇବି ଜାରି କରିଦେଲା? ଏହି ରିପୋର୍ଟରେ କୌଣସି ଦାୟିତ୍ୱବାନ ଅଧିକାରୀଙ୍କ ସ୍ୱାକ୍ଷର କିମ୍ବା ନାମ ନାହିଁ। ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପୁଣିଥରେ ସଂଘ ଅନୁରୋଧ କରିଛି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ତଦନ୍ତ ପ୍ରକ୍ରିୟାରେ ସାମିଲ କରିବା ପାଇଁ କୁହାଯାଇଛି।






## ଦୁର୍ଘଟଣାର ମୂଳ କାରଣ ଇନ୍ଧନ ସ୍ୱିଚ୍

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ଆକାରରେ କ୍ଷୁଦ୍ର ହୋଇଥାଏ। ମାତ୍ର ଏହା ବହୁତ ଶକ୍ତିଶାଳୀ। ଏହା ବିମାନର ଇଞ୍ଜିନକୁ ଇନ୍ଧନ ନିୟନ୍ତ୍ରଣ କରିଥାଏ। ବିମାନ କକ୍‌ପିଟ୍‌ର ଥ୍ରଷ୍ଟ ଲିଭର ନିକଟରେ ଏହି ସ୍ୱିଚ୍ ଥାଏ। ଏହା ଇଞ୍ଜିନରେ ଇନ୍ଧନ ଯୋଗାଣକୁ ନିୟନ୍ତ୍ରଣ କରିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ କରିବା (ରନ୍ ପୋଜିସନ) କିମ୍ବା ବନ୍ଦ କରିବା (କଟ୍ ଅଫ୍ ପୋଜିସନ) ଏହାର ପ୍ରମୁଖ କାମ। ପ୍ରତ୍ୟେକ ଇଞ୍ଜିନ ପାଇଁ ଅଲଗା ଅଲଗା ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ରହିଥାଏ। ଉଦାହରଣ ସ୍ୱରୂପ ବୋଇଂ ୭୮୭ରେ ଦୁଇଟି ଇଞ୍ଜିନ ରହିଛି। ଏଥିପାଇଁ ଦୁଇଟି ସ୍ୱିଚ୍ ଥାଏ। ଗୋଟିଏ ବାମ ଇଞ୍ଜିନ ପାଇଁ ହୋଇଥିବାବେଳେ ଅନ୍ୟଟି ଡାହାଣ ଇଞ୍ଜିନ ପାଇଁ ଉଦ୍ଦିଷ୍ଟ। ସ୍ୱିଚ୍ 'ରନ୍'ରେ ଥିଲେ ଫୁଏଲ ଭାଲ୍‌ଭ ଖୋଲିଥାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଇଞ୍ଜିନ ଚାଲୁ ହୋଇଥାଏ ଏବଂ ବିମାନକୁ ଥ୍ରଷ୍ଟ (ଶକ୍ତି) ମିଳିଥାଏ। ସେହିପରି ସ୍ୱିଚ୍ 'କଟ୍‌ଅଫ୍'ରେ ରହିଲେ ଫୁଏଲ ଭାଲ୍‌ଭ ବନ୍ଦ ହୋଇଯାଏ। ଇଞ୍ଜିନକୁ ଇନ୍ଧନ ଯୋଗାଣ ହୋଇ ନ ଥାଏ। ଫଳରେ ଇଞ୍ଜିନ ତୁରନ୍ତ ବନ୍ଦ ହୋଇଯାଏ। ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ ସ୍ପ୍ରିଙ୍ଗ-ଲୋଡେଡ ହୋଇଥାଏ। ଏଥିରେ ଡିଟେଣ୍ଟ (ଏକପ୍ରକାରର ଲକ୍ ସିଷ୍ଟମ) ଥାଏ। ଏହା ସ୍ୱିଚ୍‌କୁ ନିର୍ଦ୍ଧାରିତ ସ୍ଥିତିରେ ସ୍ଥିର ରଖିଥାଏ। ସ୍ୱିଚ୍‌ର କମାଣ୍ଡ ପରିବର୍ତ୍ତନ ଲାଗି ଏହାକୁ ଧରି ଡିଟେଣ୍ଟକୁ ବାହାର କରିବାକୁ ପଡ଼ିଥାଏ। ପରେ ମୁକ୍ତ କରାଯାଇଥାଏ। ଏହା କୌଣସି ସାଧାରଣ ସ୍ୱିଚ୍ ନୁହେଁ। ଭୁଲ୍‌ରେ ଧକ୍କା ଲାଗିଲେ ବି ଏହା ଦବି ଯିବ ନାହିଁ। ବିଶେଷଜ୍ଞଙ୍କ ଅନୁଯାୟୀ ଏହି ସ୍ୱିଚ୍ ଭୁଲ୍‌ରେ କିମ୍ବା ସହଜରେ ଚାଲୁ ହୋଇପାରିବ ନାହିଁ। କୌଣସି ପାଇଲଟ ଉଡ଼ାଣ ଆରମ୍ଭ କରିବା ସମୟରେ ଏହି ସ୍ୱିଚ୍‌କୁ କେବେ ବନ୍ଦ କରିବ ନାହିଁ। କାରଣ ତୁରନ୍ତ ଏହାର ପ୍ରଭାବ ପଡ଼ିଥାଏ ବୋଲି ସେ ଜାଣିଛନ୍ତି। ଅନ୍ୟଜଣେ ବିଶେଷଜ୍ଞ କହିଛନ୍ତି ଯେ ଏହି ସ୍ୱିଚ୍ ସ୍ୱାଧୀନ ଭାବେ ତାର ଏବଂ ବିଦ୍ୟୁତ ସହ ସଂଯୋଗ ହୋଇଥାଏ। ତେଣୁ କୌଣସି ଯାନ୍ତ୍ରିକ ତ୍ରୁଟି ବିନା ଅଜାଣତରେ ଏହା ବନ୍ଦ ହେବାର ସମ୍ଭାବନା ବହୁତ କମ୍।

**କୋଲକାତାରେ ପୁଣି ଛାତ୍ରୀ ଦୁଷ୍କର୍ମ**

## ଏଥର ଆଇଆଇଏମ୍ କୋଲକାତା ଗିରଫ ହେଲା ଅଭିଯୁକ୍ତ ଛାତ୍ର



କୋଲକାତା, ୧୨।୭(ଏଜେନ୍ସି): କୋଲକାତାରେ ପୁଣି ଏକ ଛାତ୍ରୀ ଦୁଷ୍କର୍ମ ମାମଲା। ଗତବର୍ଷ ଆରଜି କର ମେଡିକାଲ କଲେଜରେ ମହିଳା ଜୁନିୟର ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା। ୧୫ ଦିନ ତଳେ କୋଲକାତାର ଏକ ଆଇନ କଲେଜରେ ଜଣେ ଆଇନ ଛାତ୍ରୀଙ୍କୁ ଦୁଷ୍କର୍ମ। ପୁଣି ଗତକାଲି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମଣ୍ଟ (ଆଇଆଇଏମ୍) ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଛି। ଗୋଟିଏ ପରେ ଆଉ ଗୋଟିଏ ଏଭଳି ଘଟଣା କୋଲକାତାରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି।

ଜଣେ ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ଆଇଆଇଏମ୍ ହଷ୍ଟେଲରେ ତାଙ୍କୁ ମୃଦୁପାନୀୟ ଦେଇ ଅଚେତ କରାଇବା ପରେ ଦୁଷ୍କର୍ମ କରିଛି ଜଣେ ଛାତ୍ର। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରକୁ ଗିରଫ କରି ଜେଲ୍ ପଠାଇ ଦେଇଛି। ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ କରିଥିବା ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ଛାତ୍ରୀ ଓ ଅଭିଯୁକ୍ତ ପରସ୍ପର ସହ ପରିଚିତ ହୋଇଥିଲେ। ଏକ ବ୍ୟକ୍ତିଗତ ମାମଲାରେ ପରାମର୍ଶ ନେବାପାଇଁ ଛାତ୍ରୀ ଜଣକ ଅଭିଯୁକ୍ତକୁ ଭେଟିବାକୁ ଆଇଆଇଏମ୍ ଆସିଥିଲେ। ଏହାପରେ ସେହି ଅଭିଯୁକ୍ତ ଛାତ୍ର ତାଙ୍କୁ ଛାତ୍ର ହଷ୍ଟେଲକୁ ନେଇଯାଇଥିଲା। ସେଠାରେ ତାଙ୍କୁ ପିଜା ଖାଇବାକୁ ଦେବା ସହିତ ମୃଦୁପାନୀୟ ଦେଇଥିଲା। ଖାଇବା ପରେ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ଛାତ୍ର ଜଣକ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଚେତା ଫେରିବା ପରେ ସେ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମ କଥା କାହାକୁ ନ କହିବାକୁ ଅଭିଯୁକ୍ତ ଧମକ ଦେଇଥିଲା ବୋଲି ସେ କହିଛନ୍ତି। ଏହି କଥା ବାହାରେ ପ୍ରଘଟ କଲେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା। କାଉନେସେଲିଂ ସେସନ ପାଇଁ ତାଙ୍କୁ ହଷ୍ଟେଲ ଡକାଯାଇଥିଲା ବୋଲି ପୀଡିତା ଏଫ୍‌ଆଇଆରରେ ଉଲ୍ଲେଖ କରିଛନ୍ତି।

ଏହି ଘଟଣାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଛାତ୍ରୀଙ୍କ ସୁରକ୍ଷା ଲାଗି କାହିଁକି ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ ବୋଲି ବିଭିନ୍ନ ଦଳ ଓ ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଗତ ମାସ ୨୫ ତାରିଖରେ ଆଇନ କଲେଜ ଛାତ୍ରୀଙ୍କୁ କଲେଜ ହଷ୍ଟେଲ ପରିସରରେ ଗଣଦୁଷ୍କର୍ମ କରାଯାଇଥିଲା। ଏହାସତ୍ତ୍ୱେ ପୁଲିସ ଓ ପ୍ରଶାସନ କାହିଁକି ଚେତୁନାହିଁ? ତେବେ ଏହି ମାମଲାରେ ଆଇଆଇଏମ୍ ସଂପୂର୍ଣ୍ଣ ରୂପେ ପୁଲିସ ସହଯୋଗ କରିବା ସହିତ ସୁରକ୍ଷା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଉଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀଙ୍କ ପିତା ଏହି ଦୁଷ୍କର୍ମ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ଦୁଷ୍କର୍ମ ହୋଇନାହିଁ। ପୁଲିସ ଏଭଳି ଅଭିଯୋଗ କରିବା ଲାଗି ତାଙ୍କ ଝିଅ ଉପରେ ଚାପ ପକାଇଥିବା ସେ ଅଭିଯୋଗ କରିଛନ୍ତି।

## ୭ ବର୍ଷ ତଳେ ସ୍ୱିଚ୍‌କୁ ନେଇ ସତର୍କ କରିଥିଲା ଆମେରିକା

ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଏଏଆଇବିର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିଛି। ଏହି ରିପୋର୍ଟରେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ହୋଇଯିବା ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ଏହା ମଧ୍ୟରେ ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ୨୦୧୮ ରେ ଇନ୍ଧନ ସ୍ୱିଚ୍‌କୁ ନେଇ ଜାରି କରିଥିବା ମାର୍ଗଦର୍ଶିକା ଉପରେ ଚର୍ଚ୍ଚା ଜୋର୍ ଧରିଛି। ଏହି ମାର୍ଗଦର୍ଶିକାକୁ ଅଣଦେଖା କିମ୍ବା ଅବହେଳା କରିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏଏଆଇବିର ଏହି ଯାଞ୍ଚ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ ପାଇଲଟଙ୍କ ତ୍ରୁଟି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିବାବେଳେ ଏ ନେଇ କୌଣସି ପ୍ରମାଣ ଦିଆଯାଇ ନାହିଁ। ଏବେ ଯାଞ୍ଚରେ ଇନ୍ଧନ ସ୍ୱିଚ କେମିତି ବନ୍ଦ ହେଲା ତାହାକୁ ଧ୍ୟାନ ଦିଆଯାଉଛି। ରିପୋର୍ଟରେ କେଉଁ ଇନ୍ଧନ ସ୍ୱିଚ ଆଗ ବନ୍ଦ ହୋଇଥିଲା ତାହାର ମଧ୍ୟ ସୂଚନା ନାହିଁ। କିନ୍ତୁ ଦୁର୍ଘଟଣାସ୍ଥଳରେ ଦୁଇଟି ଯାକ ସ୍ୱିଚ ଅନ୍ ଥିବା ଦେଖା ଯାଇଥିଲା। କକ୍‌ପିଟ୍ ଭିତରେ ଏକ ସ୍କ୍ରିନ୍ ରହିଥାଏ। ଏଥିରେ କେତେବେଳେ କେଉଁ ପଦକ୍ଷେପ ନିଆଯିବ ତାହା ସୂଚିତ କରାଯାଇଥାଏ।

୨୦୧୮ ରେ ଏଫଏଏ ବୋଇଂ ଡ୍ରିମ୍‌ଲାଇନର ବିମାନର ଇନ୍ଧନ ସ୍ୱିଚ ଲକିଂ ସିଷ୍ଟମରେ ଥିବା ସମ୍ଭାବ୍ୟ ସମସ୍ୟାକୁ ନେଇ ବୁଲେଟିନ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ଡ୍ରିମଲାଇନରର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'ର ଲକିଂ ବୈଶିଷ୍ଟ୍ୟ ନିଷ୍କ୍ରିୟ ହେବାର ଆଶଙ୍କା ରହିଛି। ବୋଇଂ ଡ୍ରିମ୍‌ଲାଇନର ୭୩୭ ମଡେଲ ବିଶିଷ୍ଟ ବିମାନର କିଛି ଅପରେଟରଙ୍କ ରିପୋର୍ଟକୁ ଆଧାର କରି ଏଫଏଏ ଏହି ମାର୍ଗଦର୍ଶିକା ଜାରି କରିଥିଲା। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ଏହା କେବଳ ପରାମର୍ଶ ଥିଲା। ଏହା ବାଧ୍ୟତାମୂଳକ ନିର୍ଦ୍ଦେଶ ନ ଥିଲା। ଏଥିପାଇଁ ଫୁଏଲ କଣ୍ଟ୍ରୋଲ ସ୍ୱିଚର ଯାଞ୍ଚ କରାଯାଇ ନ ଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ସ୍ୱିଚ୍ ଯାଞ୍ଚ କରିଥିଲେ ବୋଧେ ଏତେ ବଡ଼ ଦୁର୍ଘଟଣା ଘଟି ନ ଥାଆନ୍ତା।

## ପଶ୍ଚିମ ୟୁକ୍ରେନରେ ରୁଷିଆର ଡ୍ରୋନ୍, ମିସାଇଲ ଆକ୍ରମଣ

କିଭ୍, ୧୨।୭(ଏଜେନ୍ସି): ୟୁକ୍ରେନ ଉପରେ ରୁଷିଆ ପୁଣିଥରେ ଆକ୍ରମଣ କରିଛି। ପଶ୍ଚିମ ୟୁକ୍ରେନ୍‌ରେ ରୁଷିଆ ଶନିବାର ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଆକ୍ରମଣ କରିଛି। ଚଳିତ ମାସରେ ଏହ ରୁଷିଆର ଚତୁର୍ଥ ବଡ଼ ଧରଣର ଆକ୍ରମଣ। ଏହି ଆକ୍ରମଣରେ ଅତିକମ୍‌ରେ ଦୁଇଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ରୁଷିଆ ୫୯୭ ଡ୍ରୋନ ଓ ୨୬ ମିସାଇଲ ମାଡ କରିଥିଲା ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମୀର ଜେଲେନସ୍କି କହିଛନ୍ତି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସିଷ୍ଟମ୍ ୩୧୯ ଟି ଡ୍ରୋନ ଓ ୨୫ଟି ମିସାଇଲକୁ ନଷ୍ଟ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

**କପିଳ ଶର୍ମାଙ୍କୁ ଆତଙ୍କୀ ପନ୍ନୁର ଧମକ**

## କାନାଡାରେ କାରବାର ବନ୍ଦ କର

ଅମୃତସର, ୧୨।୭(ଏଜେନ୍ସି): ଖଲିସ୍ତାନୀ ଆତଙ୍କୀ ଗୁରପତବନ୍ତ ସିଂହ ପନ୍ନୁ କମେଡିଆନ କପିଳ ଶର୍ମାଙ୍କୁ କାନାଡାରେ କାଫେ ଖୋଲିବା କାରଣରୁ ଧମକ ଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସେ ଏହି ଧମକ ଦେଇଛି। କପିଳ ନିଜକୁ ଜଣେ ହିନ୍ଦୁବାଦୀ ବୋଲି ପରିଚୟ ଦେଉଛନ୍ତି ବୋଲି ସେ କହିଛି। ତେଣୁ ତାଙ୍କ କାଫେ ଉପରେ ଗୁଳି ଚଳାଇ ଯାଇପାରିବ ଓ ଏଥିପାଇଁ ଖଲିସ୍ତାନୀ ସମର୍ଥକଙ୍କୁ ଦାୟୀ କରାଯାଇପାରିବ ବୋଲି ସେ କହିଛି। ଏ ସଂକ୍ରାନ୍ତରେ ପନ୍ନୁ ଅଜବ ଯୁକ୍ତି ଉପସ୍ଥାପନା କରିଛି। ଭାରତର ଲୋକ କାନାଡାର ସବୁ ସହରରେ ରହୁଛନ୍ତି। କପିଳ କାଫେ ଖୋଲିବା ବିଶ୍ୱସ୍ତରରେ ହିନ୍ଦୁତ୍ୱର ବିସ୍ତାର ପାଇଁ ଏକ ସୁଚିନ୍ତିତ ଯୋଜନା ତଥା ରଣନୀତର ଅଂଶବିଶେଷ ହୋଇପାରେ। କପିଳ୍ ଭଳି ବ୍ୟକ୍ତି କାନାଡାରେ ବ୍ୟବସାୟ କରିବାକୁ ଆସୁଛନ୍ତି।

# କର୍ଣ୍ଣାଟକ ଗୋକର୍ଣ୍ଣ ଗୁମ୍ଫାରୁ ରୁଷୀୟ ମହିଳା ଓ ୨ ଝିଅ ଉଦ୍ଧାର

କାରବାଡ଼, ୧୨।୭(ଏଜେନ୍ସି): ଉତ୍ତର କନଡ଼ ଜିଲ୍ଲାର କୁମତା ତାଲୁକରେ ରାମତୀର୍ଥ ପାହାଡରେ ଥିବା ଗୋକର୍ଣ୍ଣ ଗୁମ୍ଫାରୁ ଜଣେ ରୁଷୀୟ ମହିଳା ଓ ତାଙ୍କ ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହି ମହିଳା ହେଉଛନ୍ତି ୪୦ ବର୍ଷୀୟା ନୀନା କୁଟିନା। ଏହି ମହିଳା ଜଣକ ବିଜନେସ ଭିଜାରେ ଭାରତ ଆସିଥିଲେ। ସନାତନ ଧର୍ମ ଓ ବଳିଷ୍ଠ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପ୍ରଭାବିତ ହୋଇ ସେ ଗୋଆରୁ ଆସି ଗୋକର୍ଣ୍ଣରେ ପହଞ୍ଚିଥିଲେ। ତାଙ୍କ ସହ ଦୁଇ ଝିଅ ୬ ବର୍ଷୀୟା ପ୍ରିୟା ଓ ୪ ବର୍ଷୀୟ ଅମାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଜଙ୍ଗଲର ମଝିରେ ଏହି ୩ ଜଣ ଦୁଇ ସପ୍ତାହ ରହିଥିଲେ। ଗୁମ୍ଫା ମଧ୍ୟରେ ସେ ସାଧାରଣ ଘର ତିଆରି କରିଥିଲେ। କିଛିଦିନ ତଳେ ହୋଇଥିବା ଭୂସ୍ଖଳନ ପରେ ନିୟମିତ ପେଟ୍ରୋଲିଂ ଅବସରରେ ପୁଲିସ ଗୁମ୍ଫା ବାହାରେ କିଛି ପୋଷାକ ସୁଖା ଯାଉଥିବାର ଦେଖିଥିଲା। ଗୁମ୍ଫା ଭିତରରେ ପହଞ୍ଚିବା ପରେ ପୁଲିସ ମହିଳା ଓ ତାଙ୍କ ଦୁଇ ଝିଅଙ୍କୁ ଦେଖି ଚକିତ ହୋଇଥିଲା। ଘନ ଜଙ୍ଗଲରେ ଏମାନେ କିପର ବଞ୍ଚି ରହିଲେ ଓ କଣ ଖାଉଥିଲେ ସେ ନେଇ ପୁଲିସ କର୍ମଚାରୀ ବେଶ୍ ଚକିତ ହୋଇଥିଲେ। ତେବେ ୩ ଜଣଙ୍କ ସହ କୌଣସି ଦୁର୍ଘଟଣା ହୋଇ ନଥିବା କଥା ପୁଲିସ ସ୍ପଷ୍ଟ କରିଛି। ମହିଳା ଜଣକ ଗୋଆରୁ ଏହି ଗୁମ୍ଫାରେ ଆସି ପହଞ୍ଚିଥିଲେ ବୋଲି ପୁଲିସ କହିଛି। ୨୦୧୭ ସୁଦ୍ଧା ମହିଳାଙ୍କ ଭିଜା ଶେଷ ହୋଇଥିଲା। କିନ୍ତୁ ସେ କେବେଠାରୁ ଭାରତରେ ରହୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଜଣେ ସାଧ୍ୱୀଙ୍କ ଆଶ୍ରମରେ ମହିଳାଙ୍କର ରହିବା ବ୍ୟବସ୍ଥା କରାଯାଇଛି। ଗୋକର୍ଣ୍ଣରୁ ତାଙ୍କୁ ବେଙ୍ଗାଲୁରୁ ନିଆଯିବା ଓ ପ୍ରତ୍ୟାର୍ପଣର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏଥିପାଇଁ ଏକ ସ୍ଥାନୀୟ ଏନ୍‌ଜିଓ ମାଧ୍ୟମରେ ରୁଷ୍ ଦୂତାବାସ ସହ ସମ୍ପର୍କ କରାଯାଇଛି। ଏ ନେଇ ସବୁ ପ୍ରକାର ଔପଚାରିକତା ଆରମ୍ଭ କରାଯାଇଛି। ଏହି ଗୁମ୍ଫା ୫୦୦ ମିଟର ଉଚ୍ଚରେ ରହିଛି। ଏହା ଭିତରେ ଏକ ଶିବଲିଙ୍ଗ ରହିଛି। ସେଠାରେ ବହୁ ସଂଖ୍ୟାରେ ବାଦୁଡି ରହିଥାନ୍ତି। ଏଠାକାର ପ୍ରାକୃତିକ ପରିବେଶ ଓ ଶାନ୍ତ ବାତାବରଣରେ ଯୋଗ ଓ ଧ୍ୟାନ କରିବା ବେଶ୍ ଭଲ ଭାବେ ହୋଇଥାଏ।









ଚିକିତ୍ସା ପରେ ମୁମ୍ବାଇରୁ ଓଡ଼ିଶା ଫେରିବା ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ପାଇଁ ଭୁବନେଶ୍ୱର ବିମାନବନ୍ଦର ଲୋକାରଣ୍ୟ

■ ବାଲେଶ୍ୱର ଘଟଣାକୁ କଡ଼ା ନିନ୍ଦା କଲେ ପିସିସି ସଭାପତି

## ଶିକ୍ଷାନୁଷ୍ଠାନରେ ଅଭାବନୀୟ ଘଟଣା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଭୁବନେଶ୍ୱର, ୧୨।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଏକ ପ୍ରେସ୍ ବିବୃତିରେ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାରେ ମହିଳା ଅସୁରକ୍ଷିତ। ଏକଥା କହି ରାହୁଲ ଗାନ୍ଧୀ ଓଡ଼ିଶା ଛାଡ଼ିବାର ଗୋଟିଏ ଦିନ ହୋଇଛି, ଆଜି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଗଲା। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଲେ।



ଶ୍ରୀ ଦାସ କହିଛନ୍ତି, ଯୌନ ଅନୁଗ୍ରହ ଏବଂ ନିର୍ଯାତନା ବିଷୟରେ କର୍ତ୍ତୃପକ୍ଷ ଅବଗତ ଥିଲେ। କିନ୍ତୁ ଝିଅଟିକୁ ସୁରକ୍ଷା ଦେବା କିମ୍ବା ନ୍ୟାୟ ଦେବା ପାଇଁ କିଛି କରି ନ ଥିଲେ। ତେଣୁ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଏ ଘଟଣା ପାଇଁ ସମାନ ଭାବେ ଦାୟୀ। ରାଜ୍ୟର କୌଣସି ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ମନ୍ତ୍ରୀ ନିଜ ବିଫଳତା ସ୍ୱୀକାର କରି ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଥିସହ ଶ୍ରୀ ଦାସ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

**ବିଜେଡିର ଅଭିଯୋଗ**

## ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ

ଭୁବନେଶ୍ୱର,୧୨।୭ (ସମିସ): ଫକୀର ମୋହନ ମହାବିଦ୍ୟାଳୟର ଶନିବାର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ପରି ଅଭାବନୀୟ ଘଟଣା ଘଟିଛି। ଏପରି ସ୍ପର୍ଶକାତର ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି। ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ନାରୀଟିଏ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି।

■ ମହାବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ, ଅଧ୍ୟକ୍ଷଙ୍କ ଗିରଫ ଦାବିକଲା ଦଳ
■ ଛାତ୍ରୀଙ୍କୁ ଏମ୍ସରେ ଭେଟିଲେ ବିଜେଡିର ପ୍ରତିନିଧିମଣ୍ଡଳୀ
■ ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଂଗୀନ ଅଭିଯୋଗ କରିଥିଲେ। ମାତ୍ର ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ। ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ। ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ



ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ୍ୟ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଲେ। ଛାତ୍ରୀଜଣକ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବୋପରେ। ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ଲଢେଇ ଜାରି ରଖିବ। ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଏହା ଏକ ବଡ ଅଭିଯୋଗ ନୁହେଁ ବୋଲି ଦାୟିତ୍ୱହୀନ ମନ୍ତବ୍ୟ ପ୍ରଦାନ କଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି। ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣଦୁଷ୍କର୍ମ ପରି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ନଲିଭିଥିଲା ବେଳେ ଫକୀର ମୋହନ କଲେଜରେ ଆଜିର ଏହି ଘଟଣା ସାଧାରଣ ଲୋକଙ୍କୁ ମର୍ମାହତ କରିଛି। ଏହି ଘଟଣାରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗୀନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ସୁଲୋଚନା ଦାସ, ବିଧାୟକ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଇପ୍ସିତା ସାହୁ ପ୍ରମୁଖ ରହିଛନ୍ତି।

**ଅଳ୍ପକେ ଟଳିଲା ବଡ଼ ଅଘଟଣ**

## ଓସିଏ କନ୍‌ଫରେନ୍ସ ହଲ୍‌ରେ ଅଗ୍ନିକାଣ୍ଡ

କଟକ, ୧୨।୭ (ସମିସ): ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆଜି ଦିନ ପ୍ରାୟ ୧ଟା୪୦ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଯଦିଓ କେହି ମୃତାହତ ହୋଇ ନାହାନ୍ତି, ଦେଢ଼ କୋଟିରୁ ଅଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଓ ଇଣ୍ଟେରିୟର୍ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି କନ୍ସଫରେନ୍ସ ହଲ୍‌ରେ ରାଜ୍ୟ ଫୁଟ୍‌ବଲ୍ ରେଫରିଙ୍କ ଏକ ସଭା ଓ ପରୀକ୍ଷା ଚାଲିଥିଲା। ସୌଭାଗ୍ୟବଶତଃ ଲଞ୍ଚ ବ୍ରେକ୍‌ରେ ୪୦ ଜଣ ଫୁଟବଲ୍ ରେଫରି କନ୍‌ଫରେନ୍ସରୁ ବାହାରି ଯାଇଥିଲେ। ଠିକ୍ ଏହି ସମୟରେ ହଲ୍ ଭିତରୁ ନିଆଁ ସହ ଧୂଆଁ ବାହାରିଥିଲା। ଖବର ପାଇ ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟରୁ ୨ଟି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ତେବେ ଅଳ୍ପକେ ଏକ ବଡ଼ଧରଣର ବିପଦ ଟଳିଯାଇଛି ବୋଲି ଫାୟାର୍ ଅଫିସର ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି।



ଅଗ୍ନିଶମ ବାହିନୀ ସୂଚନା ଅନୁଯାୟୀ, ଓସିଏ କନ୍‌ଫରେନ୍ସ ହଲ୍‌ରେ ଆଜି ରାଜ୍ୟର ଫୁଟବଲ୍ ରେଫରିମାନଙ୍କୁ ନେଇ ଏକ ସଭା ଏବଂ ପରୀକ୍ଷା କରାଯାଉଥିଲା। ଏଥିପାଇଁ ସମଗ୍ର ରାଜ୍ୟରୁ ଆସିଥିବା ୪୦ରୁ ଅଧିକ ରେଫରି ଏହି ହଲ୍‌ରେ ବସିଥିଲେ। ଟ୍ରେନର୍ ଏବଂ ଓସିଏ ଷ୍ଟାଫ୍‌ଙ୍କୁ ମିଶାଇ ପ୍ରାୟ ୬୦ଜଣ ଲୋକ ଏହି ହଲ୍‌ରେ ଉପସ୍ଥିତ ଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ଲଞ୍ଚ-ବ୍ରେକ୍ ପାଇଁ କୁହାଯାଇଥିଲା। ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ସମସ୍ତ ରେଫରି, କୋଚ୍ ଏବଂ ଓସିଏ ଷ୍ଟାଫ୍ ହଲ୍ ବାହାରକୁ ଆସିଥିଲେ। ଏହାର ୧୦ ମିନିଟ୍ ପରେ ହଲ୍ ବାହାର ଝରକା ଦେଇ ଧୂଆଁ ଓ ନିଆଁ ବାହାରିଥିଲା। ଏଥିରେ ଭୟଭୀତ ହୋଇ ଓସିଏ କର୍ତ୍ତୃପକ୍ଷ ତୁରନ୍ତ ବକ୍ସିବଜାର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଏହାରି ଭିତରେ ଓସିଏ କର୍ମଚାରୀ ପାଖରେ ଥିବା ଫାୟାର୍ ଏକଷ୍ଟିଂଗୁଇସର୍ ଦ୍ୱାରା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିଲେ।

■ ଦେଢ଼ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ
■ ବିଦ୍ୟୁତ୍ ସର୍ଟ-ସର୍କିଟ୍‌ରୁ ବ୍ୟାପିଥିଲା ନିଆଁ
■ ବର୍ତ୍ତିଗଲେ ୪୦ରୁ ଊର୍ଦ୍ଧ୍ୱ ଫୁଟବଲ୍ ରେଫରି

ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ଟି ୱାଟର୍ ଟ୍ୟାଙ୍କର୍‌ରୁ ହଲ୍ ମଧ୍ୟକୁ ପାଣି ମାଡ଼ କରିଥିଲେ। ଏଥିସହ ସ୍ମୋକ୍-ଡିଟେକ୍ଟର୍ ଓ ବ୍ରିଦିଂ ଆପାରେଟସ୍ ସାହାଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ହଲ୍ ମଧ୍ୟକୁ ପ୍ରବେଶ କରି ନିଆଁ ଲିଭାଇବା ସହ ଧୂଆଁକୁ ଅଟକାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ୮ଟି ଏସି, ଷ୍ଟାବିଲାଇଜର୍, ୫ଟି ଲ୍ୟାପଟପ୍, ହଲ୍ ଭିତର ଅତ୍ୟାଧୁନିକ ଇଣ୍ଟେରିୟର୍, ଚେୟାର୍, ମାଇକ୍ ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିଶମ ବାହିନୀର ପ୍ରାଥମିକ ତଦନ୍ତ ତଥା ଆକଳନ ଅନୁଯାୟୀ, ପ୍ରାୟଦେଢ଼ କୋଟିରୁଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ସହଯୋଗ କରିଥିଲା। ଅଗ୍ନିକାଣ୍ଡର କାରଣ'ବିଦ୍ୟୁତ୍ ସର୍ଟ-ସର୍କିଟ୍‌ଜନିତ ବୋଲି କୁହାଯାଉଛି। କିନ୍ତୁ ଆସନ୍ତାକାଲି ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସାମ୍ନାକୁ ଆସିବ।

## ବଜ୍ରପାତ ନେଲା ୩ ଜୀବନ

### କେନାଲ କାମ ବେଳେ ଟଳିପଡ଼ିଲେ

ନୀଳଗିରି, ୧୨।୭ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ରେ ଆଜି ବଜ୍ରପାତରେ ୩ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ମୃତକମାନେ ହେଲେ, ନୀଳଗିରି ଉପଖଣ୍ଡ ବରହମ୍‌ପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢ଼େଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା (୨୮)। ଏଥିସହ ଏହି ଅଘଟଣରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ସମସ୍ତେ କେନାଲ କାମରେ ନିୟୋଜିତ ଥିବା ବେଳେ ଏହି ଅଘଟଣ ଘଟିଥିଲା।

ସୂଚନାନୁଯାୟୀ, ରିଷିଆ ଡ୍ୟାମ୍ ରାଇପାଳସ୍ଥିତ ଶାଖା କେନାଲରେ ୧୦ରୁ ଅଧିକ ଶ୍ରମିକ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲି ଆସିଥିଲେ। ସେଠାରେ ଶ୍ରମିକମାନେ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଦିନ ପ୍ରାୟ ୨ଟା ସମୟରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ମାମି, ଆଲାମଣି ଓ ଅଜିତ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଏବଂ ଶ୍ରମିକମାନେ ସେମାନଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରହମପୁର ଏବଂ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

■ ବାମନଘାଟିରେ ପୁଣି ଦୁର୍ବୃତ୍ତଙ୍କ ଆତଙ୍କ

## ଲୁଟ୍ ଉଦ୍ଦେଶ୍ୟରେ ଖଣି କର୍ମଚାରୀଙ୍କୁ ଗୁଳି

ରାଇରଙ୍ଗପୁର, ୧୨।୭ (ସମିସ): ବାମନଘାଟି ଅଞ୍ଚଳରେ ପୁଣି ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଆତଙ୍କ ଖେଳାଇଛନ୍ତି। ଲୁଟ୍ ଉଦ୍ଦେଶ୍ୟରେ ଜଣେ ଖଣି କର୍ମଚାରୀଙ୍କୁ ଗୁଳି କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ସଂପୃକ୍ତ ବ୍ୟକ୍ତିଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ, ମହାଦେବ ମାର୍ଣ୍ଡି। ସେ ବାଦାମପାହାଡ଼ ଲୌହ ଖଣିରେ କାମ କରନ୍ତି। ଏ ସଂପର୍କରେ ସେ ଯୋଡ଼ାପୋଖରୀ ଫାଣ୍ଡିରେ ଅଭିଯୋଗ କରିବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ।

**ଅଳ୍ପକେ ବର୍ତ୍ତିଗଲେ**

ସୂଚନାନୁସାରେ, ଶ୍ରମିକଙ୍କୁ ଟଙ୍କା ବାଣ୍ଟିବାକୁ ଆଜି ମଧ୍ୟାହ୍ନରେ ମହାଦେବ ଏକ ବଲେରୋରେ ଟଙ୍କା ନେଇ ରାଇରଙ୍ଗପୁରରୁ ବାଦାମପାହାଡ଼ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ଗୋପାଳପୁର ନିକଟ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପ ପାଖରେ ସେମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। କିନ୍ତୁ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଯିବାରୁ ମହାଦେବ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

## ଚାକିରି ଦେବାକୁ ଡାକି ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ

କୋରାପୁଟ, ୧୨।୭ (ସମିସ): ଚାକିରି କରାଇଦେବା ଆଳରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବିକ୍ରି ଉଦ୍ୟମ କରୁଥିବା ବେଳେ କୋରାପୁଟ ଟାଉନ୍ ଥାନା ପୁଲିସ ଏକ ଦଲାଲ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ, କୋରାପୁଟ ସହରର ଅରୁଣ କୁମାର ସାହୁ (୫୨) ଓ ପଲ୍ଲବୀ ବେହେରା (୪୫)। ପୁଲିସ୍ ସୂଚନାନୁଯାୟୀ, ଅରୁଣ ୮ ତାରିଖରେ କୋଲକାତାର ସୋମା ଘୋଷ (୩୬)ଙ୍କୁ ଫୋନ୍ କରି କୋରାପୁଟ ହସ୍ପିଟାଲରେ ଚାକିରି କରାଇ ଦେବାକୁ ଡାକିଥିଲେ। ସୋମା କୋରାପୁଟ ପହଞ୍ଚି ଦୁଇ ଦିନ ରହିଲେ। ଶୁକ୍ରବାର ରାତିରେ ଅରୁଣ ଓ ପତ୍ନୀ ପଲ୍ଲବୀ ତାଙ୍କୁ ବାଇକ୍‌ରେ ବସାଇ କେଉଁଠାକୁ ବିକ୍ରି କରିବାକୁ ନେଉଥିଲେ। ଏହି ସମୟରେ ପୁଲିସ ପାଟ୍ରୋଲିଂ ଜିପ୍ ଦେଖି ସୋମା ଚିତ୍କାର କରିଥିଲେ। ଚିତ୍କାର ଶୁଣି ପୁଲିସ ଗାଡ଼ି ଅଟକାଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ତିନିଜଣଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସୋମାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଟାଉନ ଥାନାରେ ବିଭିନ୍ନ ଦଫାରେ ଏକ ନମ୍ବର ୧୪୪/୨୫ରେ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବ୍‌ଇନ୍ସପେକ୍ଟର୍ ଲତିକା ବୈଦ୍ୟ ଏହି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

**ଦଲାଲ ଦମ୍ପତି ଗିରଫ**

■ ବିଜେପିର ପ୍ରତିକ୍ରିୟା ଉପରେ ଉତ୍ତର ରଖିଲା ଯୁବ କଂଗ୍ରେସ

## କଂଗ୍ରେସ ଲୋକପ୍ରିୟତା ଦେଖି ବିଜେପି ସହିପାରୁନି

ଭୁବନେଶ୍ୱର,୧୨।୭ (ସମିସ): କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶର ଜନସମୁଦ୍ରକୁ ଦେଖି ବିଜେପି ସରକାର ଭୟଭୀତ ହୋଇପଡ଼ିଛି। ତେଣୁ କଂଗ୍ରେସ ବିରୋଧରେ ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ନେତାମାନେ ବିଷୋଦ୍‌ଗାର କରିବାରେ ଲାଗିଛନ୍ତି ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସର ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ୍ ବିବୃତିରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଶ୍ରୀ ସାମଲ କହିଛନ୍ତି, ସମାବେଶରେ କେବଳ କଂଗ୍ରେସ କର୍ମୀ ନ ଥିଲେ, ଏଥିରେ ଓଡ଼ିଶାର ଅଗଣିତ ଉପେକ୍ଷିତ, ନିର୍ଯ୍ୟାତିତ ଓ ଅତ୍ୟାଚାରିତ ଜନତା ଅଂଶଗ୍ରହଣ କରିଥିଲେ। ଅନିୟନ୍ତ୍ରିତ ମହିଳା ଅତ୍ୟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅମାନୁଷିକ ଆକ୍ରମଣ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକମାନଙ୍କୁ ଉପେକ୍ଷା ଓ ଅତ୍ୟାଚାରର ପ୍ରତିବାଦ କରି ଓଡ଼ିଶାର କୋଣଅନୁକୋଣରୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମାବେଶକୁ ଆସିଥିଲେ। ରାହୁଲ ଗାନ୍ଧୀଙ୍କୁ ସେମାନେ ତାଙ୍କ ନେତା ବୋଲି ଭାବି ତାଙ୍କ ପାଖରେ ଅଭିଯୋଗ କରିବା ପାଇଁ ଛୁଟି ଆସିଥିଲେ। ଏହାକୁ ଦେଖି ବିଜେପି ଅସହିଷ୍ଣୁ ହୋଇପଡ଼ିଛି। ଓଡ଼ିଶାରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଶାନ୍ତିରେ ବଞ୍ଚିବା ପାଇଁ ଦିଆଯାଉ ନାହିଁ। ମହିଳାମାନଙ୍କର ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଛି। ଯୁବ, ଛାତ୍ର, ମହିଳା, ଚାଷୀ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ପାଉନାହାନ୍ତି। ଏହା ଉପରେ ସରକାର ଦୃଷ୍ଟି ଦେବା ଜରୁରୀ ବୋଲି ସେ କହିଛନ୍ତି।

## ପଞ୍ଜୀକରଣ ଉଦ୍ଦିଷ୍ଟ କୌଣସି ଦସ୍ତାବିଜକୁ ସବ୍-ରେଜିଷ୍ଟ୍ରାର ମୌଖିକ ଭାବେ ଅଗ୍ରାହ୍ୟ କରିପାରିବେ ନାହିଁ: ହାଇକୋର୍ଟ

କଟକ,୧୨।୭ (ସମିସ): ସବ୍-ରେଜିଷ୍ଟ୍ରାର କୌଣସି ଦସ୍ତାବିଜ୍‌କୁ ଗ୍ରହଣ କରିବାକୁ ମୌଖିକ ଭାବେ ମନା କରିପାରିବେ ନାହିଁ। ଯେତେବେଳେ ତାହା ପଞ୍ଜୀକରଣ ପାଇଁ ଉପସ୍ଥାପନ କରାଯାଏ, ସେହି ଦସ୍ତାବିଜକୁ ପଞ୍ଜୀକରଣ କରିବେ। ଯଦି ସେହି ଦସ୍ତାବିଜ ଆଇନଗତ ଭାବେ ଉପଯୁକ୍ତ ନୁହେଁ, ତାହେଲେ ପଞ୍ଜୀକରଣ ପାଇଁ ଗ୍ରହଣ ନ କରିବାର ଲିଖିତ ଭାବେ କାରଣ ଦର୍ଶାଇବାକୁ ପଡ଼ିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନ୍ତର୍ଯାମୀ ନାୟକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ- ୧୯୮୮ ଅନୁଯାୟୀ ଯେତେବେଳେ କୌଣସି ବିକ୍ରି ଦଲିଲ ପଞ୍ଜୀକରଣ ପାଇଁ ଉପସ୍ଥାପିତ ହୁଏ, ତାହା ଗ୍ରହଣ କରିବା ସବ୍-ରେଜିଷ୍ଟ୍ରାରଙ୍କ କର୍ତ୍ତବ୍ୟ ଏବଂ ଯଦି ଏହା ଆଇନର ବ୍ୟବସ୍ଥା ସହ ଅନୁପାଳନ କରେ ନାହିଁ, ତେବେ ସବ୍-ରେଜିଷ୍ଟ୍ରାର ଲିଖିତ କାରଣ ଦର୍ଶାଇ ପଞ୍ଜୀକରଣ ପାଇଁ ସେହି ଦଲିଲକୁ ଗ୍ରହଣ କରିବାକୁ ମନା କରିପାରନ୍ତି ବୋଲି କହିଛନ୍ତି ଅଦାଲତ। ତେଣୁ, ଉଲ୍ଲିଖିତ ଆଇନ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ର ଧାରା ୧୪୭କୁ ବିଚାରକୁ ନେଇ ଆବେଦନକାରୀ ବିକ୍ରୟପତ୍ର (ସେଲ୍-ଡିଡ୍) ଉପସ୍ଥାପନ କଲେ ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର ଏହାକୁ ଗ୍ରହଣ କରିବା ସହ ଭାରତୀୟ ପଞ୍ଜୀକରଣ ଆଇନ-୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ ନିୟମ-୧୯୮୮ ଅନୁଯାୟୀ କାର୍ଯ୍ୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ସବ-ରେଜିଷ୍ଟ୍ରାର୍ ପଞ୍ଜୀକରଣ ପାଇଁ ଉପସ୍ଥାପିତ ବିକ୍ରୟ ପତ୍ର ଗ୍ରହଣ କରୁନଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି

କଟକ,୧୨।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପବାରେ ଲାଗିଛି। ବିଶ୍ୱବିଦ୍ୟାଳୟର ୨ ଛାତ୍ରାବାସର ପ୍ରାୟ ୪୦ରୁ ଅଧିକ ଅନ୍ତେବାସୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଦୂଷିତ ପାନୀୟ ଜଳ ଏବଂ ଖାଦ୍ୟ ଯୋଗୁଁ ଏଭଳି ଝାଡ଼ାବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ଛାତ୍ରାବାସରେ ପିଇବା ପାଣିକୁ ନେଇ ସମସ୍ୟା ଦେଖାଦେଇଥିବା ବେଳେ ଅନ୍ୟ ହଷ୍ଟେଲଗୁଡ଼ିକରେ ମଧ୍ୟ ଅନ୍ତେବାସୀମାନେ ଦୂଷିତ ପାଣି ବ୍ୟବହାର କରୁଥିବା ଜଣାପଡ଼ିଛି।



ତେଣୁ ଆଗକୁ ଝାଡ଼ାବାନ୍ତି ଆହୁରି ବ୍ୟାପିବାର ଆଶଙ୍କା ଦେଖାଦେଇଛି।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ନ୍ୟୁ-ପିଜି ଛାତ୍ରାବାସ ଏବଂ ଧର୍ମପଦ ଛାତ୍ରବାସରେ ଅନ୍ତେବାସୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତରାତିରେ ଅନ୍ତେବାସୀମାନେ ଖାଦ୍ୟ ଖାଇ ଶୋଇଥିଲେ। ଆଜି ସକାଳୁ କିଛି ଅନ୍ତେବାସୀଙ୍କ ଦେହ ହଠାତ୍ ଖରାପ ହୋଇଥିଲା। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ହେଲେ ମଧ୍ୟାହ୍ନଭୋଜନ ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ପୂର୍ବରୁ ପାଖାପାଖି ୧୦ଜଣ ଆକ୍ରାନ୍ତ ହୋଇଥିବା ବେଳେ ଅପରାହ୍ଣ ସୁଦ୍ଧା ସଂଖ୍ୟା ୪୦ରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ମଧ୍ୟାହ୍ନରେ ଅନ୍ତେବାସୀ ଖାଇଥିବା ଖାଦ୍ୟ ବିଷାକ୍ତ ହେବା ଦ୍ୱାରା ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ବିଶ୍ୱବିଦ୍ୟାଳୟର ୧୩ଟି ହଷ୍ଟେଲରେ ରୋଷଇଶାଳାରେ କୌଣସି ସ୍ୱଚ୍ଛତା ରହୁନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଏ ସଂକ୍ରାନ୍ତରେ ଅନ୍ତେବାସୀମାନେ ବାରମ୍ବାର ହଷ୍ଟେଲ ୱେଡେର୍ନଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।

■ ୪୦ ଅନ୍ତେବାସୀ ଅସୁସ୍ଥ
■ ୧୫ ଗୁରୁତର ଏସ୍‌ସିବିରେ ଭର୍ତ୍ତି
■ ଦୂଷିତ ପାଣି ଯୋଗୁଁ ଝାଡ଼ାବାନ୍ତି ଆଶଙ୍କା

## ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ବିଜୁଳି କଟିଲେ ନାହିଁ ବିକଳ୍ପ ବ୍ୟବସ୍ଥା

# ମୋବାଇଲ୍ ଆଲୁଅରେ ଚାଲୁଛି ରୋଗୀ ସେବା

ମାଥିଲି, ୧୨।୭ (ସମିସ)



ମାଲକାନଗିରି ଜିଲ୍ଲାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ପୁଣିଥରେ ଅନ୍ୟ ଏକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପୂର୍ବରୁ ଶୌଚାଳୟରେ ତାଲା ଝୁଲୁଥିବା ବେଳେ ବର୍ତ୍ତମାନ ଚିକିତ୍ସାଳୟରେ ବଜୁଳି ଆଲୁଅ ନଥିବାରୁ ଅନ୍ଧକାର ମଧ୍ୟରେ ରୋଗୀ ସେବା ପ୍ରଭାବିତ ହେଉଛି। ମୋବାଇଲ ଟର୍ଚ୍ଚ ଆଲୋକରେ ଚିକିତ୍ସା ସେବା ଦିଆଯାଉଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମାଥିଲିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ଏହି ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବିଜୁଳି କଟିଲେ ବିକଳ୍ପ ବିଜୁଳି ବ୍ୟବସ୍ଥା ନାହିଁ। ଫଳରେ ରୋଗୀ ଏବଂ ଡାକ୍ତରଙ୍କ ସହ ଅନ୍ୟମାନଙ୍କ ମୋବାଇଲ ଟର୍ଚ୍ଚ ଆଲୋକରେ ଜାରି ରହୁଛି ସ୍ୱାସ୍ଥ୍ୟ ସେବା। ଏପରି ସ୍ଥିତିକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ କ୍ଷୋଭ ବ୍ୟକ୍ତ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମାଥିଲି ବ୍ଲକର ୨୦ଟି ପଞ୍ଚାୟତ ସହ ପଡ଼ୋଶୀ ବ୍ଲକ ଖଇରପୁଟ ଓ ପାଣ୍ଡିପାଣି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ନିର୍ଭର କରୁଛନ୍ତି। ଏପରିସ୍ଥିତିରେ ବିଜୁଳି କଟିଲେ ଗୁରୁତର ରୋଗୀମାନଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ପ୍ରଦାନ ସତ୍ତ୍ୱେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି। ଏହି ଅବସ୍ଥା ନେଇ ଅଞ୍ଚଳର ନାନା ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ହେଉଛି ମୂଳ ଅଧିକାର, ଯଦି ଏପରି ଅବ୍ୟବସ୍ଥା ଚାଲିଥାଏ ତେବେ ଅନ୍ତର୍ଜାତୀୟ ମାନଦଣ୍ଡ କେଉଁଠି ରହିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାକୁ ନେଇ ସ୍ୱର ଉଠେଇଛନ୍ତି ସ୍ଥାନୀୟ ବିରୋଧୀ ଦଳର ନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଓ ବିଜେଡ଼ି ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ। ସେ ରାଜ୍ୟ ଓ ମାଲକାନଗିରି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ଚିତ୍ର କେବେ ବଦଳିବ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ନୂଆ ସରକାର ଆସିବା ଦିନଠାରୁ ଏପରି ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ଅଭିଯୋଗ ମଧ୍ୟ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ୬ ଗୋରୁ ମୃତ



କାଲିମେଳା, ୧୨।୭ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା ଏମ୍‌ଭି ୬୬ ଗ୍ରାମ ଛକ ନିକଟରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ୬ ଗୋରୁଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଆନ୍ଧ୍ର ପ୍ରଦେଶ ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ଏମ୍‌ଭି ୬୬ ମୁଖ୍ୟ ରାସ୍ତାରେ ଶୋଇଥିବା ୬ ଗୋରୁକୁ ଧକ୍କା ଦେବା ଫଳରେ ଗୋରୁମାନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଦୁର୍ଘଟଣାରେ ମୃତ ଗୋରୁ ଗୁଡିକ ଏମ୍‌ଭି ୬୬ ଗ୍ରାମର ସମ୍ଭୁ ଢାଲୀ, ବିଶ୍ୱଜିତ ପାତ୍ର, ସୁବାଷ ଶର୍କରା, ଦୀପଙ୍କର ମଣ୍ଡଳ, ସମୀର ମଜୁମଦାରଙ୍କ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୩ ଟି ଗାଇ, ଗୋଟିଏ ବାଛୁରି ଏବଂ ୨ ବଳଦ ଥିବା ଜଣାପଡ଼ିଛି। ସୂଚନା ପାଇ କାଲିମେଳା ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

କୋରୁକୋଣ୍ଡା/ବାଲିମେଳା, ୧୨।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧିନସ୍ଥ ପୁରୁଣା ଚିତାପାରି ଗ୍ରାମର ଜୟରାମ ଖରାଙ୍କ ପୁଅ ଶରତ ଖରା(୨୪)ଙ୍କର ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଶନିବାର ସକାଳେ ଉଦ୍ଧାର ହୋଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସାପ କାମୁଡି ଥିବା ଯୋଗୁଁ ଶରତଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ପରିବାର ଲୋକେ ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (୧୧/୨୦୨୫) ରୁଜୁ କରିଛି। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ପ୍ରଦୀପ କୁମାର ଖିଲଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଶରତଙ୍କ ମୃତଦେହକୁ ଜବତ କରି ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତ ଦେହକୁ ତାଙ୍କ ପରିବାର ଲୋକଙ୍କୁ ପୁଲିସ ହସ୍ତାନ୍ତର କରିଛି। ସୂଚନା ମୁତାବକ, ଶନିବାର ସକାଳୁ ଶରତ ଅଚେତ ଅବସ୍ଥାରେ ଏକ ଗଛ ମୂଳେ ଶୋଇଥିବା ଓ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କ ସହାର୍ଯ୍ୟରେ ଚିକିତ୍ସା ନିମନ୍ତେ ତାଙ୍କୁ ବାଲିମେଳା ମେଡିକାଲକୁ ନିଆଯାଇଥିଲା। ସେଠାରେ ଶରତଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶରତଙ୍କର ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶ୍ରୀ ବାରିକ କହିଛନ୍ତି।

## ଟିକିରି କେଶବ ପ୍ରଭାତ ଶାଖା ପକ୍ଷରୁ ଗୁରୁପୂର୍ଣ୍ଣିମା



ଟିକିରି, ୧୨।୭ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ମନ୍ଦିରଠାରେ କେଶବ ପ୍ରଭାତ ଶାଖା ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ରାଜେନ୍ଦ୍ର ମଣ୍ଡଳ, ସମ୍ମାନିତ ଅତିଥି ଗିରିଜା ପ୍ରସାଦ ପଣ୍ଡା, କାଶିପୁର ସହ ଗଣ୍ଡ କାର୍ଯ୍ୟବାହ ସୁବାସ ନାୟକ ଓ ମୁଖ୍ୟବକ୍ତା ଭାବେ ଗଣେଶ ମାଲି ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଗୁରୁଙ୍କ ମହତ୍ୱ, ଆବଶ୍ୟକତା ଓ ସମାଜ ଗଠନ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭୂମିକା ଉପରେ ଆଲୋକପାତ କରିଥିଲେ। ସମସ୍ତେ ଗୁରୁପୂଜନ କରିବା ସହ ଆଗାମୀ ଦିନରେ ଟିକିରି ଅଞ୍ଚଳରେ ସଙ୍ଘ ଶାଖାର ବୃଦ୍ଧିପାଇଁ ସଂକଳ୍ପ ନେଇଥିଲେ। ସତାଦିକ ସ୍ୱୟଂ ସେବକ ଶୁଭେଚ୍ଛା ଓ ସଙ୍ଘପ୍ରେମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁଡୁମୁଲୁଗୁମ୍ମା, ୧୨।୭ (ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କନ୍ଦର୍ପ ଦଳେଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଜିର ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିଦ୍ୟାଳୟ ପରିଚାଳନାର ପୁରାତନ କମିଟି ସଦସ୍ୟ ସୁକୁମାର ଦେଓ, ବାଳକୃଷ୍ଣ ପ୍ରଧାନ, ମଳୟ କୁମାର ନନ୍ଦୀ, ଦିଲ୍ଲୀପ କୁମାର ଦାସ, ଭଗବାନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକତାକୁ ନିଜ ଜୀବନର ଏକ ବ୍ରତ ଭାବେ ଗ୍ରହଣ କରିଥିବାରୁ ଛାତ୍ରଛାତ୍ରୀମାନଙ୍କ ସହ ସମସ୍ତଙ୍କ ନିକଟରେ ଆଦର୍ଶ ଶିକ୍ଷକ ରୂପେ ପରିଗଣିତ ହୋଇଛନ୍ତି ବୋଲି ଅଧ୍ୟକ୍ଷ କହିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭମନାସୀ ଥିଲେ। ଶେଷରେ ଶ୍ରୀ ଦଳେଇ ବର୍ତ୍ତମାନ ସମୟର ସଠିକ ଉପଯୋଗ ଓ ବିନିଯୋଗ ଏକ ଅମୁଲମୁଲ୍ୟ ସଦୃଶ୍ୟ ଯାହାର କୌଣସି ତୁଳନା ନାହିଁ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଦଳେଇଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ■ ମାଲକାନଗିରି ବଜାରରେ ଶ୍ରାବଣ ଛତୁ

## ଆକାଶଛୁଆଁ ଦର ସତ୍ତ୍ୱେ ରହିଛି ଚାହିଦା



ମାଲକାନଗିରି, ୧୨।୭ (ସମିସ): ଶ୍ରାବଣ ମାସରେ ମାଲକାନଗିରି ବଜାରକୁ ଆସିଛି ଶ୍ରାବଣ ଛତୁ। ବିଭିନ୍ନ ଛତୁ ମଧ୍ୟରେ ଏହି ଛତୁ ଲୋକଙ୍କ ବେସ ପସନ୍ଦ ହୋଇଥାଏ। ଏହାର ସ୍ୱାଦ ଆମିଷ ଠାରୁ ବି ଅଧିକ ବୋଲି କୁହାଯାଉଥିବା ବେଳେ ଏହାର ଦର ଆକାଶ ଛୁଆଁ ସତ୍ତ୍ୱେ ମାଲକାନଗିରି ବଜାରରେ ଏହାର ଚାହିଦା ରହିଥିବା ଦେଖିବାକୁ ମିଳିଛି। ଆକାଶ ଛୁଆଁ ଦର ସତ୍ତ୍ୱେ ଏହି ଛତୁ ବଜାରକୁ ଆସିବା ମାତ୍ରେ କିଛି ମିନିଟ ଭିତରେ ଗ୍ରାହକ ଏହାକୁ କିଣି ନେଉଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲାରେ ବର୍ଷା ଲାଗିରହିଥିବାରୁ ପାହଡ, ଜଙ୍ଗଲରେ ପ୍ରଚୁର ପରିମାଣରେ ଶ୍ରାବଣ ଛତୁ ହୁଏ। ମାଲକାନଗିରି ବଜାରରେ ଏହି ଛତୁ ଏବେ ୮୦୦ରୁ ୯୦୦ଟଙ୍କାରେ ବିକ୍ରି ହେଉଥିଲେ ମଧ୍ୟ ଗ୍ରାହକମାନେ ନିଜ ନିଜଘରକୁ ଅନନ୍ଦରେ ଛତୁ କିଣି ନେଇଛନ୍ତି। ବର୍ତ୍ତମାନ ଏହି ଛତୁ ବଜାରକୁ ନୂଆ ନୂଆ ଆସୁଥିବା ବେଳେ ଏହାକୁ କିଣିବା ପାଇଁ ବେପାରିମାନଙ୍କ ନିକଟରେ ଗ୍ରାହକଙ୍କ ଭିଡ ଲାଗୁଛି। ଛତୁ ବେପାରିମାନେ ମଧ୍ୟ ବେସ ଦୁଇପଇସା ରୋଜଗାର କରୁଛନ୍ତି। ତେବେ ଏହି ଛତୁ ଜିଲ୍ଲାର ଅନେକ ପରିବାରକୁ ରୋଜଗାର ଯୋଗାଇ ଆସୁଥିବାବେଳେ ମାଲକାନଗିରି ଜିଲ୍ଲାର ଏହି ବଣ ପାହଡ ଘେରା ବନାନିର ବନବାସୀଙ୍କ ପାଇଁ ଏହା ପେଟକୁ ଦାନା ଯୋଗାଇଦେଇଛି।

## ଉତ୍କଳ ଆଲୁମିନା ପକ୍ଷରୁ ହାଲୁକା ମୋଟର ଯାନ ପ୍ରଶିକ୍ଷଣ ଶିବିର




ଟିକିରି/କାଶିପୁର, ୧୨।୭ (ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଯୁବପିଢ଼ୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ନିମନ୍ତେ ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ଆଲୁମିନା, ବାଫ୍ଲିମାଳି ଖଣି ସିଏସ୍‌ଆର ବିଭାଗ ତରଫରୁ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ମାଇକାଞ୍ଚ ପଞ୍ଚାୟତ ନୂଆଗାଁଠାରେ କୁଶଳି ପ୍ରକଳ୍ପ ଅନ୍ତର୍ଗତ ହାଲୁକା ମୋଟରଯାନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏକମାସ ଧରି ଚାଲିବାକୁ ଥିବା ଏହି ଶିବିରରେ ଅଧାରୁ ପାଠ ଛାଡି ଗ୍ରାମାଞ୍ଚଳରେ ବେକାର ହୋଇ ରହିଥିବା ଯୁବବର୍ଗଙ୍କୁ ଅର୍ଥ ଉପାର୍ଜନ ସକାଶେ ଖଣି ସିଏସ୍‌ଆର ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଶିବିର ଶୁଭାରମ୍ଭ ହୋଇଛି। ଗତ ଜାନୁଆରୀ ମାସରେ ଆରମ୍ଭ ହୋଇ ଫେବୃଆରୀ ମାସ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଶିବିରରେ ଅଂଶଗ୍ରହଣ କରି ଜିଲ୍ଲା ପରିବହନ ବିଭାଗ ତରଫରୁ ଆୟୋଜିତ ହାଲୁକା ଯାନ ଚଳାଇବା ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ୩୦ ଜଣ ଯୁବକଙ୍କୁ ସର୍ବଭାରତୀୟ ମାନ୍ୟତା ପ୍ରାପ୍ତ ଲାଇସେନ୍ସ ପ୍ରଦାନ କରାଯାଇଛି। ଏବେ ଏହି ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଗ୍ରହଣ ସକାଶେ ପୁଣି ୩୦ ଜଣ ଯୁବକଙ୍କ ନାମ ପଞ୍ଜିକରଣ ହୋଇଛି। ସ୍ଥାନୀୟ ମାଇକାଞ୍ଚ ଓ କୋଡିପାରି ଗ୍ରାମପଞ୍ଚାୟତ ଅଧୀନ ଅଣ୍ଡିରାକଞ୍ଚ, ପାଇକକୁପାଖଲ, ମାଇକଞ୍ଚ, ନୂଆଗାଁ, ରେଙ୍ଗ ଓ ଯୋଗିପାରିତୁଣ୍ଡା ଗ୍ରାମର ଯୁବକମାନେ ଏଥିରେ ପଞ୍ଜିକରଣ କରିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ଖଣି ମୁଖ୍ୟ ବିଜୟ ଚୌହାନ, ଖଣି ବିଭାଗ ସିଏସ୍‌ଆର ମୁଖ୍ୟ ମନୋଜ କୁମାର ଦାସଙ୍କ ସମେତ ମାଇକାଞ୍ଚ ପଞ୍ଚାୟତ ସରପଞ୍ଚ ମସ୍ତରାମ ମାଝି, ସମିତି ସଭ୍ୟ ହରିଶ ଚନ୍ଦ୍ର ଦଳପତି, ଗୋଷ୍ଠୀ ମୁଖ୍ୟ କିଶୋର ଦିଶାରୀ, ମରକନ୍ଦ ଦିଶାରୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣି ମୁଖ୍ୟ ବିଜୟ ଚୌହାନ କହିଛନ୍ତି, ତାଲିମ ହାସଲ କରିଥିବା ଯୁବ ବର୍ଗ ନିଜ ପରିବାର ପ୍ରତିପୋଷଣ ପାଇଁ ବର୍ତ୍ତମାନ ଆତ୍ମନିର୍ଭରଶୀଳ ହୋଇଛନ୍ତି। ସେମାନେ ସମଗ୍ର ଦେଶରେ ଗାଡ଼ି ଚାଳନା ପାଇଁ ଯୋଗ୍ୟ ବିବେଚିତ। ଏହା ସେମାନଙ୍କ ଜୀବିକା ଅର୍ଜନରେ ସାହାଯ୍ୟ କରିବ। ଦକ୍ଷ ଭାବେ ଗାଡି ଚାଳନା ଦ୍ୱାରା ସେମାନେ ନିଜର ଓ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା କରିପାରିବେ ବୋଲି ଶ୍ରୀ ଚୌହାନ ପ୍ରକାଶ କରିଥିଲେ। ମଇକାଞ୍ଚ ସରପଞ୍ଚ ମସ୍ତରାମ ମାଝି ଉତ୍କଳ ଆଲୁମିନାର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିପରି ସମିତି ସଦସ୍ୟ ହରିଶ ଚନ୍ଦ୍ର ଦଳପତି ଗ୍ରାମରେ ହୋଇଥିବା ବିକାଶ ପାଇଁ ବିଭିନ୍ନ ସିଏସ୍‌ଆର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏଥିସହିତ ଆଗାମୀ ଦିନରେ ଏଭଳି ଉନ୍ନୟନ ମୂଳକକାର୍ଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ସିଏସ୍‌ଆର ବିଭାଗ କର୍ମକର୍ତ୍ତା ତଥା ସିଏସ୍‌ଆର ମ୍ୟାନେଜର ସୁଶାନ୍ତ ଧଳ, ମାଇନ୍ସ ଆଡମିନ ଓ ଡେପୁଟି ମ୍ୟାନେଜର ବିନୋଦ ପୂଜାରୀ, ବରିଷ୍ଠ ଅଧିକାରୀ ସୁଧୀର କୁମାର ନାୟକ, ମାଇନ୍ସ ଆଡମିନ ଅଧିକାରୀ ପ୍ରଶାନ୍ତ ସିଂ, ସହାୟକ ଅଧିକାରୀ ଏମ୍ ଦେବୀ ପ୍ରିୟା ଓ ଡେପୁଟି ଅଧିକାରୀ ସଞ୍ଜୀବ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶେଷରେ ବୃକ୍ଷରୋପଣ କରାଯାଇଥିଲା।

## ଗୋରୁ ଗୁହାଳ ପାଲଟିଛି ଜାତୀୟ ରାଜପଥ



ମାଥିଲି, ୧୨।୭ (ସମିସ): ମାଲକାନଗିରି ଜିଲ୍ଲା ଦେଇ ଜୟପୁରକୁ ସଂଯୋଗ ହୋଇଥିବା ୩୨୬ ବର୍ତ୍ତମାନ ଗୋରୁ ଗୁହାଳ ପାଲଟିଛି। ଏହି ରାସ୍ତା ମାଲକାନଗିରି ଜିଲ୍ଲାର ମାଥିଲି ଦେଇ ଯାଇଥିବାବେଳେ ମାଥିଲି ଅଞ୍ଚଳରେ ରାସ୍ତାଟି ମନୁଷ୍ୟଙ୍କ ପାଇଁ ନା ଗାଈ ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଦିନ ଦ୍ୱିପ୍ରହରରେ ଗାଈ ଓ ଅନ୍ୟ ପଶୁମାନେ ରାସ୍ତାରେ ଘୁରୁଛନ୍ତି। ଯାହା ଫଳରେ ପ୍ରତିଦିନ ଦୁର୍ଘଟଣା, ଟ୍ରାଫିକ ଜାମ, ଆମ୍ବୁଲାନ୍ସ ବିଳମ୍ବ ଓ ମାନବ ଜୀବନ ହାନି ପର୍ଯ୍ୟନ୍ତ ସ୍ଥିତି ଉପୁଜୁଛି। ଗାଡି ସହ ଧକ୍କା ତ କେତେବେଳେ ରାସ୍ତା କଡ ନାଳରେ ପଡ଼ି ଗାଈମାନେ ମୃତାହତ ହେବା ସହ ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ଏହି ଗାଈ ଗୁଡିକୁ ରାଜ ରାସ୍ତାରେ ଛାଡି ଦେଉଥିବା ଗାଈ ମାଲିକମାନଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ 'ଏକ ପେଡ଼୍ ମା' କେ ନାମ' କାର୍ଯ୍ୟକ୍ରମ



ମାଲକାନଗିରି, ୧୨।୭ (ସମିସ): ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରେ 'ଏକ ପେଡ଼ ମା' କେ ନାମ' ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ କୈଳାଶ ମୀଣା ଓ ମୁଖ୍ୟଅତିଥି ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟରେ ୫୦ରୁ ଉର୍ଦ୍ଧ୍ୱର୍ ଫଳ ଏବଂ ଔଷଧୀୟ ଚାରା ପ୍ରତିରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଏହାର ଦାୟିତ୍ୱରତ ଶିକ୍ଷକ ବିଶାଳ ତିୱାରୀ ପ୍ରମୁଖ ଭୂମିକା ନିଭାଇଥିଲେ। ବିଦ୍ୟାଳୟର ଶିକ୍ଷକ ରାମବୀର ସିଂହ ଓ ଅଶିଷ କୁମାର ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ଗ୍ରହଣ କରିଥିଲେ। ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ଗେଣ୍ଡୁଫୁଲ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ମହିଳା

ରାୟଗଡ଼ା, ୧୨।୭ (ସମିସ)



ରାୟଗଡ଼ା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ସାହାଯ୍ୟରେ ଜିଲ୍ଲାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ ୮ ଗୋଟି ବ୍ଲକ ଯଥା: ରାୟଗଡ଼ା, କାଶୀପୁର, କୋଲନରା, କଲ୍ୟାଣସିଙ୍ଗପୁର, ମୁନିଗୁଡା, ବିଷମକଟକ, ଚନ୍ଦ୍ରପୁର ଏବଂ ରାମନାଗୁଡ଼ାରେ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ ଅଧୀନରେ ଗେଣ୍ଡୁପୁଲ ଚାଷ କରି ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକର ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି। କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପଗୁଡିରେ ବିଭିନ୍ନ ବ୍ଲକର ଉଦ୍ୟାନକୃଷି, ପ୍ରାଣୀଧନ, କୃଷି, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓରମାସ, ଓଡ଼ିଶା ଆଗ୍ର ଇଣ୍ଡଷ୍ଟ୍ରିସ କୋର୍ପେରେସନ, ଓଡ଼ିଶା ଉଠା ଜଳସେଚନ ବିଭାଗ, ଅପିକାଲ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗ୍ରାମୀଣ ଆଦିବାସୀ ସ୍ୱୟଂ ସହାୟକ ଦଳର ମହିଳମାନଙ୍କର ଜୀବନ ଜୀବିକାରେ ଉନ୍ନତି ଆଣିବା ସକାଶେ ସହଯୋଗର ହାତ ମିଳେଇଛନ୍ତି। ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପଟି ସଫଳ ରୂପେ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପଟି ୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା: ରାୟଗଡ଼ା ବ୍ଲକର ଅଗ୍ରଗାମୀ, କୋଲନରାର ପ୍ରଦାନ, ଚନ୍ଦ୍ରପୁରର ସ୍ୱର୍ଶ, କାଶୀପୁର ଏବଂ ରାମନାଗୁଡ଼ାର ସିୱାଇଏସ୍‌ଡି ଏବଂ ବିଷମକଟକ, ମୁନିଗୁଡା, କଲ୍ୟାଣସିଂପୁରର ହର୍ଷା ଟ୍ରଷ୍ଟ ସହଯୋଗରେ କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନାରେ ବିଭିନ୍ନ ଚାଷ ମଧ୍ୟରେ ଫୁଲ, ଫଳ, ଦେଶୀ ବାସନା ଧାନ, ପନିପରିବା, ଛେଳି, କୁକୁଡ଼ା ଚାଷ କରାଯାଉଛି। ସେଥିମଧ୍ୟରୁ ଗେଣ୍ଡୁଫୁଲ ଚାଷ ଅନ୍ୟତମ। ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାରେ ୧୩୨. ୫ ଏକର ଜମିରେ ମହିଳାମାନେ ଗେଣ୍ଡୁଫୁଲ ଚାଷ କରି ସ୍ୱାବଲମ୍ବୀ ହେଇପାରିଛନ୍ତି। ସ୍ୱାବଲମ୍ବୀ ହୋଇଥିବା ମହିଳାଙ୍କ ମଧ୍ୟରେ କୋଲନରା ବ୍ଲକ ଡୁମୁରିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେ.ଡେଙ୍ଗାସର୍ଗି ଗ୍ରାମର ଲଳିତା କୁଟ୍ରୁକା ଅନ୍ୟତମ। ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଲଳିତାଙ୍କ ସର୍ବମୋଟ ଜମିରୁ ବାର୍ଷିକ ୩୦ ରୁ ୪୦ ହଜାର ଟଙ୍କା ରୋଜଗାର କରୁଥିଲେ। ଏପିସି ପ୍ରକଳ୍ପ ମାଧ୍ୟମରେ ଉତ୍ପାଦକ ଗୋଷ୍ଠିରେ ଯୋଡିହେବା ପରେ ଲଳିତା ପ୍ରଥମେ ଆଧୁନିକ ପ୍ରଣାଳୀରେ ଗେଣ୍ଡୁ ଫୁଲ ଚାଷ କରିଥିଲେ। ଏହି ଚାଷରୁ ଲଳିତା ୮୦ ହଜାରରୁ ଅଧିକ ଟଙ୍କାର ଗେଣ୍ଡୁଫୁଲ ରାଜଧାନୀ ଭୁବନେଶ୍ୱରକୁ ବିକ୍ରି କରିପାରିଛନ୍ତି। ସେ ନିଜେ ସ୍ୱାବଲମ୍ବୀ ହେବା ସହ ଜିଲ୍ଲାର ଅନେକ ଗ୍ରାମୀଣ ମହିଳାମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ବନିଛନ୍ତି। ସେହିପରି ରାୟଗଡ଼ା ବ୍ଲକ ପିତାମହଲ ଗ୍ରାମ ପଞ୍ଚାୟତର ଦିଶାରୀଗୁଡା ଗ୍ରାମର ମାଳିକା ମେଲେକା ନିଜର ସ୍ୱଳ୍ପ ଜମିରୁ ସେ ଗେଣ୍ଡୁଫୁଲ ଚାଷ କରି ୪୦ ହଜାର ଟଙ୍କା ରୋଜଗାର କରି ସେହି ପଞ୍ଚାୟତ ପାଇଁ ଏକ ଆଦର୍ଶ ବନିଛନ୍ତି। ଏପରି ଅନେକ ମହିଳା ଚାଷୀ ପ୍ରକଳ୍ପ ମାଧ୍ୟମରେ ସହାୟତା ପାଇ ସ୍ୱାବଲମ୍ବୀ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



# ନକ୍ସଲ ନାମରେ ଚାନ୍ଦା ମାଗି ୩ ଗିରଫ

ଟିକିରି, ୧୨।୭ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଦୋରାଗୁଡା ଥାନା ପୁଲିସକୁ ମିଳିଛି ଏକ ବଡ ସଫଳତା। ଏକ ନକଲି ନକ୍ସଲ ଗ୍ୟାଙ୍ଗର ୩ ଜଣଙ୍କୁ ଧରିଛି ପୁଲିସ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜଣେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇଛି। ନିୟମଗିରି ମାଓବାଦୀ ବୋଲି ପରିଚୟ ଦେଇ ଧମକ ପୂର୍ଣ୍ଣ ମାଓ ଚିଠି ଓ ଫୋନ୍ କଲ ମାଧ୍ୟମରେ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ। ସେମାନଙ୍କ ଠାରୁ ଗୋଟିଏ ବୁଲେଟ ଗାଡି, ଗୋଟିଏ ବଣ୍ଡଲ ଜିଲେଟିନ, ୯ଟି ହ୍ୟାଣ୍ଡ ବୋମ, ଗୋଟିଏ କମ୍ପ୍ୟୁଟର, ଗୋଟିଏ ପ୍ରିଣ୍ଟର, ଗୋଟିଏ ନକଲି ମାଓସିଲ, ଗୋଟିଏ ସିମକାର୍ଡ ଏବଂ ୨ଟି ମୋବାଇଲ ଫୋନ ପୁଲିସ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବିନଦ ନାଏକ, ନରେଶ ନାଏକ ଓ ଅନ୍ୟ ଜଣେ ନାବାଳକ। ସୂଚନା ମୁତାବକ,



କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ଘୋଡା ଟିକିରି ଗ୍ରାମର ବ୍ୟବସାୟୀ ଚନ୍ଦ୍ର ଶେଖର ବିଶୋଇଙ୍କ ନାମରେ ଗତ ରବିବାର ଦିନ କେହି ଜଣେ ଅଜଣା ବ୍ୟକ୍ତି ନକ୍ସଲ ନାମରେ ଏକ ବେନାମୀ ଚିଠି ତାଙ୍କ ପୁଅକୁ ଦେଇଥିଲେ। ବାପା ଆସିଲା ପରେ ଚିଠି ପଢ଼ି ଡରିଯାଇ କାହାକୁ କିଛି କହିନଥିଲେ। ପୁଣି ଥରେ ବୁଧବାର ଦିନ ଅଭିଯୁକ୍ତମାନେ ଏକ ନମ୍ବରରେ ୱାଟ୍ସ ଅପ୍ କଲ କରିଥିଲେ। ଅଭିଯୁକ୍ତଙ୍କ ଧମକ ପୂର୍ଣ୍ଣ ଚିଠି ଓ କଲକୁ ନେଇ ଶ୍ରୀ ବିଶୋଇ ଏବିଷୟରେ ଦୋରାଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଦୋରାଗୁଡା ଥାନା ଆଇଆଇସି କିରଣବାଳା ସାମଲ ଦୋରାଗୁଡା ଥାନାରେ କେସ ନଂ ୮୮/୨୫ରେ ମାମଲା ରୁଜୁ କରି ଟିକିରି ଥାନା ଓ ରାୟଗଡ଼ା ସାଇବର ସେଲର ପୂର୍ଣ୍ଣ ସହାୟତାରେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଏମ୍‌ଭି-୧୦୪ରୁ ଏମ୍‌ଭି-୧୦୯ ମୁଖ୍ୟ ରାସ୍ତା ମରଣଯନ୍ତା

କୋରୁକୋଣ୍ଡା, ୧୨।୭ (ସମିସ)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅଧିନସ୍ଥ ଏମ୍‌ଭି-୧୦୪ ରୁ ଏମ୍‌ଭି-୧୦୯ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମରାଣଯନ୍ତା ପାଲଟିଛି। କିଛି ବର୍ଷ ପୂର୍ବେ ୧.୫ କିମି ପାଇଁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାସ୍ତା ନିର୍ମାଣ ସରିବାର କିଛି

**● ଜମି ରହୁଛି ଆଣ୍ଠୁଏ କାଦୁଅ, ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ**

ମାସ ନ ଯାଉଣୁ ରାସ୍ତାରୁ ପିଚୁ ଉଠି ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ଭାବେ ଶୋଚନୀୟ ହୋଇପଡ଼ିଛି। କେଉଁଠି ରାସ୍ତା ଦବି ଯାଇଛି ତ କେଉଁଠି ବଡ ବଡ଼ ଗର୍ତ୍ତ ସୃଷ୍ଟି ହେବା ଯୋଗୁଁ ରାସ୍ତାର ବହୁ ସ୍ଥାନରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ଏକ ବ୍ରିଜ ଉପରୁ କଂକ୍ରିଟ ଉଠିଯାଇ ରଡ଼ ଗୁଡିକ ରାସ୍ତା ଉପରକୁ ବାହାରିକି ରହିଛି। ଅଞ୍ଚଳରେ କିଛି ଦିନ ହେବ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁଁ ରାସ୍ତା ସାରା କାଦୁଅ ପଚ ପଚ ହୋଇଯାଇଛି। ଏହି ରାସ୍ତା ଦେଇ ଯାତାୟାତ କରିବା ସମୟରେ ଗ୍ରାମବାସୀ, ସ୍କୁଲ କଲେଜକୁ ପାଠ ପଢ଼ିବାକୁ ଯାଉଥିବା ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏଠାରେ ସୃଷ୍ଟି ହୋଇଥିବା ଖାଲଖମା ଓ କାଦୁଅ ଯୋଗୁଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା



ଅଞ୍ଚଳବାସୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ ପାଇଁ ଆସିଥିବା ୬୦ ଲକ୍ଷ ଟଙ୍କା ଠିକ ଭାବେ ବିନିଯୋଗ ହୋଇନଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଭାଗୀୟ କର୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ମଧ୍ୟ ଦେଇଛନ୍ତି।

ଗାଁରେ ୧୬୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ରହିଛି। ବାଲିମେଳା -ମାଲକାନଗିରି ମୁଖ୍ୟରାସ୍ତା ଚିତାପାରି -୧ ଗାଁ ଆରମ୍ଭରୁ ଏମ୍‌ଭି-୧୦୪ ଗାଁ ଶେଷ ପର୍ଯ୍ୟନ୍ତ ପ୍ରାୟ ୧.୫ କିମି ରାସ୍ତା ଉପରେ ଚିତାପାରି-୧, ଏମଭି-୧୦୪, ଏମଭି-୧୦୯, ବାଲିମେଳା ଟାଉନ, ତାର୍ଲାକୋଟା ସମେତ ଆଖପାଖ ବିଭିନ୍ନ ପଞ୍ଚାୟତର ଶତାଧିକ ଗ୍ରାମବାସୀ ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ପ୍ରାୟ କିଛି ବର୍ଷ ପୂର୍ବେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରାଯାଇଥିଲା। ଜିଲ୍ଲା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ୫ ବର୍ଷ ଭିତରେ ରାସ୍ତାର ମରାମତି ପାଇଁ ଅତିରିକ୍ତ ୩ ଲକ୍ଷ ୪୦ ହଜାର ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ସୁଦନ୍ୟ ସରକାରଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ଦାଇତ୍ୱ ଦିଆଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର କିଛି ମାସ ପରେ କାର୍ଯ୍ୟ ଶେଷ ହୋଇଥିଲା। ନିମ୍ନମାନର କାମ ଯୋଗୁଁ କିଛି ମାସ ନଯାଉଣୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କେବଳ ମୁଖ୍ୟ ରାସ୍ତା ନୁହେଁ ଗାଁ ଭିତରେ ଗୋଟିଏ ରାସ୍ତା କଂକ୍ରିଟ କରାଯାଇଛି। ଅନ୍ୟରାସ୍ତା ଗୁଡିକର ଅବସ୍ଥା ନକହିବା ଭଲ। ମୁଖ୍ୟତଃ ଏମ୍‌ଭି-୧୦୪ ରୁ ଏମ୍‌ଭି ୧୦୯ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବଡ଼ବଡ ଗର୍ତ୍ତ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ କାଦୁଅ ଓ ପାଣି ଜମି ରହିଛି। ଏହି ରାସ୍ତା ନିର୍ମାଣ କରିବା ପାଇଁ ଦୁଇଟି ଗ୍ରାମର ଗ୍ରାମବାସୀ ବହୁବାର ପଞ୍ଚାୟତ ଅଧିକାରୀ, ବ୍ଲକ କର୍ତୃପକ୍ଷ, ପ୍ରଶାସନ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ବହୁବାର ଲିଖିତ ଦାବିପତ୍ର ପ୍ରଦାନ କରିବା ସହ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନଥିବା ଉଭୟ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀଙ୍କୁ ପଚାରିବାରୁ ବିଭାଗର କିଛି ଅଧିକାରୀଙ୍କୁ ଉକ୍ତ ଗ୍ରାମକୁ ପଠାଇ ରାସ୍ତା ଅବସ୍ଥା ଅନୁଧ୍ୟାନ କରିବା ପରେ ବିଭାଗ ପକ୍ଷରୁ ରାସ୍ତା ମରାମତି ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୁନାବେଡ଼ା, ୧୨।୭ (ସମିସ): ସୁନାବେଡା-୩ ସ୍ଥିତ କଳାହାଣ୍ଡି କଲୋନୀର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଦେବ ଖରା (୧୮ ବର୍ଷ) ବୋଲି ଜଣାପଡ଼ିଛି। କୌଣସି କାରଣରୁ ପୁରୁଣା ଶ୍ରାବଣ ବାଧିତ ଶିଶୁ ବିଦ୍ୟାଳୟର ଏକ କୋଠରିର ଛାତରେ ଥିବା ପାଇପ୍‌ରେ ଶନିବାର ସନ୍ଧ୍ୟାରେ ଶାଢ଼ୀରେ ବେକକୁ ଗୁଡାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସ୍ଥାନୀୟ କିଛି ସମ୍ପର୍କୀୟ ପିଲା ସେଠାକୁ ଯାଇଥିବା ବେଳେ ଯୁବକଙ୍କ ଝୁଲନ୍ତା ଶବ ଦେଖିଥିଲେ। ପରେ ଖବରପାଇ ସୁନାବେଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଶ୍ରାବଣ ବାଧିତ ବିଦ୍ୟାଳୟ ସୁନାବେଡା ମହିଳା ମହାବିଦ୍ୟାଳୟ ନିକଟସ୍ଥ ଅଞ୍ଚଳକୁ ଘୁଞ୍ଚି ଯାଇଥିବା ବେଳେ ପୁରୁଣା ବିଦ୍ୟାଳୟର ଶ୍ରେଣୀ ଗୃହ ଗୁଡ଼ିକ ଖାଲିଥିବା ଯୋଗୁଁ ସେଠାରେ ଏଭଳି ଘଟଣା ଘଟୁଛି। ପ୍ରଶାସନ ପୁରୁଣା ବିଦ୍ୟାଳୟକୁ କିଛି କାର୍ଯ୍ୟରେ ଲଗେଇବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଗଞ୍ଜେଇ ଜବତ; ଜଣେ ଗିରଫ

ବୈପାରିଗୁଡା, ୧୨।୭ (ସମିସ): ବୈପାରିଗୁଡା ଅବକାରୀ ବିଭଗ ପକ୍ଷରୁ ଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଓଆଇସି ଭଗବାନ ମହାନନ୍ଦିଆ ନେତୃତ୍ୱରେ ଗତକାଲି ମଧ୍ୟାହ୍ନ ୧୨ଟା ବେଳେ ଅବକାରୀ ବିଭାଗକୁ ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତର ଉଦୁଲିଆଗୁଡା ରାସ୍ତାରେ ଜଣେ ବ୍ୟକ୍ତି ବେଆଇନ ଭାବେ ଗଞ୍ଜେଇ ନେଇ ଯାଉଥିବା ସୂଚନା ମିଳିଥିଲା। ଓଆଇସି ଭଗବାନ ମହାନନ୍ଦିଆଙ୍କ ସହ କନେଷ୍ଟବଳ ରଘୁନାଥ ସାଉନ୍ତା, ଦୀନବନ୍ଧୁ ରାଇତୁ, ମହେଶ ବେହେରା ଉକ୍ତ ଗ୍ରାମକୁ ପାଟ୍ରୋଲିଂ ପାଇଁ ବାହାରିଥିଲେ। ଉଦଲିଆଗୁଡା ରାସ୍ତାରେ ଶିବରାମ ହରିଜନ (୫୭) ନାମକ ଜଣେ ବ୍ୟକ୍ତି ଗୋଟିଏ ବ୍ୟାଗ ଧରି ଯାଉଥିବା ବେଳେ ଅବକାରୀ ବିଭାଗ ସନ୍ଦେହରେ ଅଟକାଇଥିଲେ। ବ୍ୟାଗ୍ ଯାଞ୍ଚ ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ଏବଂ ଶିବରାମ ହରିଜନଙ୍କୁ ଅବକାରୀ ଥାନାକୁ ଆଣି ବ୍ୟାଗରେ ଥିବା ଗଞ୍ଜେଇ ଓଜନ କରିବାରୁ ସେଥିରେ ୧୦ କିଲୋ ଗଞ୍ଜେଇ ବାହାରିଥିଲା। ଶିବରାମ ହରିଜନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଶିବରାମଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ହାଜତକୁ ନିଆଯାଇଥିବା ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆ ପ୍ରକାଶ କରିଛନ୍ତି।



**■ କଞ୍ଜାମଯୋଡ଼ି ଗାଁରେ ବିଜୁଳି ଆଲୁଅ ସାତ ସପନ**

# ସୋଲାର ଅଛି; ବ୍ୟାଟେରି ନ ଥିବାରୁ ଜଳୁନି ଆଲୁଅ

କଲ୍ୟାଣସିଂହପୁର, ୧୨।୭ (ସମିସ): ଦେଶ ସ୍ୱାଧୀନତାର ୭୮ ବର୍ଷପରେ ମଧ୍ୟ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଶିକରପାଇ ପଞ୍ଚାୟତର କଞ୍ଜାମଯୋଡି ଗ୍ରାମରେ ବିଜୁଳି ଆଲୁଅ ସାତସପନ ପାଲଟିଛି। ଅଭିଶପ୍ତ ଗ୍ରାମରେ ଆଜିଯାଏ ମୌଳିକ ସମସ୍ୟାରେ ଛନ୍ଦି ଘାଣ୍ଟି ହୋଇ ରହିଥିଲେ ମଧ୍ୟ ଆଜିଯାଏ ସରକାର କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ୪୦ ଆଦିବାସୀ ପରିବାର ଶହଶହ ବର୍ଷରୁ ରହି ଆସୁଛନ୍ତି। କିନ୍ତୁ ଏଠି ପାଣି ସମସ୍ୟାର ସମାଧାନ ହୋଇଥିବାବେଳେ ରାସ୍ତା ଓ ବିଜୁଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି ଗ୍ରାମବାସୀ। ରାସ୍ତା ନିର୍ମାଣରେ ରେଳ ଲାଇନ ବାଧକ ସାଜିଛି। ପ୍ରଶାସନ ଓ ରାଜନେତାଙ୍କ ଇଚ୍ଛା ଶକ୍ତି ନଥିବାରୁ ବର୍ଷ ବର୍ଷ ଧରି ବନ୍ଦୀ ଜୀବନ ବଞ୍ଚିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। କୌଣସି ରୋଗୀ, ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ଓ ବୁଢ଼ାବୁଢ଼ୀଙ୍କୁ ଭତ୍ତା ପାଇଁ ଯିବାରେ ରାସ୍ତା ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି। ସେହିପରି ଗ୍ରାମକୁ ବିଜୁଳି ସଂଯୋଗ ହୋଇନଥିବାରୁ ହୀନସ୍ତା ହେଉଥିବା ଗ୍ରାମବାସୀ କୁମୁଟି କୃଷିକା, ନୀଳ ପିଡ଼ିସିକା ଓ ପୁରେନ୍ଦ୍ର କୃଷି ଅଭିଯୋଗ କରିଛନ୍ତି। ଏହି ଗ୍ରାମକୁ ବିଜୁଳି ସଂଯୋଗ ନଥିବାରୁ ସରକାର ଏକ ସଂସ୍ଥା ଦ୍ୱାରା ସୋଲାର ଲାଇଟ ବ୍ୟାଟେରୀ ଘରଘରକୁ ପ୍ରଦାନ କରିଥିଲେ। ପରିତାପର ବିଷୟ ଗୋଟିଏ ବର୍ଷ ଜଳିବା ପରେ



ବ୍ୟାଟେରୀକୁ ମରାମତି କରାଯିବ ବୋଲି କହି ଉକ୍ତ ସଂସ୍ଥାର କର୍ମଚାରୀମାନେ ନେଇଗଲେ। ସେହିଦିନଠାରୁ ଆଜିଯାଏ କିଏ ରାତିର ଖାଦ୍ୟ ସନ୍ଧ୍ୟାରେ ଖାଇଚି ତ କିଏ ମୋବାଇଲ ଆଲୁଅରେ ଖାଉଥିବା କଥା ପ୍ରକାଶ କରିଛନ୍ତି ବିଶ୍ୱନାଥ କୃଷିକା, ସୁଭାଷିନୀ ରଣା। ଚାଳିଶି ଘର ମଧ୍ୟରୁ ପାଞ୍ଚ ଘରର ସୋଲାର ଲାଇଟ କିଛି ସମୟ ଜଳି ଲିଭି ଯାଉଥିବା ପ୍ରକାଶ କରିଛନ୍ତି। କେଉଁ ସଂସ୍ଥା ଲଗାଇ ଥିଲା କିଏ ନେଲା ତାହା ଜିଲ୍ଲା ପରିଷଦ ନିକଟରେ ତଥ୍ୟ ମିଳିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। କିନ୍ତୁ ପରିତାପର ବିଷୟ ଚାରି ବର୍ଷରୁ ଅଧିକ ବିତି ଯାଇଥିଲେ ମଧ୍ୟ ଆଜିଯାଏ ବିଦ୍ୟୁତ ବିଭାଗ ନା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନଥିବା ଦୁର୍ଭାଗ୍ୟ ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ଅନ୍ଧାରରେ ଜୀବନ ବିତାଉ ଥିବାବେଳେ କିଛି ବର୍ଷ ଆଲୁଅ ଦେଖିବା ପରେ ପୁଣି ଅନ୍ଧାରରେ ରହିବା ଯନ୍ତ୍ରଣା କଷ୍ଟ ସାଧ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏମିତି ମୋବାଇଲ ଆଲୁଅ ଶେଷ ହେବାପରେ ରାତ୍ରି ହେଲେ ଟୁଲ ତେଲ ଦୀପଜାଳି ଖାଦ୍ୟ ଖାଉଥିବା ବେଳେ କେହି କେହି ରାତ୍ରର ଖାଦ୍ୟ ସନ୍ଧ୍ୟାରେ ଖାଇ ରହିବାକୁ ବାଧ ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ଗ୍ରାମରେ ବିଜୁଳି ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**■ ବ୍ୟବସାୟୀଙ୍କୁ ଠକିଦେଲେ କିରାନା ଦୋକାନୀ**

# ଥାନାରେ ଏତଲା ଦେଲା ବ୍ୟବସାୟୀ ସଂଘ

କୋରାପୁଟ, ୧୨।୭ (ସମିସ): କୋରାପୁଟ ସହରର ପୂଜାରୀପୁଟରେ କିରାନା ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କ ବିରୁଦ୍ଧରେ କୋରାପୁଟ ବ୍ୟବସାୟୀ ସଂଘ ଆର୍ଥିକ ଠକେଇ ଅଭିଯୋଗ ଆଣିଛନ୍ତି। ଏବାବଦରେ ସଂଘ ପକ୍ଷରୁ ଏକ ଏତଲା କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ପୁଜାରିପୁଟରେ ଗ୍ରସରୀ ଦୋକାନ କରିଥିବା ପି. ଜଗନ୍ନାଥ ପାତ୍ର ନାମକ ବ୍ୟକ୍ତି କୋରାପୁଟର ୧୬ ଜଣ ପାଇକାରୀ ବ୍ୟବସାୟୀଙ୍କ ଠାରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗ୍ରସରୀ ସାମଗ୍ରୀ ନେଇ ଅର୍ଥ ରାଶି ପ୍ରଦାନ କରି ନଥିଲେ। ୧୫ରୁ ୩୦ ଦିନ ମଧ୍ୟରେ ସମସ୍ତ ବକେୟା ରାଶି ପ୍ରଦାନ କରିବେ ବୋଲି କହି ଏବେ ଧରାଛୁଆଁ ଦେଉନାହାନ୍ତି ବୋଲି ପାଇକାରୀ ବ୍ୟବସାୟୀ ନାରାୟଣ ସାହୁ ଅଭିଯୋଗ କରିଛନ୍ତି। ସେ ପୂଜାରୀପୁଟରେ କରିଥିବା ଦୋକାନକୁ ଛାଡ଼ି କୋରାପୁଟ ଛାଡି ପଳେଇ ଯାଇଥିବା ଖବର ପାଇ ପାଇକାରୀ ବ୍ୟବସାୟୀମାନେ ଅର୍ଥ କିପରି ପାଇବେ ଚିନ୍ତାରେ ପଡ଼ିଥିଲେ। ଏନେଇ ସଂଘକୁ ଜଣାଇଥିବା କୋରାପୁଟ ବ୍ୟବସାୟୀ ସଂଘର ସଭାପତି ଟି. କିରଣ କୁମାର କହିଛନ୍ତି। କୋରାପୁଟ ଟାଉନ ଥାନା ଅଧିକାରୀଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି ବୋଲି ସଂଘର ସମ୍ପାଦକ ରାଜେଶ ସୋନେଜା କହିଛନ୍ତି। ଏତଲା ପ୍ରଦାନ ବେଳେ କୋରାପୁଟ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ କେତେକ ପାଇକାରୀ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ।

# ଆର୍‌କେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନକଲେ ବିଧାୟକ

ସେମିଳିଗୁଡ଼ା, ୧୨।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ସ୍ଥିତ ଆର୍‌କେ ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତି ଉପରେ ଦୃଷ୍ଟି ଦେବି ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରତିଶୃତି ଦେଇଛନ୍ତି। ବିଧାୟକ ମାଛ ଶନିବାର ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ଉପରେ ଅବଗତ ହେବା ପରେ ଏପରି ପ୍ରତିଶ୍ରୁତି ଦେଇଛନ୍ତି। ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଶିକ୍ଷକଙ୍କ ସହ ଭେଟି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ପଚାରିବୁଝିଥିଲେ। ବାଳିକା ଉଚ୍ଚ ପୂରଣ କରୁଥିଲେ ମଧ୍ୟ ବିଦ୍ୟାଳୟଟି ଏବେ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇନାହିଁ ବୋଲି ସେମାନେ ବିଧାୟକଙ୍କୁ କହିଥିଲେ। ବିଦ୍ୟାଳୟରେ ୨୦୦ ଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ୯୦ ପ୍ରତିଶତ କେବଳ ଆଦିବାସୀ ଛାତ୍ରୀ ପାଠ ପଢୁଥିବାବେଳେ ଏଥିରେ ୧୦ ପ୍ରତିଶତ ଏସ୍‌ସି, ଓବିସି ଏବଂ ସାଧାରଣବର୍ଗର ଛାତ୍ରୀ ରହିଛନ୍ତି। ଏଠାରେ ଥିବା ଛାତ୍ରୀ ନିବାସରେ ପ୍ରାୟ ୧୦୦ ଆଦିବାସୀ ଛାତ୍ରୀ ରହି ପାଠ ପଢୁଛନ୍ତି। ଛାତ୍ରୀ ନିବାସରେ ଡାଇନିଂ ହାଲ ସହ ଅନେକ ସମସ୍ୟା



ବିଦ୍ୟାଳୟ ସମସ୍ୟା ଦେଖିଥିଲେ। ବିଦ୍ୟାଳୟ ଶିକ୍ଷକମାନେ ବିଦ୍ୟାଳୟ ୧୯୯୮ ରେ ସ୍ଥାପିତ କରାଯାଇଥିବା ବେଳେ ୨୦୦୩ ମସିହାରେ ୮ମ ଶ୍ରେଣୀ, ୨୦୧୧ ମସିହାରେ ୯ମ ଏବଂ ୧୦ମ ଶ୍ରେଣୀ ପାଇଁ ସ୍ୱୀକୃତି ପ୍ରାପ୍ତ କରିଥିଲା। ପରେ ୨୦୧୩ରେ ଏହି ବାଳିକା ବିଦ୍ୟାଳୟ ସରକାରୀ ଅନୁଦାନ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଅନୁଦାନରୁ ବଞ୍ଚିତ ରହିଛି ବୋଲି ଶିକ୍ଷକମାନେ କହିଥିଲେ। ସରକାରୀ ଅନୁଦାନ ପାଇବା ପାଇଁ ସବୁସ୍ତର ଉକ୍ତ ବାଳିକା ବିଦ୍ୟାଳୟ ସମାଧାନ ଉପରେ ଦୃଷ୍ଟି ଦେବା ପାଇଁ ବିଧାୟକଙ୍କୁ ଶିକ୍ଷକମାନେ ନିବେଦନ କରିଥିଲେ। ଯଥାଶୀଘ୍ର ଏହିସବୁ ସମସ୍ୟା ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ବିଧାୟକ ମାଛ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଦ୍ୟାଳୟରେ ଆୟୋଜିତ ପ୍ରଥମ ବିଦ୍ୟାଳୟ ପରିଚାଳନା କମିଟିର ବୈଠକରେ ବିଧାୟକ ମାଛ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, କୋଷାଧ୍ୟକ୍ଷ ବିଜୟ ଏକୁଡ୍ଡ, ସଦସ୍ୟ ତିଳକ ଖିମୁଡ୍ଡ, ବିଜେପି ନେତା ସୁମନ୍ତ ପ୍ରଧାନ ଓ ବିଦ୍ୟାଳୟ ଶିକ୍ଷକ ଯୋଗ ଦେଇଥିଲେ।

**କଞ୍ଜାମଯୋଡି ଗାଁରେ କଙ୍ଗାରୁକୋର୍ଟ ପ୍ରସଙ୍ଗ**

# ଘଟଣାର ଅନୁଧ୍ୟାନ କରିବ ୪ଜଣିଆ ଟିମ୍

ରାୟଗଡ଼ା, ୧୨।୭ (ସମିସ)

ରାୟଗଡ଼ା ଜିଲ୍ଲା କଲ୍ୟାଣସିଙ୍ଗପୁର ବ୍ଲକର କଞ୍ଜାମଯୋଡି ଗାଁରେ ଆଦିବାସୀ ପରମ୍ପରାକୁ ନ ମାନିବାରୁ ପିଉସୀ ଭଣଜା ମଧ୍ୟରେ ଗଢି ଉଠିଥିବା ପ୍ରେମ ସମ୍ପର୍କକୁ ବିରୋଧ କରି ପରିବାର ଓ ଗ୍ରାମବାସୀ ଉଭୟଙ୍କୁ ନେଇ କରିଥିବା କଙ୍ଗାରୁକୋର୍ଟ ଏବେ ସାରା ରାଜ୍ୟରେ ଚହଳ ପକାଇଛି। ଗାଁରୁ ବାସନ୍ଦ ହୋଇଛନ୍ତି ପିଉସୀ ଓ ଭଣଜା। ବର୍ତ୍ତମାନ ସେମାନେ ଜିଲ୍ଲାର ଚାନ୍ଦିଲି ଥାନା ଅନ୍ତର୍ଗତ ଜିଂଜିଲିବାଡି ଗ୍ରାମରେ ଆଶ୍ରୟ ନେଉଥିବା ଜଣାପଡ଼ିଛି। ଏନେଇ ଗତ ଶୁକ୍ରବାର ଦିନ କଙ୍ଗାରୁକୋର୍ଟର ଭିଡିଓ ଭାଇରଲ ପରେ ଗଣମାଧ୍ୟମରେ ଦିନ ତମାମ ଚର୍ଚ୍ଚାର ବିଷୟ ପାଲଟିଥିଲା ପ୍ରସଙ୍ଗ। ପରେ ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଗୌରହରୀ ସାହୁ, କଲ୍ୟାଣସିଙ୍ଗପୁର ଥାନା ଅଧିକାରୀ ନିଳାମ୍ବର ବେହେରାଙ୍କ ସମେତ ଅନ୍ୟ ପୋଲିସ ଷ୍ଟାଫ୍ କଞ୍ଜାମଯୋଡି ଗାଁରେ ପହଞ୍ଚି ପୁଅ ଓ ଝିଅର ପରିବାର

**■ ଗାଁ ଲୋକଙ୍କ ସହ ଆଲୋଚନା କଲେ ଏସ୍‌ଡିପିଓ**

ସଦସ୍ୟ ଏବଂ ଗ୍ରାମର ବରିଷ୍ଠଙ୍କ ସହ ଆଲୋଚନା କରି ଫେରିଥିଲେ। ତାଙ୍କ ଆଦିବାସୀ ପରମ୍ପରା ଅନୁଯାୟୀ ପିଉସୀ ଭଣଜା ସମ୍ପର୍କରେ ଭାଇଭଉଣୀ ଭଳି ହୋଇଥିବା ବେଳେ ଗାଁରେ ଏମାନଙ୍କ ପ୍ରେମ ସମ୍ପର୍କ ଅନ୍ୟମାନଙ୍କୁ ପରମ୍ପରାର ଉଲଂଘନ ଶିକ୍ଷା ପ୍ରେରଣ କରୁଥିବାରୁ ନିଷ୍ପତ୍ତି କ୍ରମେ ସେମାନଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଗାଁରୁ ବାସନ୍ଦ କରାଯାଇଥିବା ଗ୍ରାମବାସୀ କହିଥିଲେ। ତେବେ ଏହି ଘଟଣାକୁ ନେଇ ପ୍ରଶାସନସ୍ତରରେ ଉପଜିଲ୍ଲାପାଳ, କଲ୍ୟାଣସିଙ୍ଗପୁର ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସାମାଜିକ ସୁରକ୍ଷା ସଶକ୍ତିକରଣ ଅଧିକାରୀଙ୍କୁ ନେଇ ୪ଜଣିଆ ଟିମ୍ ଗଠନ କରାଯାଇଛି। ଆସନ୍ତା ସୋମବାର ଦିନ ଏହି ଟିମ୍ କଞ୍ଜାମଯୋଡି ଗାଁକୁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିବେ ଏବଂ କଙ୍ଗାରୁକୋର୍ଟ ନାମରେ ମାନବ ଅଧିକାର ଉଲଂଘନ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, କଞ୍ଜାମଯୋଡି ଗାଁର ମୁଗି ସାରକାଙ୍କ ବଡ ପୁଅ କାଡିଆ ସାରକାଙ୍କ ସହ ବେତକଲାଙ୍ଗରେ ରହୁଥିବା ମୁଗୀଙ୍କ ଭଉଣୀ ଲାକା ସାରକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦିନେ ଉଭୟଙ୍କୁ ଅନ୍ତରଙ୍ଗ ମୁହୂର୍ତ୍ତରେ ଏକତ୍ରିତ ଥିବା ବେଳେ କିଛି ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ହଳ ଯୁଡ଼ି ବୁଲାଇବା, ମାଡ ମାରିବା ଏବଂ ଗାଁ ଧରଣୀପେନୁ ପୂଜା ସ୍ଥାନରେ ପୂଜା କରି ଗାଁରୁ ତଡି ଦେବା ଭଳି ଦଣ୍ଡ ଶୁଣାଇଥିଲେ।

**■ ଗଣଶିକ୍ଷାମନ୍ତ୍ରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ**

# ଅଳିଆ ଆବର୍ଜନା ଦେଖି ବିଗିଡ଼ିଲେ


ଉମରକୋଟ, ୧୨।୭ (ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଅଚାନକ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳର ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପରିଦର୍ଶନ କରି ଅଳିଆ, ଆବର୍ଜନା ଦେଖି ବିଗିଡିଥିଲେ। ଆଉ ଥରେ ଏପରି ଦେଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ବିଦ୍ୟାଳୟ ଭିତରେ ପଶୁପଶୁ ବିଦ୍ୟାଳୟର ଅଳିଆ ଆବର୍ଜନା ଦେଖି ରାଗିଯାଇଥିଲେ ମନ୍ତ୍ରୀ।



ବିଦ୍ୟାଳୟ ବାହାରେ ଯେପରି ପରିସ୍ଥିତି ଶ୍ରେଣୀ ଗୃହ ଭିତରେ ମଧ୍ୟ ଠିକ ସେହିଭଳି ଦେଖାଯାଉଥିଲା। ପିଲାଙ୍କ ପ୍ରତ୍ୟେକ ଟେବୁଲ ତଳେ କୁଢ଼ କୁଢ଼ ଅଳିଆ ଦେଖି ବିରକ୍ତି ପ୍ରକାଶ କରିବା ସହ ରାଗି ଯାଇ ଉପସ୍ଥିତ ଥିବା ଶିକ୍ଷକମାନଙ୍କ ଉପରେ ଭୀଷଣ ବର୍ଷିଥିଲେ। ଅଳିଆ ଆବର୍ଜନା ସଫା କିପରି ହେବ ତାହା ଶିକ୍ଷକମାନଙ୍କ ଦାୟିତ୍ୱ ବୋଲି ତାଗିଦ କରିଥିଲେ। ତୁରନ୍ତ ସ୍କୁଲର ଅଳିଆ ଆବର୍ଜନା ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏକ ସୁନାମ ଅର୍ଜନ କରିଥିବା ବଦ୍ୟାଳୟର ଅବସ୍ଥା ଦେଖି ଗଣଶିକ୍ଷା ମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ବର୍ତ୍ତମାନ ଠାରୁ ନିୟମିତ ଭାବେ ଏହି ବିଦ୍ୟାଳୟକୁ ପରିଦର୍ଶନରେ ଆସିବେ ବୋଲି କହିଥିଲେ। ବିଗତ ଦିନରେ ଏହାର ଶୈକ୍ଷିକ ବାତାବରଣ, ପରିଷ୍କାର ପରିଚ୍ଛନ୍ନ ସହ ଫଳାଫଳରେ, ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ବିଦ୍ୟାଳୟ ପ୍ରତି ଥିବା ନିଷ୍ଠାକୁ ନେଇ ସମଗ୍ର ଜିଲ୍ଲାରେ ଏହି ବିଦ୍ୟାଳୟ ସୁନାମ ଆଣିଥିଲା। ସେହି ବିଦ୍ୟାଳୟର ଏଭଳି ଅବସ୍ଥା ଦେଖି ମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ରାଜ୍ୟ ବିଜେପିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସକାଳ
THE SAKALA
www.sakalaepaper.com

# ଘର ବାହୁଡ଼ା



ପଦ୍ମାଳୟା ସାମଲ



ରାତିରେ ନିଦ ଆସୁନଥିଲା ପ୍ରତୀକକୁ । ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥରୁମ୍‌ରୁ ଆସି ବୋତଲ ଖୋଲି ପାଣି ପିଉଥିଲା । ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ । ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିଅର୍ ସାଇଣ୍ଟିଷ୍ଟ ଭାବରେ ଜଏନ୍ କରିବାକୁ ପଡ଼ିବ । ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ । ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ । ଏସବୁ ଭିତରେ ମାଆଙ୍କ କଥା ଭାବି ଉଦାସ ଲାଗୁଥିଲା ।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ । ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଜଏନ୍ କରିବା ଅପେକ୍ଷା ଭାବା ଅଟୋମିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ୍ ହେବ । ଚାକିରିର ସୁବିଧାସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ । ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ - ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ । ମାଆର ଗୋଡ଼ ଭଲ ହୋଇଗଲାଣି । ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି । ଏ ବୟସରେ ଫ୍ରାକ୍‌ଚର୍ ହେଲେ ଭଲ ହେବାକୁ ସମୟ ଲାଗେ । ଡାକ୍ତର କହିଛନ୍ତି "ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ । ସେଥିପାଇଁ ଚିନ୍ତା କରନା ।" ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ । ମୋର ଚାକିରି କାର୍ଯ୍ୟକାଳ ଆଉ ମାତ୍ର ଦୁଇ ବର୍ଷ । ଯା' ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ । ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ । ହେଲେ ସେ ଚାକିରିରେ ଜଏନ୍ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ । ହାତରେ ଟ୍ରଲି ବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ । ସୁରେଖା ଚୁପଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ । କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ । ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ । ବାପା ମାଆଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ । ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସି ପଡ଼ିଲା ସେ ।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ । ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶି ଯାଉଥାଏ । ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟ୍‌ର ରାସ୍ତା । ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା । କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା । ତା' ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ୍ କରିବ । ଡ୍ରାଇଭରକୁ କହିଲା, "ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ ।" ଆଁ କରି ଡ୍ରାଇଭର ଚାହିଁଲା ପ୍ରତୀକର ମୁହଁକୁ । କିନ୍ତୁ ପର ମୁହୂର୍ତ୍ତରେ ଗାଡ଼ି ବୁଲେଇ ଫେରିଆସିଲା ପ୍ରତୀକର ଘର ଅଭିମୁଖେ ।

ଝରକା ଫାଙ୍କରୁ ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନ ବାବୁ । ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ । ଜୀବନ ବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, "ବାବା! ତୁମ ଦୁଇଜଣଙ୍କୁ ଏଇଠି ଏଇ ଅବସ୍ଥାରେ ଛାଡ଼ି ମୁଁ ଆଦୌ ଅଚିନ୍ତାରେ ରହିପାରିବି ନାହିଁ । ଯେଉଁ ବୟସରେ ତୁମ ପାଖେ ପାଖେ ରହି କିଞ୍ଚିତ୍ ସହଯୋଗ କରିପାରିବି, ସେ ବୟସରେ ତୁମଠାରୁ ଦୂରରେ ରହି ମୁଁ କ'ଣ ଶାନ୍ତିରେ ରହିପାରିବି? ବୁଝୁଛି, ଜୀବନରେ ଅର୍ଥର ମୂଲ୍ୟ ବହୁତ କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ । ପରିବାରର ଖୁସି ଓ ଶାନ୍ତି ମୋ ପାଇଁ ଅଧିକ ଗୁରୁତ୍ୱ ରଖେ । ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବିରେ ଯୋଗ ଦେବି । ଏହା ମୋର ଶେଷ ନିଷ୍ପତ୍ତି ।"

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା ଯେମିତିକି ସେ ତା'ର ଫେରିବା ବାଟକୁ ଅନାଇ ରହିଥିଲେ । ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ ।


ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନ ବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲା । ପୁଅର ପରିପକ୍ୱ ନିଷ୍ପତ୍ତିକୁ ନିରବରେ ମାନି ନେଉଥିଲେ । ■

ଭୁବନେଶ୍ୱର
ମୋ : ୭୦୦୮୩୪୮୧୭୨

# ପୁସ୍ତକ ପରିଚୟ

## ମୋ ଜୀବନ ଓ ଜଞ୍ଜାଳ କାହାଣୀ

ନନ୍ଦ କିଶୋର ଦାସ




ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ଦ୍ୱିତୀୟ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

ଇଂରେଜ ସରକାର କବଳରୁ ଭାରତକୁ ମୁକ୍ତ କରିବାରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ । ସେମାନଙ୍କ ତ୍ୟାଗପୂତ ସଂଘର୍ଷମୟ ଜୀବନ ଆଜି ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ରାଜନେତା ହେଉଛନ୍ତି ନନ୍ଦ କିଶୋର ଦାସ । ନିକଟରେ ସଂଗ୍ରାମୀ ନନ୍ଦ କିଶୋର ଦାସଙ୍କ ଆତ୍ମଜୀବନୀ 'ମୋ ଜୀବନ ଓ ଜଞ୍ଜାଳ କାହାଣୀ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି । ଏହି ପୁସ୍ତକରେ ଲେଖକ ନିଜ ଜନ୍ମ, ବାଲ୍ୟକାଳ, ଶିକ୍ଷା, ଗାର୍ହସ୍ଥ୍ୟ ଜୀବନ, ସତ୍ୟବାଦୀ ସ୍କୁଲରେ ଶିକ୍ଷକତା, ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ, ରାଜନୈତିକ ଜୀବନ, ସମାଜସେବା ଆଦି ସଂପର୍କରେ ବର୍ଣ୍ଣନା କରିଛନ୍ତି । ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣାଦେବୀ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ଥିଲା । ସମାଜ ସେବା ଓ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ସେ ଆପଣା ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ପ୍ରକୃତରେ ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା ଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ଓଡ଼ିଶା ବିଧାନସଭାର ସେ ପ୍ରଥମ ବାଚସ୍ପତି ଥିଲେ । ଏହି ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନ ଓ ଦେଶପ୍ରେମ ଆଜିର ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରେରଣା ଦେବ । 'ମୋ ଜୀବନ ଓ ଜଞ୍ଜାଳ କାହାଣୀ' ପୁସ୍ତକଟି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ ଋଦ୍ଧିମନ୍ତ କରିବ ; ଏଥିରେ ସନ୍ଦେହ ନାହିଁ । ■

## କେୟାର ଅଫ୍ ରଘୁ ବନଛୋର

ଅକ୍ଷୟ କୁମାର ଜେନା



କୃଷ୍ଣା
ଜାରକା, ଧର୍ମଶାଳା
ଯାଜପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସୃଜନଶୀଳ ମଣିଷଙ୍କ ଚିନ୍ତା, ଚେତନା, ଅନୁଭବ, ଅଭିଜ୍ଞତାରୁ ସୃଷ୍ଟି ହୁଏ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ ସାହିତ୍ୟ । ସେଭଳି ଜଣେ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ଅକ୍ଷୟ କୁମାର ଜେନା । ଯିଏ ନିଜ ଅନୁଭବ, ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଲେଖିଛନ୍ତି ଅନେକ ମନଛୁଆଁ ଗପ । ଗାଳ୍ପିକ ଜେନାଙ୍କ ରଚିତ 'କେୟାର୍ ଅଫ୍ ରଘୁ ବନଛୋର' ପୁସ୍ତକରେ ୨୬ଟି ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ପ୍ରତିଧ୍ୱନି', 'ନମିତା ସସ୍‌ପେଣ୍ଡ ହେଲା', 'ଶେଷ ସ୍ୱାଧୀନତା ସଂଗ୍ରାମୀ', 'ହାତ ପାହାନ୍ତାରେ ଜହ୍ନ', 'କେୟାର୍ ଅଫ୍ ରଘୁ ବନଛୋର', 'କୋଭିଡ୍ ଓ ଜହ୍ନରାତି', 'ସବୁବେଳେ ହସୁଥିବା ଝିଅଟା', 'ଅନ୍ୟ ଜଣେ ଡାକ୍‌ମୁନସୀ', 'ଏକାନ୍ତ ବ୍ୟକ୍ତିଗତ କଥା', 'ଡାକବାଲାର ଶେଷ ଚିଠି', 'ବାଲ୍ୟବନ୍ଧୁ', 'କାଳିଆ ପାଇଁ ଗୋଟିଏ ଲାଇକ୍' ଆଦି ଗପଗୁଡ଼ିକରେ ସାମାଜିକ ସମସ୍ୟା, ମାନବୀୟ ଭାବାବେଗ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାତ୍ୟା ଯାହା ଘଟି ନଥିଲା' ଗପରେ ବାତ୍ୟା ସମୟରେ ଦେଖାଦେଉଥିବା ବାସ୍ତବ ଘଟଣା ସଂପର୍କରେ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେଭଳି ଅନେକ ସମୟରେ କିଭଳି ସଚ୍ଚୋଟ ଓ ନିଷ୍ଠାପର ସରକାରୀ କର୍ମଚାରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ତାହାର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଛି 'ନମିତା ସସ୍‌ପେଣ୍ଡ ହେଲା' ଗପରେ । ସରଳ ଭାଷା, ସାମାଜିକ କାହାଣୀକୁ ନେଇ ଆଧାରିତ ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରଯାଏ । ■

# ବିସ୍ଫୋରଣ

ସୁଚେତା ମିଶ୍ର



ନିସ୍ତବ୍ଧତା ଭିତରେ ଲୁଚିଯାଏ କରାଳ ଶବ୍ଦ
ଆତସବାଜିର ମନୋହର ଦୃଶ୍ୟ ବୋଲି ଭ୍ରମିତ କରେ କେଇ ମୁହୂର୍ତ୍ତ
ପର୍ଦ୍ଦା ଝୁଲି ରହେ
ଆଉ ଆମେ ଜାଣିପାରୁନି ଯେ
ସେ ଅନ୍ଧାର ନୁହେଁ
ବହଳ ଧୂଆଁ
ପୋଡ଼ା ମାଂସର
କଲବଲ ଦୀର୍ଘଶ୍ୱାସର
ସୁଦୂରପ୍ରସାରୀ ଆକାଂକ୍ଷା
ପାଉଁଶ ହେଇଯିବାର ।

ମା' ବାପା ଆସନ୍ତି
ପିଲାଙ୍କୁ ଖୋଜିବାକୁ
ପିଲେ ଆସନ୍ତି ବାପା ମା'ଙ୍କୁ
ଘରକୁ ନେଇଯିବାକୁ
ସ୍ତ୍ରୀ ଆସେ ତା' କପାଳର
ସୂର୍ଯ୍ୟୋଦୟର ଅସ୍ତ ଦେଖିବାକୁ
ସ୍ୱାମୀ ଆସେ ପତ୍ନୀ ହାତର ଟୁକୁଡ଼ା ଶଙ୍ଖା ଗୋଟେଇବାକୁ ।

ଗୋଟେ ରକ୍ତକ୍ଷରା କାନ୍ଦବି ଆସେ
ନିଜର ହାତ ପାଦ
ଛିନ୍ନଛତ୍ର ହୃଦୟ ଆଉ
ଲହୁଲୁହାଣ ସ୍ପନ୍ଦନକୁ ଗୋଟାଏ
ସବୁ ବୁଝି ବୁଝି ନ ପାରିବାର
ହଳେ ଆଖି ପିନ୍ଧେ
ଆଉ ଚୁପଚାପ୍ ଚାଲିଯାଏ
ସେଇ ଅଭ୍ୟସ୍ତ ଦୁନିଆ ଭିତରକୁ
ଯେଉଁଠି କାରଣ ଖୋଜାଯିବାର
ମିଛ ଖେଳ ଚାଲିଥାଏ
ରୋମାଞ୍ଚକାରୀ ଦୁର୍ଘଟଣାର । ■



ଲିଡ୍ ବ୍ୟାଙ୍କ ଲେନ୍
ପୋଲିସ ଲାଇନ୍
ପୁରୀ- ୭୫୨୦୦୧
ମୋ: ୯୯୩୭୧୫୯୮୯୧

# ରାତି ନିଇତି ଆସେ



ପ୍ରହଲ୍ଲାଦ ଶତପଥି



ରାତିକୁ ଯଦି ପଢ଼ି ହୁଅନ୍ତା,
କଥା ସେଇଠି ସରିଯାଇ ଥାଆନ୍ତା
ପଢ଼ି ପାରୁନା ବୋଲି କହୁ ରାତିର ରଙ୍ଗ କଳା
ତୂଳୀ ନେଇ ଆଙ୍କୁ, କବିତା ଲେଖୁ ।

ରାତି ନିଇତି ଆସେ ଚିତ୍ରଟିଏ ହେଇ
କେବେ କିଏ ଆଙ୍କିଥିଲା ରାତିକୁ କେଜାଣି
ରାତି ନୀରବ, ନିରସ୍ତ୍ର ଥିଲା
ଯଦିଓ ଯୁଦ୍ଧ ସବୁଠି ସବୁବେଳେ ଥିଲା
ସକାଳଟିଏ ଫୁଟେଇବାକୁ ଯୁଦ୍ଧ
ସିନ୍ଦୂରା ଫାଟିବା ପାଇଁ ଯୁଦ୍ଧ
ଜଳ ପାଇଁ ଯୁଦ୍ଧ, ଯୁଦ୍ଧ ମାଟି ପାଇଁ ।

ରାତି ପ୍ରତିଟି ଗଛର ଶିରା ପ୍ରଶିରାରେ
ଚେରରେ, ପତ୍ରରେ
ରାତି ସତେ ଯେମିତି ବକଳ,
କାଢ଼ି ନେଲେ ସକାଳ ।

ଏଇ ରାତିକୁ ମୋତେ ଜୀଇଁବାକୁ ଦିଅ
ମୁଁ ଏବେ ରାତିକୁ ଢାଙ୍କି ଶୋଇ ପଡ଼ିବି
ସ୍ୱପ୍ନକୁ ବଢ଼େଇ ଦେବି ଆଖି ଦିଓଟି
ପାପୁଲି ଆଉଁଷିବେ ଫୁଲର ପାଖୁଡ଼ାକୁ
ପାଦରେ ସାରିଦେବି ରାତିର ସବୁତକ ରାସ୍ତା ।

ରାତି ଲୁଚେଇ ରଖିଥାଏ ଗୋପନୀୟତା
ଇତିହାସର, ଗୋଟାଏ ସଭ୍ୟତାର
ମୋତେ ପଢ଼ିବାକୁ ଦିଅ ରାତିକୁ, ତା'ର ଅଜସ୍ର ରହସ୍ୟକୁ
କ୍ଷତକୁ, ରକ୍ତକୁ
ମୋତେ ପଢ଼ିବାକୁ ଦିଅ ବିଜୟ ଭିତରେ ଛପିଥିବା ପରାଜୟକୁ ।

ଯାଏଁ ଦସ୍ତକ ଦେଇ ଆସେ ବାଟକୁ, କବାଟକୁ
କେହି ତ ହେଲେ ଖୋଲିବ ମୋ ପାଇଁ
ମୋର ଇପ୍‌ସିତ ସକାଳ
ସୂର୍ଯ୍ୟକୁ ଲୁଚେଇ ହୁଏନା
ଲୁଚେଇ ହୁଏନା ଫୁଲର ସୌରଭ
ଅନ୍ଧାର ଢାଙ୍କି ପାରେନା ଆଲୁଅକୁ
ଆଲୁଅର ଆଖି ନେଇ ମୋତେ ପଢ଼ିବାକୁ ଦିଅ
ଅନ୍ଧାରର ସବୁତକ ଅକ୍ଷର । ■

ଟିକ୍ରାପରା
ପୋ/ଜି: ବଲାଙ୍ଗିର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ଗୋସ୍ୱାମୀ ତୁଳସୀ ଦାସ ଓ ଶ୍ରୀଜଗନ୍ନାଥ

ଡକ୍ଟର ଅଭିମନ୍ୟୁ ବରାଳ



"ଆନନ୍ଦ କାନନେ ହ୍ୱସ୍ମି ଜଙ୍ଗମ ସ୍ତୁଳସୀ ତରୁଃ ।
କବିତା ମଞ୍ଜରୀ ଭାତି ରାମ ଭ୍ରମର ଭୂଷିତା ॥"

ଉତ୍ତର ପ୍ରଦେଶର ପ୍ରୟାଗରାଜ ସନ୍ନିକଟ ବାନ୍ଦା ଜିଲ୍ଲାରେ ରାଜପୁର ନାମକ ଏକ ଅଖ୍ୟାତ ପଲ୍ଲୀରେ ଆତ୍ମାରାମ ଦୁବେ ନାମକ ଜଣେ ପ୍ରତିଷ୍ଠିତ ନୈଷ୍ଠିକ ବ୍ରାହ୍ମଣ ରହୁଥିଲେ । ତାଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ହୁଲସୀ । ସମ୍ବତ୍ ୧୫୫୪ ର ଶ୍ରାବଣ ମାସ ଶୁକ୍ଲପକ୍ଷ ସପ୍ତମୀ ତିଥିରେ ସୌଭାଗ୍ୟବାନ ଦମ୍ପତି ହୁଲସୀ ଏବଂ ଆତ୍ମାରାମଙ୍କ କୋଳ ମଣ୍ଡନ କରିଥିଲେ ତୁଳସୀ ଦାସ । ଜନ୍ମ ସମୟରେ ଶିଶୁ ତୁଳସୀ କାନ୍ଦିଲେ ନାହିଁ । କିନ୍ତୁ ତାଙ୍କ ମୁଖରୁ 'ରାମ' ଶବ୍ଦ ଉଚ୍ଚାରିତ ହେଲା, ତେଣୁ ତାଙ୍କୁ 'ରାମ ବୋଲା' ବୋଲି କହୁଥିଲେ । ତାଙ୍କ ମୁଖରେ ବତ୍ରିଶି ଯାକ ଦାନ୍ତ ଜନ୍ମ ସମୟକୁ ଉଠି ଥିଲା । ଏତାଦୃଶ ଅଦ୍ଭୁତ ଶିଶୁ ପୁତ୍ରକୁ ଦେଖି ପିତା ଆତ୍ମାରାମ ଓ ମାତା ହୁଲସୀ ବହୁତ ଚିନ୍ତିତ ହୋଇ ପଡ଼ିଲେ । ବାଳକର କିଛି ଅନିଷ୍ଟ ହେବା ଆଶଙ୍କାରେ ମାତା ହୁଲସୀ ନିଜ ଦାସୀ ଚୁନିଆଁ ସହିତ ନବଜାତକକୁ ନିଜ ଶ୍ୱଶୁର ଘରକୁ ପଠାଇ ଦେଲେ ଏବଂ ତତ୍‌ପରେ ହୁଲସୀ ଏହି ସଂସାର ତ୍ୟାଗ କରି ଚାଲିଗଲେ ।

ଦାସୀ ଚୁନିଆଁ ବହୁତ ସ୍ନେହରେ ତୁଳସୀ ଦାସଙ୍କୁ ଲାଳନପାଳନ କଲେ । କିନ୍ତୁ ସାଢ଼େ ପାଞ୍ଚ ବର୍ଷରେ ଚୁନିଆଁର ମଧ୍ୟ ଦେହାନ୍ତ ହୋଇଗଲା । ବାଳକ ତୁଳସୀ ଦାସ ଅନାଥ ହୋଇଗଲେ । ତୁଳସୀ ବାରଦ୍ୱାର ବୁଲି ଜୀବିକାର୍ଜନ କଲେ । ଏକଦା ମାତା ପାର୍ବତୀ ଏକଥା ଦେଖି ମନରେ ତାଙ୍କର ଦୟା ହେଲା । ସେ ପ୍ରତ୍ୟହ ବ୍ରାହ୍ମଣୀ ବେଶ ଧାରଣ କରି ତୁଳସୀଙ୍କ ପାଖକୁ ଆସି ସ୍ୱହସ୍ତରେ ଖାଦ୍ୟ ଭୋଜନ କରାଇଲେ । ମାତା ପାର୍ବତୀଙ୍କ କୃପାରୁ ତୁଳସୀ ଶୁକ୍ଲପକ୍ଷ ଶଶି ଭଳି ବଢ଼ିବାକୁ ଲାଗିଲେ ।

ଶଙ୍କର ଭଗବାନଙ୍କ ପ୍ରେରଣାରେ ନରହର୍ୟାନନ୍ଦଜୀ ତୁଳସୀଙ୍କୁ ଅଯୋଧ୍ୟା ନେଇଗଲେ । ତାଙ୍କ ନାମ ସେ 'ରାମବୋଲା' ରଖିଲେ । ସେଠାରେ ୧୫୬୧ ସମ୍ବତ୍ ମାଘଶୁକ୍ଳ ପଞ୍ଚମୀ ଶୁକ୍ରବାର ଦିନ ତାଙ୍କର ଉପନୟନ କରାଗଲା । ନରହରି ସ୍ୱାମୀ ନାନା ସଂସ୍କାର କରି ତୁଳସୀଙ୍କୁ ଗାୟତ୍ରୀ ମନ୍ତ୍ର ସାଧନ କରାଇଲେ । ଗୁରୁଦେବ ନରହରିଜୀ ତାଙ୍କୁ ରାମମନ୍ତ୍ର ଦାନ ପୂର୍ବକ ସେହିଠାରେ ବିଦ୍ୟାଧ୍ୟୟନ କରାଇଲେ । ବେଦ ବେଦାନ୍ତାଦି ଅଧ୍ୟୟନ ପରେ ଗୁରୁଦେବଙ୍କ ଅନୁମତିକ୍ରମେ ସେ ସ୍ୱଜନ୍ମ ସ୍ଥାନକୁ ଫେରି ଆସିଲେ ।

ପରମ ରାମଭକ୍ତ ତଥା ରାମତାରକା ମନ୍ତ୍ର ସିଦ୍ଧଯୋଗୀ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଲେ । ପୁରୀରେ ପହଞ୍ଚି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିକୁ ଦର୍ଶନ କଲେ । କିନ୍ତୁ ନୀଳାମ୍ବୁଜ ଶ୍ୟାମଳ ଶ୍ରୀରାମଙ୍କର କଳାକଞ୍ଜଦଳା କମନୀୟ ମୂର୍ତ୍ତି ନ ଦେଖି ଜଗନ୍ନାଥଙ୍କ ଚକା ନୟନକୁ ତଥା କର ଚରଣହୀନ ଅଦ୍ଭୁତ ବିଗ୍ରହକୁ ଦେଖି ତୁଳସୀ ବିଷାଦିତ ହେଲେ । ବ୍ରହ୍ମର ଯେ କର-ଚରଣ-ନାସା- କର୍ଣ୍ଣ ନାହିଁ, ଏ ଯେ ଦାରୁବ୍ରହ୍ମ ତୁଳସୀ ହେଜି ପାରିଲେ ନାହିଁ । ବଡ଼ ମନସ୍ତାପରେ ଗୋସ୍ୱାମୀ ଫେରିଗଲେ ଶ୍ରୀକ୍ଷେତ୍ରରୁ ।

ପୁରୀଠାରୁ ଅଳ୍ପ ପଥ ଅତିକ୍ରମ କରିବା ପରେ ସନ୍ଧ୍ୟା ହୋଇ ଆସିଲା । ଜଗନ୍ନାଥ ସଡ଼କ ପାଖରେ ମାଳତୀପାଟପୁର ଗ୍ରାମ ନିକଟରେ ସେ ରାତ୍ରିଯାପନ କଲେ । ଗଜପତିଙ୍କୁ ସ୍ୱପ୍ନାଦେଶ କଲେ ଜଗନ୍ନାଥ । "ତାଙ୍କର ଜଣେ ପରମ ଭକ୍ତ ତାଙ୍କୁ ଦର୍ଶନ କରି ନ ପାରି ଫେରି ଯାଉଛନ୍ତି । ତୁମେ ତାଙ୍କୁ ଏଠାକୁ ସସମ୍ମାନେ ନେଇଆସ । ସେ ତାଙ୍କ ଇଷ୍ଟ ଦେବଙ୍କୁ ଦର୍ଶନ କରିବେ ।" ସଙ୍ଗେ ସଙ୍ଗେ ଗଜପତି ପାରିଷଦ ବର୍ଗଙ୍କ ସହିତ ପୁରୀର ଅନତି ଦୂରରେ ମାଳତୀପାଟପୁରରେ ଆସି ପହଞ୍ଚିଲେ । ସେଠାରେ ରାସ୍ତାକଡ଼ରେ ତୁଳସୀ ଶୟନ କରିଥିଲେ । ତାଙ୍କ ନିଦ୍ରାଭଙ୍ଗ କରି ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶ ଜଣାଇ ତୁଳସୀ ଦାସଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ନେଲେ । ତାଙ୍କୁ ଶ୍ରୀମନ୍ଦିରକୁ ନେଇ ଗଲେ ଓ ସେଠାରେ ରତ୍ନ ସିଂହାସନରେ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କୁ ଦର୍ଶନ କଲେ । ଶ୍ରୀଜଗନ୍ନାଥ ରାମ ଭାବରେ, ସୁଭଦ୍ରା ସୀତା ଭାବରେ, ବଳଭଦ୍ର ଲକ୍ଷ୍ମଣ ଭାବରେ ଓ ଚକ୍ରରାଜ ସୁଦର୍ଶନ ହନୁମାନ ଭାବରେ ଶୋଭା ପାଉଥିଲେ । ବିସ୍ମିତ ହେଲେ ତୁଳସୀ । ବାସ୍ତବରେ ଯେ ଜଗନ୍ନାଥ ଜଗତର ନାଥ ଏବଂ ସେ ଯେ ସମସ୍ତ ଅବତାରର ହେତୁ ତାହା ତାଙ୍କର ହୃଦ୍‌ବୋଧ ହେଲା । ତୁଳସୀ ପ୍ରଣିପାତ ପୂର୍ବକ ଗାଇ ଉଠିଲେ:-

"ଯେହି ରାମ ସେହି ଜଗଦିଶା । ଇନହିକୋ ଅନ୍ତନ ପାବତ ଶେଷା ॥
ଅନୁଜ ଭାଏ ଲଛମନ ଅନୁହାରି । ଭଦ୍ରା ସୋ ସୀୟା ରାଜକୁମାରୀ ॥
ବନ୍ଦଉଁ ଖଦସ ବ୍ରହ୍ମ ଅବିନାଶୀ । ଜୟ ହନୁମାନ ରାମ ପଦବାସୀ ॥

ଅର୍ଥାତ୍ – ଗୋସ୍ୱାମୀ ତୁଳସୀ ଦାସ ମୁକ୍ତ କଣ୍ଠରେ ଘୋଷଣା କଲେ ଯେ – ଯେ ରାମ ସେ ହିଁ ଜଗନ୍ନାଥ । 'ସ୍କନ୍ଦ ପୁରାଣ' କହିଛନ୍ତି – "ଆରାଧେୟଂ –ଜଗନ୍ନାଥଂ, ରକ୍ଷାକୁ କୁଳ ଦୈବତଂ... ।" ଏବେ ମଧ୍ୟ ଉପରୋକ୍ତ ଚୌପାଇଗୁଡ଼ିକ ତୁଳସୀ ଦାସଙ୍କ ପ୍ରତିଷ୍ଠିତ ବଡ଼ଛତା ମଠର ସାଧୁମାନେ ଗାନ କରି ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଳେ ମନ୍ଦିର ପରିକ୍ରମା କରିବାର ପରମ୍ପରା ଅବ୍ୟାହତ ରହିଛି । ଅନନ୍ତର ତୁଳସୀ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରତ୍ୟାବର୍ତ୍ତନ କଲେ । ପୁରୀ ନିକଟରେ ଯେଉଁ ସ୍ଥାନରେ ତୁଳସୀ ରାତ୍ରୀଯାପନ କରିଥିଲେ, ତାହା ଏବେ 'ତୁଳସୀ ଚଉରା' ନାମରେ ଖ୍ୟାତ । ସେଠାରେ ତୁଳସୀ ଦାସଙ୍କ ସ୍ମୃତି ସ୍ୱରୂପ ମଠ ଏବଂ ଶ୍ରୀରାମ ମନ୍ଦିର ରହିଛି । ପ୍ରତ୍ୟହ ଅନେକ ଦର୍ଶନାର୍ଥୀ ସେଠାକୁ ଆସୁଛନ୍ତି । ତୁଳସୀ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିଛନ୍ତି ।

ଗୋସ୍ୱାମୀ ତୁଳସୀ ଦାସଙ୍କୁ କଳି ଯୁଗର ବାଲ୍ମୀକି ବୋଲି କୁହାଯାଏ । ତାଙ୍କ ପ୍ରଣୀତ 'ଶ୍ରୀରାମ ଚରିତ ମାନସ' ଏକ ବିଶ୍ୱ ବିଖ୍ୟାତ ଗ୍ରନ୍ଥ । ଏହା ଏକ ରାମାୟଣ ଗ୍ରନ୍ଥ ହେଲେ ମଧ୍ୟ ଏଥିରେ ତୁଳସୀ ଦାସଙ୍କ ମୌଳିକ ଚିନ୍ତା ଚେତନା ବେଶ୍ ସୁସ୍ପଷ୍ଟ । ଶଙ୍କର ଭଗବାନଙ୍କ ଆଦେଶକ୍ରମେ ତୁଳସୀ ଅଯୋଧ୍ୟା ଆସି ସେଠାରେ ପ୍ରାକୃତ ଭାଷା, ଅବଧି ଭାଷାରେ (ଅଯୋଧ୍ୟା ଅଞ୍ଚଳର ଭାଷା) ରାମାୟଣ ରଚନା କଲେ । ଶଙ୍କରଙ୍କ ମାନସ ପଟରୁ ଆସିଥିବାରୁ ଏହାର ନାମ 'ମାନସ ରାମାୟଣ' ବା 'ଶ୍ରୀରାମ ଚରିତ ମାନସ' । 'ଶ୍ରୀରାମ ଚରିତ ମାନସ'ର ଆଧ୍ୟାତ୍ମିକ ମୂଲ୍ୟ ଓ ସାହିତ୍ୟିକ ମୂଲ୍ୟ ବେଶ୍ ବିଚାର୍ଯ୍ୟ । ଏହା ଏକ ଆଧ୍ୟାତ୍ମିକ ଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ । ବାଲ୍ମୀକି ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଚିତ୍ରଣ କରିଛନ୍ତି, କିନ୍ତୁ ତୁଳସୀ ଶ୍ରୀରାମଙ୍କୁ ପରଂବ୍ରହ୍ମ, ପୂର୍ଣ୍ଣବ୍ରହ୍ମ, ପୂର୍ଣ୍ଣବାହୁ, ସନାତନ ଭାବରେ ଗ୍ରହଣ କରିଛନ୍ତି । 'ଶ୍ରୀରାମ ଚରିତ ମାନସ'ର ପ୍ରତ୍ୟେକ ଦୋହା, ଚୌପାଇ, ଛନ୍ଦ, ସୋରଠା ଶାବରୀ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରତ୍ୟେକ ଚୌପାଇ ବା ଦୋହାର 'ର' ଏବଂ 'ମ' ବର୍ଣ୍ଣ ନିଶ୍ଚୟ ଥିବ । କୌଣସି କାର୍ଯ୍ୟ ସିଦ୍ଧି ହେବା ପାଇଁ ଏହାକୁ ଅନୁଷ୍ଠାନ କରାଯାଇପାରେ ।

'ଶ୍ରୀରାମ ଚରିତ ମାନସ'ର ସାହିତ୍ୟିକ ମୂଲ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହା ତୁଳସୀ ଦାସଙ୍କ ଅଗାଧ ଜ୍ଞାନର ପରିଚୟ ପ୍ରଦାନ କରେ । ସେ ଚାହିଁଥିଲେ ସଂସ୍କୃତ ଭାଷାରେ ରଚନା କରିପାରିଥାନ୍ତେ । କିନ୍ତୁ ଶିବଙ୍କ ଆଦେଶରେ ପ୍ରଚଳିତ ଲୋକଭାଷାରେ ଏହାକୁ ରଚନା କରିବା ଦ୍ୱାରା ଏହା ସର୍ବଜନାଦୃତ ହୋଇପାରିଛି । ସୁନ୍ଦର ଶବ୍ଦ ସଂଯୋଜନା ସହିତ ଉପମାଦିର ପ୍ରୟୋଗ କରି ତୁଳସୀ ସ୍ୱୀୟ ସାହିତ୍ୟିକ ବ୍ୟୁତ୍ପତ୍ତିର ପରିଚୟନ ପ୍ରଦାନ କରିଛନ୍ତି । ଶ୍ରୀରାମଙ୍କ ଶୋଭା ବର୍ଣ୍ଣନା ପ୍ରସଙ୍ଗରେ ଗୋସ୍ୱାମୀ କହିଛନ୍ତି – "କାମ କୋଟି ଛବି ଶ୍ୟାମ ଶରୀରା ନୀଳକଞ୍ଜ ବାରିଦ ଗମ୍ଭୀରା । ଅରୁଣ ଚରଣ ପଙ୍କଜ ନଖ ଜ୍ୟୋତି, କମଲ ଦଲନି ଶୋଭେ ଜନୁଭାଁତି ।"

'ଶ୍ରୀରାମ ଚରିତ ମାନସ' ବ୍ୟତୀତ ତୁଳସୀ ଦାସଙ୍କ ରଚିତ 'ଦୋହାବଳୀ', 'କବିତାବଳୀ', 'ବିନୟ ପତ୍ରିକା', 'ଶ୍ରୀହନୁମାନ ଚାଳିସା', 'ଶ୍ରୀହନୁମାନ ବାହୁକ', 'ବରଜଙ୍ଗ ବାଣ' ପ୍ରଭୃତି ଗୋଟିଏ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହି ଗ୍ରନ୍ଥଗୁଡ଼ିକ ଭାରତବର୍ଷର ଜନସାଧାରଣଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି । ■

ବର୍ଷଣା ବିହାର, ମନ୍ଦିର ମାର୍ଗ
ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପୁଲିସର ସୁରକ୍ଷା ବ୍ୟବସ୍ଥା କଡାକଡ଼ି

■ ଏମ୍ସ ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି

■ ରାଜଧାନୀରେ ୫୦ପ୍ଲାଟୁନ ଫୋର୍ସ, ୮ ଡିସିପି ନିୟୋଜିତ

ଭୁବନେଶ୍ୱର,୧୨।୭(ସମିସ): ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡିଶା ଆସୁଛନ୍ତି। ଏଥିପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ କାର୍ଯ୍ୟକ୍ରମ ହେବାକୁ ଥିବା ଏମ୍ସ ପରିସର ଯାଞ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଏମ୍ସ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ୱିନ୍ ସିଟି ପୁଲିସ କମିଶନର, ଅତିରିକ୍ତ ପୁଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତ ରହିଛି ପୁଲିସ ପ୍ରଶାସନ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୮ ଜଣ ଡିସିପି ର୍‌ୟାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି, ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର, ୧୮୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ସୁରକ୍ଷା ତଦାରଖ ଦାୟିତ୍ୱ ଦିଆଯାଇଛି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ନାକା ଅଞ୍ଚଳରେ ପୁଲିସ ଫୋର୍ସ ନିୟୋଜିତ ରହିବେ।

କାର୍ଯ୍ୟକ୍ରମ ଅନୁସାରେ, ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ "କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

## ଆରମ୍ଭ ହେଲା ପାଠପଢ଼ା | ସ୍ନାତକରେ ୫୦% ଓ ସ୍ନାତକୋତ୍ତରରେ ୪୦% ସିଟ୍ ଫାଙ୍କା

ଭୁବନେଶ୍ୱର,୧୨।୭(ସମିସ): ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଗୁରୁବାରଠାରୁ ଆରମ୍ଭ ହୋଇଛି। ହେଲେ ନାମଲେଖା ପ୍ରକ୍ରିୟା ସରିପାରିନି। ପ୍ରଥମ ପର୍ଯ୍ୟାୟର ୩ଟି ରାଉଣ୍ଡ ନାମଲେଖା ପରେ ମଧ୍ୟ ସ୍ନାତକୋତ୍ତରରେ ପ୍ରାୟ ୧୨ହଜାର ୭ଶହ ଏବଂ ସ୍ନାତକରେ ପ୍ରାୟ ୫୦ ପ୍ରତିଶତ ସିଟ୍ ଫାଙ୍କା ପଡ଼ିଛି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାଜନକ ହୋଇପାରିନି।

ସ୍ନାତକ ପଢ଼ିବାକୁ ମୋଟ୍ ୨ଲକ୍ଷ ୭୪ହଜାର ୧୭୩ ସିଟ୍ ଥିବା ବେଳେ ଏହାଠାରୁ ପ୍ରାୟ ୧୭ହଜାର କମ୍ ପିଲା ଆବେଦନ କରିଛନ୍ତି। ତନ୍ମଧ୍ୟରୁ ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷସୁଦ୍ଧା ମାତ୍ର ୧ଲକ୍ଷ ୯ହଜାର ୪ଶହ ଜଣ ନାମ ଲେଖାଇଥିଲେ। ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଆଉ ୪୯,୮୧୮ ପିଲା ଚୟନ ହୋଇଥିଲେ ମଧ୍ୟ ନାମଲେଖା ୫୦% ଛୁଇଁ ପାରିନି। ଆଶାଜନକ ନାମଲେଖା ହେଉନଥିବାରୁ ସ୍ପଟ୍ ନାମଲେଖା ପାଇଁ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ କରି ସମସ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ସମୁଦାୟ ୩୧,୧୫୪ଟି ସିଟ୍ ରହିଥିବା ବେଳେ ୪୧,୨୮୮ଜଣ ଚଏସ୍ ଲକିଂ କରି ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ତୃତୀୟ ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧୮,୪୦୦ ଜଣ ନାମ ଲେଖାଇଥିବା ବେଳେ ପ୍ରାୟ ୪୦% ଅର୍ଥାତ୍ ୧୨,୭୨୮ ସିଟ୍ ଫାଙ୍କା ପଡ଼ିଛି। ଠିକ୍ ସମୟରେ ପାଠପଢ଼ା ଆରମ୍ଭ କରି ଶୈକ୍ଷିକ ବର୍ଷ ସଜାଡ଼ିବାକୁ ସରକାର ଆଗୁଆ ନାମଲେଖା ପାଇଁ ପଦକ୍ଷେପ ନେଇଥିଲେ। ଏପରିକି, +୨ ଓ +୩ ରେଜଲ୍ଟ ବାହାରିବା ପୂର୍ବରୁ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆହ୍ୱାନ କରିଥିଲେ। ହେଲେ ସଚେତନତା ଅଭାବରୁ ବହୁ ଛାତ୍ରଛାତ୍ରୀ ସେମାନଙ୍କ ମାର୍କ ଅପଡେଟ୍ କରିନାହାନ୍ତି। ଏଣୁ ସେମାନଙ୍କୁ ସ୍ପଟ୍ ନାମଲେଖା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପୁଣି ସୁଯୋଗ ଦେଇଛି। ହେଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିନ ଥିବାରୁ ନାମଲେଖା ଓ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

## ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ୨ ନାବାଳିକା ଉଦ୍ଧାର

ଜଟଣୀ,୧୨।୭(ସମିସ): ଜଟଣୀସ୍ଥିତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରୁ ଦୁଇ ଜଣ ନାବାଳିକାଙ୍କୁ ଆର୍‌ପିଏଫ୍ ପୁଲିସ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାଙ୍କ ବୟସ ୧୪ ଓ ୧୭ବର୍ଷ। ସେମାନଙ୍କ ଘର ତାମିଲନାଡୁର ମାଲାଲପାଟୁ ଅଞ୍ଚଳରେ। ସେମାନେ ଟ୍ରେନ୍ ଯୋଗେ ଏଠାକୁ ପଳାଇ ଆସିଛନ୍ତି।

ସୂଚନାଯୋଗ୍ୟ ଯେ ତାମ୍ବ୍ରମ୍-ତିନସୁକିଆ ଏକ୍ସପ୍ରେସ୍ ଟ୍ରେନ୍‌ରେ ଉଭୟ ତାମିଲନାଡୁରୁ ପଳାଇ ଆସିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ୪ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିବା ଟ୍ରେନ୍‌ରେ ଉଭୟେ ବସିଥିବା ବେଳେ ପୁଲିସ ସେମାନଙ୍କୁ ପଚରାଉଚରା କରିଥିଲା। ଉଭୟଙ୍କ କଥାବାର୍ତ୍ତାରେ ତାଳମେଳ ଖାଇ ନ ଥିଲା। ପରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେମାନେ ନାବାଳିକା ବୋଲି ପୁଲିସ ଜାଣିବାକୁ ପାଇଥିଲା। ପରେ ସେମାନଙ୍କ ପରିବାରଲୋକଙ୍କୁ ଯୋଗାଯୋଗ କରିବା ସହ ସାମାଜିକ ଅନୁଷ୍ଠାନରେ ଉଭୟଙ୍କୁ ଛଡ଼ାଯାଇଥିବା ସୂଚନା ମିଳିଛି।

## ଭୁବନେଶ୍ୱର ପାର୍ସଲ ବୋମା ବିସ୍ଫୋରଣ ଘଟଣା | ଅକ୍ଷମ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ କ୍ଷତିପୂରଣ ଦିଅ: ହାଇକୋର୍ଟ

### କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ

କଟକ, ୧୨।୭ (ସମିସ): ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ଜଣେ ଅବସରପ୍ରାପ୍ତ ଡାକ ସହାୟକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାର ପ୍ରତିପକ୍ଷ ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସ ସରକାରୀ ଡ୍ୟୁଟି କରୁଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ହରାଇଥିଲେ। ତାଙ୍କର ଦୀର୍ଘକାଳୀନ ଚିକିତ୍ସା ଏବଂ ସ୍ୱଳ୍ପ ପରିମାଣର କ୍ଷତିପୂରଣ ଦାବିକୁ ବିଚାର କରି ସରକାରୀ କର୍ତ୍ତୃପକ୍ଷ ଆଉ ବିଳମ୍ବ ନକରି ୧ ଲକ୍ଷ ୮୩ହଜାର ୮୨୩ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ ରାଶି ଅତ୍ୟଧିକ ନୁହେଁ, ତେଣୁ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ, ପ୍ରଣବାନନ୍ଦ ଦାସ ଭୁବନେଶ୍ୱରର ସୂର୍ଯ୍ୟନଗର ନନ୍-ଡେଲିଭରି ଟାଇପ୍ ସବ୍-ଅଫିସ୍‌ରେ ପୋଷ୍ଟାଲ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୦୨ ଜାନୁଆରି ୩ ତାରିଖ ଦିନ ଡ୍ୟୁଟିରେ ଥିବା ସମୟରେ ଏକ ପାର୍ସଲ ବୋମା ବିସ୍ଫୋରଣରେ ସେ ଗୋଟିଏ ହାତ ଏବଂ ଗୋଟିଏ ଗୋଡ଼ ହରାଇଥିଲେ। ଏହି ଘଟଣା ଯୋଗୁଁ ସେ ପ୍ରାୟ ଦୁଇ ବର୍ଷ ପାଞ୍ଚ ମାସ ପାଇଁ ଚାକିରିରୁ ଅନୁପସ୍ଥିତ ଥିଲେ। ଡ୍ୟୁଟିରେ ପୁନର୍ବାର ଯୋଗଦାନ କରିବା ପରେ ସମଗ୍ର ସମୟ ପାଇଁ ଛୁଟି ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କୁ ଅକ୍ଷମତା ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ ବରିଷ୍ଠ ଅଧୀକ୍ଷକ (ଏସଏସପିଓ) ଗତ ୨୦୧୫ ଜାନୁଆରି ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ୧ଲକ୍ଷ ୮୩ହଜାର ଟଙ୍କା ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ବିଳମ୍ବ କାରଣରୁ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ତେବେ ପୁନର୍ବାର ଟ୍ରିବ୍ୟୁନାଲଙ୍କ ପକ୍ଷରୁ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିଜକୁ ଜାଳିଦେଲେ...

ବାଲେଶ୍ୱର ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଏହି ଘଟଣାରେ ଅଭିଯୁକ୍ତ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ କଲେଜ ପରିସରରେ ଅଶାନ୍ତି ଲାଗି ରହିଥିବାରୁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଛି। ଏସ୍‌ପି ରାଜପ୍ରସାଦ ଘଟଣାର ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନାନୁଯାୟୀ, ଗତ ଜୁନ୍ ୧ତାରିଖରେ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ପ୍ରମୁଖ ସମୀର କୁମାର ସାହୁଙ୍କ ନାଁରେ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ସୌମ୍ୟାଶ୍ରୀ। ଅଭିଯୋଗ ଅନୁସାରେ, ୬ମାସ ତଳେ ଅଧ୍ୟାପକଜଣଙ୍କ ଛାତ୍ରୀଙ୍କଠାରୁ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ। ମାତ୍ର ସେ ଅସ୍ୱୀକାର କରିବାରୁ ଅଧ୍ୟାପକ ଶ୍ରୀ ସାହୁ ତାଙ୍କୁ ପ୍ରଥମେ କ୍ଲାସ୍‌ରେ ଅନୁପସ୍ଥିତିକୁ କେନ୍ଦ୍ର କରି ଫେଲ୍ କରିଦେବାର ଧମକ ଦେଇଥିଲେ ଏବଂ ତାଙ୍କର ବ୍ୟକ୍ତିଗତ ଜୀବନର କିଛି ଘଟଣାବଳୀକୁ ତାଙ୍କ ପିତାମାତାଙ୍କୁ ଫୋନ୍ କରି ଜଣାଇଥିଲେ। ଛାତ୍ରୀଜଣଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର୍। ସରକାରୀ ପ୍ରଶିକ୍ଷଣ ଶିବିର କାରଣରୁ ବହୁ ସମୟରେ କଲେଜରେ ଅନୁପସ୍ଥିତ ରୁହନ୍ତି। ଏହି ସୁଯୋଗର ଫାଇଦା ନେଇ ବାରମ୍ବାର ଛାତ୍ରୀଜଣଙ୍କୁ ଅଧ୍ୟାପକ ଶ୍ରୀ ସାହୁ ଅପମାନିତ କରିବା ସହ ଦୀର୍ଘ ମାସ ଧରି ନିର୍ଯାତନା ଦେଇଆସୁଥିଲେ। ଏ ସଂପର୍କରେ ସୌମ୍ୟାଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କଠାରେ ଅଭିଯୋଗ କରିଥିଲେ।

ଏପରିକି, ସଂପୃକ୍ତ ଅଧ୍ୟାପକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। କଲେଜ କର୍ତ୍ତୃପକ୍ଷ ଏ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ଦିନକ ପରେ ହିଁ ଅଧ୍ୟାପକଜଣଙ୍କ ନିଜ ସହକର୍ମୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରବର୍ତ୍ତାଇ ମାନସିକ ଚାପ ପକାଉଛନ୍ତି ବୋଲି ପୁଣି ସୌମ୍ୟାଶ୍ରୀ ଅଭିଯୋଗ କରିଥିଲେ।

ଏହି ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ତଦନ୍ତ ପାଇଁ ଦାବି କରାଯାଇଥିଲା। ଏ ପର୍ଯ୍ୟନ୍ତ ତଦନ୍ତ କ'ଣ ହେଲା ଏବଂ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଦାବି କରି ଆଜି ମଧ୍ୟାହ୍ନରେ ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଧାରଣା ଦେଇଥିଲେ। ଏହି ସମୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଘୋଷ ସମ୍ପୃକ୍ତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। କିନ୍ତୁ, ସେଠାରୁ ଫେରିବା ପରେ ସେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ପରେ ଛାତ୍ରଛାତ୍ରୀ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ସହଦେବଖୁଣ୍ଟା ପୁଲିସ କଲେଜ ପରିସରରୁ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଉଠାଇ ନେଇଥିଲା।

କଲେଜ ଅଧ୍ୟକ୍ଷ ଶ୍ରୀ ଘୋଷ କହିଛନ୍ତି ଯେ ଉକ୍ତ ଛାତ୍ରୀଙ୍କ ଅଭିଯୋଗକ୍ରମେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ସେଥିରେ କିଛି ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ରହିଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୫ ଦିନ ସମୟ ମଧ୍ୟ ମଗାଯାଇଥିଲା। ହେଲେ ଛାତ୍ରମାନେ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ତଦନ୍ତ ରିପୋର୍ଟରେ ଶାରୀରିକ ପ୍ରାପ୍ୟ ବାବଦରେ କୌଣସି ତଥ୍ୟ ଜଣାପଡ଼ିନାହିଁ।

## ବନ୍ଦ ଥିଲା...

ଦୁର୍ଘଟଣାଗ୍ରସ୍ତ ବିମାନର ମୁଖ୍ୟ ପାଇଲଟ୍ ସୁମିତ ସମବରୱାଲ ଥିଲେ ଏବଂ ତାଙ୍କର ୮୬୦୦ ଘଣ୍ଟାର ଉଡ଼ାଣର ଅନୁଭୂତି ଥିଲା। ସେହିଭଳି କୋପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କର ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ଏତେ ଅଭିଜ୍ଞ ପାଇଲଟ୍ କେବେହେଲେ ଏଭଳି ଭୁଲ କରିନଥିବେ ବୋଲି କୁହାଯାଉଛି। ତେବେ ଏହାକୁ ନେଇ ପାଇଲଟ ଓ ବିଶେଷଜ୍ଞ ଦୁଇ ପ୍ରକାର ମତାମତ ଦେଇଛନ୍ତି। କେତେକ କହୁଛନ୍ତି ଯେ ଇନ୍ଧନ ସ୍ୱିଚ୍‌ରେ ଏପରି ଲକ୍ ସିଷ୍ଟମ କରାଯାଇଛି ଯେ ଏହାକୁ କେବଳ ପାଇଲଟ୍ ଅପରେଟ୍ କରିପାରିବେ। ଅଜାଣତରେ ହାତ ଲାଗିଲେ ମଧ୍ୟ କିଛି ହେବନାହିଁ। ତେଣୁ କେହି ଜଣେ ଜାଣିଶୁଣି ଏପରି ଅନ୍ତର୍ଘାତି କାମ କରିଥାଇପାରେ ବୋଲି ସେମାନେ ମତ ଦେଇଛନ୍ତି। କାରଣ ଦୁର୍ଘଟଣା ବେଳେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ରେକର୍ଡ ହୋଇଥିବା କଥାବାର୍ତ୍ତାରୁ ଏଭଳି ଆଭାସ ମିଳିଛି। ଜଣେ ପାଇଲଟ ପଚାରୁଛନ୍ତି, 'ଇନ୍ଧନ ସୁଇଚ୍ କାହିଁକି ବନ୍ଦ କଲ?' ଅନ୍ୟ ଜଣେ ଉତ୍ତର ଦେଉଛନ୍ତି, 'ମୁଁ ବନ୍ଦ କରିନାହିଁ।' ଅନ୍ୟ କିଛି ପାଇଲଟଙ୍କର ମତାମତ ହେଲା ଯେ କୌଣସି ପାଗଳ ପାଇଲଟ୍ ମଧ୍ୟ କେବେହେଲେ ଏଭଳି ଭୁଲ୍ କରିବ ନାହିଁ। ଏହା ପଛରେ ଯାନ୍ତ୍ରିକ ତ୍ରୁଟି ଥାଇପାରେ। କାରଣ ୭ ବର୍ଷ ତଳେ ଆମେରିକାର ଏକ ବିମାନ ସଂସ୍ଥା ଇନ୍ଧନ ସ୍ୱିଚ୍‌କୁ ନେଇ ଏଭଳି ସତର୍କ କରାଇଥିଲା। ଯାହାକୁ କି ବିମାନ ଚଳାଚଳ ସଂସ୍ଥା ଗୁରୁତ୍ୱ ଦେଇ ନାହାନ୍ତି। ତେବେ ଚୂଡ଼ାନ୍ତ ରିପୋର୍ଟ ନଆସିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ଅନ୍ୟ କିଛି ବିଶେଷଜ୍ଞଙ୍କର ମତ ହେଲା ଯେ ଏହା ଏକ ବିରଳ ତ୍ରୁଟି। ବିଦ୍ୟୁତ ସରବରାରେ ବ୍ୟାଘାତ ହେଲେ ଏଭଳି ଯାନ୍ତ୍ରିକ ତ୍ରୁଟିର ସମ୍ଭାବନା ମଧ୍ୟ ରହିଛି।

ଏହି ବିମାନ ଦୁର୍ଘଟଣାର ତଦନ୍ତ କରିଥିବା ଭାରତୀୟ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଏଆଇବି) ଗତକାଲି ବିଳମ୍ବିତ ରାତିରେ ୧୫ ପୃଷ୍ଠା ବିଶିଷ୍ଟ ଏହାର ପ୍ରାଥମିକ ରିପୋର୍ଟ ଜାରି କରିଛି। ଦୁର୍ଘଟଣା ସମୟରେ ଘଟିଯାଇଥିବା କିଛି ଘଟଣା ଓ ଏହି ସମୟରେ କକ୍‌ପିଟ୍‌ରେ ଦୁଇ ପାଇଲଟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ଭିତ୍ତି କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ବିମାନ ଉଡ଼ିବାର କିଛି ସେକଣ୍ଡ ମଧ୍ୟରେ ଇଞ୍ଜିନ-୧ ଏବଂ ଇଞ୍ଜିନ୍-୨ର ଦୁଇଟି ଯାକ ଇନ୍ଧନ ସ୍ୱିଚ୍ ବନ୍ଦ ହୋଇଯାଇଥିଲା। ଯାହାଫଳରେ ଦୁଇଟି ଯାକ ଇଞ୍ଜିନ ସଟ୍-ଡାଉନ୍ ବା କାମ କରିବା ବନ୍ଦ କରିଦେଇଥିଲା। ବିମାନ ଆଉ ଉପରକୁ ଉଠିନପାରି ତଳକୁ ଖସିପଡ଼ିଥିଲା। ଏହି ସମୟରେ ଜଣେ ପାଇଲଟ୍ ଅନ୍ୟ ଜଣଙ୍କୁ ପଚାରୁଛନ୍ତି, 'ଇନ୍ଧନ ସ୍ୱିଚ୍ କାହିଁକି ବନ୍ଦ କଲ?' ଏହାର ଉତ୍ତର ଦେଇ ଅନ୍ୟ ଜଣେ ପାଇଲଟ୍ କହୁଛନ୍ତି, 'ମୁଁ କରିନାହିଁ।' ଏହାର କିଛି ସେକଣ୍ଡ ମଧ୍ୟରେ ଦୁଇଟି ଯାକ ସ୍ୱିଚ୍ ପୁଣି ଚାଲୁ ହେବା ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ବହୁତ ବିଳମ୍ବ ହୋଇଯାଇଥିଲା। ଇଞ୍ଜିନ୍-୨ କାମ କରିବାକୁ ଆରମ୍ଭ କରୁଥିବା ବେଳେ ଇଞ୍ଜିନ-୧ କାମ କରିନଥିଲା। ବିମାନର ବେଗ ବି କମିଯାଇଥିଲା। ବିମାନ ଖୁବ୍ କମ୍ ଉଚ୍ଚତାରେ ଉଡୁଥିବାରୁ ଆଉ ଉପରକୁ ଉଠିବା ଲାଗି ବଳ ପାଇନଥିଲା। ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବା ଲାଗି ରାମ ଏୟାର ଟର୍ବାଇନ (ରାଟ୍)କୁ ନିୟୋଜିତ କରିଥିଲେ ପାଇଲଟ୍। କିନ୍ତୁ କିଛି କାମ ଦେଲାନାହିଁ। ବିମାନ ଉଡ଼ିବାର ୯୦ ସେକଣ୍ଡ ମଧ୍ୟରେ ଖସିପଡ଼ିଥିଲା। ଏୟାର ଇଣ୍ଡିଆର ଏହି ବିମାନଟି ଅହମଦାବାଦ ବିଜେ ମେଡିକାଲ କଲେଜ ହଷ୍ଟେଲ ଉପରେ ପଡ଼ିଯାଇଥିଲା। ଏଥିରେ ୨୬୦ ଜଣ ପ୍ରାଣ ହରାଇଥିଲେ। ବିମାନରେ ଥିବା ବିମାନ କର୍ମଚାରୀ ଓ ଯାତ୍ରୀଙ୍କୁ ମିଶାଇ ୨୪୧ ଜଣ ପ୍ରାଣ ହରାଇଥିବା ବେଳେ ତଳେ ଥିବା ୧୯ ଜଣ ପ୍ରାଣ ହରାଇଥିଲେ। ତେବେ ଜଣେ ବିମାନ ଯାତ୍ରୀ ବର୍ତ୍ତିଯାଇଥିଲେ। ପକ୍ଷୀମାଡ଼ ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଜୁନ ୧୨ ତାରିଖ ଅପରାହ୍ନରେ ଏୟାର ଇଣ୍ଡିଆର ଏଆଇ ୧୭୧ ବୋଇଂ ୭୮୭-୮ ଡ୍ରିମଲାଇନର ଅହମଦାବାଦରୁ ଲଣ୍ଡନ ଯାଉଥିଲା। ଏଥିରେ ୨୩୦ ଜଣ ଯାତ୍ରୀ ଥିବା ବେଳେ ଦୁଇ ଜଣ ପାଇଲଟ ଏବଂ ୧୦ ଜଣ କ୍ୟାବିନ୍ କର୍ମଚାରୀ ଥିଲେ। ଭାରତରେ ଏୟାର ଇଣ୍ଡିଆ ଇତିହାସରେ ଏହାଥିଲା ସବୁଠାରୁ ଭୟଙ୍କର ଦୁର୍ଘଟଣା। ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ମୃତ୍ୟୁ ଘଟିଥିଲା।

## ବିଷାକ୍ତ ମଦ...

ଶିଳ୍ପରେ ପରିଣତ ହୋଇଛି। ଗତକାଲି ମଦ ପିଇ ମିଲୁ ସାମଲ(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ୍ଲ ସାମଲ (୫୮) ଗୁରୁତର ହୋଇଥିଲେ। ପ୍ରଫୁଲ୍ଲଙ୍କୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ସେହିପରି ବିଷାକ୍ତ ମଦ ପିଇ ଗ୍ରାମର ସୁଶାନ୍ତ ମାଝୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ବିଷାକ୍ତ ମଦ ଯୋଗୁଁ ମାସେ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରା ମଧ୍ୟ ପ୍ରାଣ ହରାଇଛନ୍ତି। ଗତ ୬ ମାସ ମଧ୍ୟରେ ଏମାନଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ରାସୋଳ ଥାନା ଏବଂ ହିନ୍ଦୋଳ ଗ୍ରାମଠାରୁ ଦୂରରେ ରହିଥିବାରୁ ଅବକାରୀ ବିଭାଗ ଏବଂ ପୁଲିସ ଗ୍ରାମରେ ଚଢ଼ଉ କରୁନଥିବାରୁ ଦେଶୀ ମଦ ରାନ୍ଧିବା କେତେକଙ୍କ ପାଇଁ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହି ମଦ ପିଇ ଗରିବ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏ ଦିଗରେ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

## ଫେରିଲେ ନବୀନ...

ଶନିବାର ଦିନ ୧୨ଟା ୩୦ ମିନିଟରେ ନବୀନ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଏହାର ପ୍ରାୟ ଘଣ୍ଟାଏ ବିଳମ୍ବରେ ନବୀନ ପହଞ୍ଚିଥିଲେ। ମାତ୍ର ଲୋକଙ୍କ ମଧ୍ୟରେ ଉତ୍ସାହ କମିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ରାଜ୍ୟର କୋଣ ଅନୁକୋଣରୁ ନବୀନଙ୍କୁ ଭଲ ପାଉଥିବା ଲୋକେ ବିନା କାହାର ନିମନ୍ତ୍ରଣ, ପରାମର୍ଶରେ ଭୁବନେଶ୍ୱର ଛୁଟି ଆସିଥିବା ବେଳେ ନବୀନଙ୍କ ଝଲକ ଟିକିଏ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଥିଲେ। ନବୀନଙ୍କ ଦେଖିବା ମାତ୍ରେ ତାଙ୍କର ବହୁ ସମର୍ଥକ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଥିବାର ଦେଖିବାକୁ ମିଳିଥିଲା। ଅଜାଣରେ ଦୁଇଆଖିରୁ ଆନନ୍ଦାଶ୍ରୁ ଝରି ପଡୁଥିଲା। ମହିଳାମାନେ ହୁଳହୁଳି ଦେଇ ନବୀନଙ୍କୁ ସ୍ୱାଗତ କରୁଥିବା ବେଳେ ନବୀନଙ୍କ ଜିନ୍ଦାବାଦ ଧ୍ୱନିରେ ପୂରା ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ ସମର୍ଥକ ଓ ଶୁଭେଚ୍ଛୁ। ଏପରିକି ରାସ୍ତାର ଦୁଇପାଖ ଏବଂ ରାସ୍ତାରେ ଛିଡ଼ାହେବା ପାଇଁ ସ୍ଥାନ ନମିଳିବାକୁ କିଛି ଯୁବକ ନିକଟସ୍ଥ କୋଠା ଉପରେ ଚଢ଼ି ନବୀନଙ୍କ ଫଟୋ ନିଜ କ୍ୟାମେରାରେ ତୋଳି ଧରୁଥିବାର ଦେଖିବାକୁ ମିଳୁଥିଲା। ନବୀନଙ୍କୁ ପାଖରେ ସୁସ୍ଥ ରୂପରେ ପାଇଁ ପୂରା ପରିବେଶ ଭାବପ୍ରବଣତାରେ ଭରି ଯାଇଥିବା ବେଳେ ସାଧାରଣ ଲୋକେ ବେଶ୍ ଖୁସି ପ୍ରକଟ କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଗତ ୨୦ତାରିଖରେ ନିଜ ଚିକିତ୍ସା ପାଇଁ ନବୀନ ଭୁବନେଶ୍ୱର ଯିବା ସମୟରେ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦର ଛକରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଥିଲା। ସାଧାରଣ ଲୋକେ, ଶୁଭେଚ୍ଛୁ ସେଠାରେ ଏକାଠି ହୋଇ ନବୀନଙ୍କ ସୁସ୍ଥତା କାମନା କରିଥିଲେ। ମୁମ୍ବାଇରେ ଚିକିତ୍ସା ସାରି ନବୀନ ଖୁବଶୀଘ୍ର ଓଡ଼ିଶା ଫେରି ନିଜକୁ ରାଜ୍ୟବାସୀଙ୍କ ସେବାରେ ବ୍ରତୀ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ସମର୍ଥକ। ରାଜ୍ୟବ୍ୟାପୀ ବିଭିନ୍ନ ମନ୍ଦିର, ଦେବାଦେବୀଙ୍କ ପୀଠ ଏବଂ ନିଜ ଇଷ୍ଟଙ୍କ ପାଖରେ ଶୁଭେଚ୍ଛୁ ନବୀନଙ୍କ ଶୀଘ୍ର ସୁସ୍ଥତା କାମନା କରିଥିଲେ। ଦୀପ ଜାଳିଥିଲେ। ମାନସିକ କରିଥିଲେ। ମୁମ୍ବାଇରେ ଗତ ୨୨ତାରିଖରେ ନବୀନଙ୍କ ସ୍ୱାସ୍ଥ୍ୟ ପରାମର୍ଶଦାତା ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବୀନଙ୍କ ସଫଳ ଚିକିତ୍ସା ମଧ୍ୟ ହୋଇଥିଲା। ୭ ତାରିଖରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ନବୀନ ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।

କେବଳ ଶୁଭେଚ୍ଛୁ କିମ୍ବା ପ୍ରଶଂସକ ନୁହନ୍ତି, ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କ ସହ ଯୁବ, ଛାତ୍ର ଏବଂ ମହିଳା ଦଳର ବହୁ ନେତା ଓ ନେତ୍ରୀମାନେ ଉପସ୍ଥିତ ରହି ନବୀନଙ୍କୁ ସ୍ୱାଗତ କରିଥିଲେ। ନବୀନଙ୍କ ଅନୁପସ୍ଥିତିରେ ରାଜର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ନିଜର ଲଢ଼େଇ କରି ଆସିଥିଲା। ଏବେ ନବୀନ ଫେରିବା ପରେ ଆମର ଶକ୍ତି ବହୁଗୁଣରେ ବଢ଼ିଗଲା। ଆମ ସଭାପତି, ଆମ ନେତାଙ୍କ ମାର୍ଗଦର୍ଶନରେ, ନିର୍ଦ୍ଦେଶରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗରେ ବିଜେଡି ନିଜର ସ୍ୱରକୁ ଶାଣିତ କରିବ ବୋଲି ଦଳର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଜିଠୁ ଅତି ପ୍ରବଳ...

ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ଦେବଗଡ଼, ବରଗଡ଼, ଯାଜପୁର, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୧୪ ତାରିଖରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୫ ତାରିଖ ପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାକୁ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୬ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ଘଣ୍ଟାରେ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୬.୬୭ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ସମତଳ ଅଞ୍ଚଳରେ ନବରଙ୍ଗପୁରରେ ୦.୮ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ନୟାଗଡ଼ ରଣପୁର ୫୮.୬ମିମି, କଟକ ବାଙ୍କୀ ୫୫.୦ ମିମି., ଖୋର୍ଦ୍ଧା ବୋଲଗଡ଼ ୫୨.୦ ମିମି ବର୍ଷା ରେକର୍ଡ ହୋଇଛି। ଟ୍ୱିନସିଟିରେ ତାପମାତ୍ରାରେ ବୃଦ୍ଧି ପାଇଛି। ଆଜି କଟକରେ ୩୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଛି।

## ଗଡ଼ିଲା ବସ୍...

କରିବାକୁ ସେ ଚେତାବନୀ ମଧ୍ୟ ଦେଇଛନ୍ତି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ସମର୍ଥନ ପ୍ରତ୍ୟାହାର ନେଇ ଶୁକ୍ରବାର ଘୋଷଣା କରିଥିଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ପୂର୍ବ ଘୋଷଣା ଅନୁଯାୟୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଯଥା କଟକ, ଭୁବନେଶ୍ୱର, ସମ୍ବଲପୁର, ପାରାଦୀପ, ମାଲକାନଗିରି ସହ ବିଭିନ୍ନ ସ୍ଥାନରୁ ବସ୍ ଚଳାଚଳ କରିଥିଲା। କେବଳ ବସ୍ ନୁହେଁ; ୪ ଚକିଆ ଯାନ ମଧ୍ୟ ଚଳାଚଳ କରୁଥିବାର ଦେଖିବାକୁ ମିଳୁଥିଲା। କେତେକ ସ୍ଥାନରେ ଡ୍ରାଇଭରମାନେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନାମରେ ବିଷୋଦଗାର କରିଛନ୍ତି। ମହାସଂଘର କେତେକ ଗୋଷ୍ଠୀ ମେଣ୍ଡୁଲିଙ୍କୁ ସିଧାସଳଖ ବିରୋଧ କରୁଥିବାରୁ ମହାସଂଘ ଦୁଇଫାଳ ହୋଇଯାଇଥିବା କୁହାଯାଉଛି। ତେବେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ସାମାଜିକ ଗଣମାଧ୍ୟମରେ ଏନେଇ ଏକ ପୋଷ୍ଟ କରି ସେ କାନ୍ଦ କାନ୍ଦ ସ୍ୱରରେ କହିଛନ୍ତି ଯେ ବର୍ତ୍ତମାନ ଧୈର୍ଯ୍ୟ ହେଉଛି ବଡ଼ ଅସ୍ତ୍ର। ଆପଣମାନେ ଧୈର୍ଯ୍ୟ ଧରନ୍ତୁ। ଏହି ସମୟ ଆଉ କେବେବି ଡ୍ରାଇଭର ଭାଇମାନେ ପାଇବେ ନାହିଁ। ଯଦି କେଉଁମାନେ ନିଜ ମାଲିକଙ୍କୁ ଡରି ଗାଡି ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି, ସେମାନେ ଚଳାନ୍ତୁ। ମାତ୍ର ଡ୍ରାଇଭର୍ ମହାସଂଘର ନିଷ୍ପତ୍ତିକୁ ଖିଲାପ କରି ଯେଉଁମାନେ ଗାଡ଼ି ଚଲାଉଛନ୍ତି ସେମାନଙ୍କ ଫଟୋ ଉଠାଇବୁ। ସେମାନଙ୍କୁ ଚିହ୍ନଟ କରାଯିବା ସହ ଯେଉଁମାନେ ଏବେ ଗାଡ଼ି ଚଲାଉଛନ୍ତି ସେମାନଙ୍କୁ ସଂଘରୁ ବାହାର କରିବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଜି ଓଡ଼ିଶା ଡ୍ରାଇଭର୍ ମହାସଂଘର ରାଜ୍ୟ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଗିରଫ ପରେ ବଲାଙ୍ଗିର ଜେଲ୍ ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ମିନି ଟ୍ରକ ମାଲିକ ସଂଘ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଏନେଇ ପୁନର୍ବାର ପ୍ରତିକ୍ରିୟା ରଖିଛନ୍ତି। ଡ୍ରାଇଭର ଭାଇମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ସେ ଅନୁରୋଧ କରିଥିବା ବେଳେ ସରକାର ଆପଣଙ୍କ ସମସ୍ତ ଦାବିକୁ ଶୁଣିଛନ୍ତି, ସବୁ ଦାବିର ସମାଧାନ ହେବ ବୋଲି ପୁନଃର୍ବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଡ୍ରାଇଭର ମହାସଂଘ ନାମରେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଭ୍ରମିତ କରୁଛନ୍ତି। ନିରୀହ, ସରଳ ଡ୍ରାଇଭରମାନେ ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ଆନ୍ଦୋଳନ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଦ୍ୱାରା ଆୟୋଜିତ ସମାବେଶ ବିଫଳ ହେଉ ବୋଲି ବିଜେପି ଚାହୁଁଥିଲା। ସେଥିପାଇଁ ତାଙ୍କ ଦାବି ପୂରଣ କରାଯାଉ ନାହିଁ। ରାଜ୍ୟରେ ୧୦ ଲକ୍ଷ ଡ୍ରାଇଭରଙ୍କ ପାଇଁ କୌଣସି ନୀତି ନିୟମ ନାହିଁ। ଏନେଇ ରାହୁଲ ଗାନ୍ଧୀ ମଧ୍ୟ ନିଜର ସ୍ୱର ଉତ୍ତୋଳନ କରିଛନ୍ତି। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି ବୋଲି ସେ ଦୋହରାଇଛନ୍ତି।


**AFFIDAVIT**

I, Anjana Kundu, W/o.: Sandeep Kumar Kundu, resident of At: Basta (Baharda), PO.: Baharda Bazar, Dist.: Baleswar, PIN-756029, Odisha, declare by this affidavit No.: 4255, dated-11/07/2025, that now onwards I shall be known as **ANJANA RANI KUNDU** for all future purposes.

**NOTICE**

By virtue of an affidavit sworn before the Executive Magistrate, Balangir, dated 17.02.2025 I, Anjali Badhia, W/o- Asish Badhia, At: Dudukasira, PO: Jhankarpali, PS. Balangir Sadar, Dist. Balangir (Odisha), declare that I have changed my name from Padmalaya Guru to Anjali Badhia. Henceforth, I shall be known as Anjali Badhia for all purposes.

Anjali Badhia (New Name)

**NOTICE**

By virtue of an affidavit sworn before the Executive Magistrate, Balangir, dated 11.07.2025 I Ayushman Kalta, Resident of At:Apamara, PO: Bhutiarbahal, PS. Deogaon, Dist. Balangir (Odisha) declare that I have changed my name from Ayusman Kalata to Ayushman Kalta. Henceforth, I shall be known as Ayushman Kalta for all purposes.

Ayushman Kalta(New Name)

**NOTICE**

By virtue of an affidavit sworn before the Executive Magistrate, Balangir, dated 21.06.2025 I, Silosabati patel, w/o Late Haribandhu Patel, At: Fatkara, PO: Bhaler, PS. Puintala, Dist. Balangir (Odisha), declare that my correct name is Silosabati patel mention in PPO no. 55667.but in my addhar card wrongly mention as Silabati Patel. Henceforth, I shall be known as Silosabati patel for all purposes.

Silosabati Patel (New Name)

**NOTICE**

By virtue of an affidavit sworn before the Notary Sonepur, dated 11.07.2025 that I, Ansuman Panda, R/o Gadbhitar, Sonepur, Subarnapur have changed my name to Anshuman Panda. Henceforth, I shall be known as Anshuman Panda for all purposes.

**AFFIDAVIT**

By virtue of an affidavit sworn before Executive Magistrate, Khordha, dated 22/04/2025. I, Satyabadi Dora, Vill - Telenga Sahi, Khordha Town Po/Ps/Dist-Khordha, Odisha, Pin- 752055, Declare that I have changed the name of my daughter from K. Urbi to Urbi Dora. Henceforth, She shall be known as Urbi Dora for all purposes.

Satyabadi Dora

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/07/2025. I, **Sharad Bagh** (Applicant name), Son of Damodara Bagh, Permanent resident of At-Pipilibandh (Dumdumi), P.O. Siker, P.S. Titilagarh, Dist- Balangir, (Odisha), PIN-767033 now residing at the same place affirm that I have changed my minor daughter's name from **Nirjala Bagh** (old name) To **Nomita Bagh** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Nomita Bagh** (new name).

**Sharad Bagh**

**NOTICE**

By virtue of an affidavit sworn before the Executive Magistrate, Loisingha, dated 09.07.2025 that I Sangita Pande, Resident of At:Taljuri, PO: Rengali, PS. Balangir Sadar, Dist. Balangir (Odisha) declare that i have changed my name from Sangita Bag to Sangita Pande. Henceforth, I shall be known as Sangita Pande for all purposes.


Sangita Pande (New Name)

## ନିୟମିତ ହେଲେ ୧୭ କନିଷ୍ଠ ଶିକ୍ଷକ



ଗଞ୍ଜାମ/ହୁମ୍ମା,୧୨।୭(ସମିସ): ଗଞ୍ଜାମ ବ୍ଲକର କାର୍ଯ୍ୟରତ ୧୭ ଜଣ କନିଷ୍ଠ ଶିକ୍ଷକ ନିୟମିତ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି। ୨୦୧୯ରେ କନିଷ୍ଠ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଏବଂ ୬ ବର୍ଷ କାର୍ଯ୍ୟ କରିଥିବା କନିଷ୍ଠ ଶିକ୍ଷକମାନଙ୍କୁ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୀତା କୁମାରୀ ମିଶ୍ର, ଗଞ୍ଜାମ ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରା, ଭବାନୀ ପଟ୍ଟନାୟକ, ରାଜ୍ୟ ପିଷ୍ଟା ଏନ୍‌ପିଏସ୍ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ବ୍ଲକ ପିଷ୍ଟା ସଂଘର ସଭାପତି ଗଜେନ୍ଦ୍ର ମାଝୀ, ସମ୍ପାଦକ ଲକ୍ଷ୍ମଣ ନାହାକ, ଗଞ୍ଜାମ ବ୍ଲକର ସିଆରସିସି ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ନିୟମିତ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ନିୟମିତ ହୋଇଥିବା କନିଷ୍ଠ ଶିକ୍ଷକ ମାନେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ



ବୁଗୁଡ଼ା,୧୨।୭(ସମିସ): ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ ସଭାପତି ବିଶ୍ୱ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଯୋଗ ଦେଇଥିଲେ। ବଂଶୀଧର ଦାଶ ବେଦ ପାଠ କରିଥିବାବେଳେ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିଲେ। ଆଗାମୀ ୨୪ ତାରିଖ ଦିନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂର୍ଣ୍ଣ ହେବାକୁ ଯାଉଥିବାରୁ ସଭାପତି ନୂତନ ଭାବେ ନିର୍ବାଚନ ତାରିଖ ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ଉପସ୍ଥିତ ସଦସ୍ୟ ବୃନ୍ଦ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଆଗାମୀ ୭ ଜାନୁଆରୀ ୨୦୨୬ ଦିନ ନୂତନ କର୍ମକର୍ତ୍ତା ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଗାମୀ ୭ ଜାନୁଆରୀ ୨୦୨୬ ଟ୍ରଷ୍ଟ ପ୍ରତିଷ୍ଠା ଦିବସ ଦିନ ୧୮ ଜଣ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା। ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥଲେ।

## ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା



ରମ୍ଭା,୧୨।୭(ସମିସ): ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା ସହିତ ବନମହୋତ୍ସବ ପାଳିତ ହୋଇଯାଇଛି। ଏନେଇ ଏକ ବୈଠକ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଅନୁସୂୟା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଭାଗିରଥି ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ପାଦକ ଶ୍ରୀ ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟା ଅନୁସୂୟା ମହାରଣା, ସହ ପ୍ରଧାନ ଆଚାର୍ଯ୍ୟା କାଜଲ ବାରିକ, ସହକାରୀ ଆଚାର୍ଯ୍ୟା ସୁମିତ୍ରା ଜେନା, ସୁବାସିନୀ ଖଟୁଆ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଲିଟିଲ୍ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଗଞ୍ଜାମ,୧୨।୭(ସମିସ): ଶିକ୍ଷାର ବିକାଶ ପାଇଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀରେ ୨ଦିନିଆ ଲିଟିଲ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭିୟୁଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଭାବେ ଓଡିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଗୁରୁ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଏକାଗ୍ରତାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଭିୟୁଷ ଅନୁଷ୍ଠାନର କୋର୍ଡିନେଟର ଜେ. ଟିଟୁ ସଭାପତିତ୍ୱ କରିଥିବା ବେଳେ ଟ୍ରେନର ସିଏଚ୍ ପଦ୍ମିନୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବତନୱାର୍ଡମେମ୍ବରବି.ହାଡ଼ିସମ୍ମାନୀତଅତିଥିଭାବେମଞ୍ଚାସୀନଥିଲେ।

### ଲଗାଣ ବର୍ଷାରେ ଭାଙ୍ଗିଲା ଅସ୍ଥାୟୀ ପୋଲ

# ୨୦ ଦିନ ହେଲା ୬ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ବାଲିଗୁଡା/କ.ନୂଆଗାଁ,୧୨।୭(ସମିସ)

କନ୍ଧମାଳ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ କ.ନୂଆଗାଁ ବ୍ଲକ ଆଡ଼ିମାହା ପଞ୍ଚାୟତର ୬ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସୂଚନା ଅନୁଯାୟୀ, ମହାସିଂ ଓ ଆଡ଼ିମାହା ପଞ୍ଚାୟତକୁ ସଂଯୋଗ କରୁଥିବା ଗାଜାରବନ୍ଧ ଡୁଠରେ ପ୍ରବାହିତ ଗମ୍ଭାରୀ ନଦୀ ଉପରେ ତିନି ବର୍ଷ ହେବ ଆର୍‌ଡି ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ମନ୍ଥର ଗତିରେ ଏହାର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ।

ଏହି ପରିପ୍ରେକ୍ଷୀରେ ନଦୀ ଉପର ପାଶ୍ୱର୍ରେ ଏକ ଡାଇଭର୍ସିନ ରାସ୍ତା କରି ଠିକାଦାର ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାସି



ଯାଇଛି। ଫଳରେ ଆଡ଼ିମାହା ପଞ୍ଚାୟତର ୬ ୱାର୍ଡ ଡୁଡୁଗୁମ, ଶକୁସବାଲି, ନୁଆପଦର, ଲିଙ୍ଗରସାହି, କୁଟୁଡୁପା, ଜାର୍ଗୀ, ବେଡିପଦର, ସିଟୁ ପାଜି, ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଏଣୁ ସ୍ୱାସ୍ଥ୍ୟସେବା, ସରକାରୀ ସେବା ସହ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ମହାସିଂ ଯାଇ ପାରୁନାହାନ୍ତି। ଏହା ସହ ୪ମାସ ପୂର୍ବେ ନିର୍ମାଣ ହୋଇଥିବା ୫କିମି ପିଚୁ ରାସ୍ତା ଧୋଇଯିବା ସହ ଫାଟ ହୋଇ ଦବି ଯାଇଥିବା ଗ୍ରାମବାସୀ ଅରୁଣ ଡିଗାଲ ଅଭିଯୋଗ କରିଛନ୍ତି। ତେବେ ବିନା ସୂଚନାଫଳକରେ କିଭଳି କୋଟି କୋଟି ଟଙ୍କାର କାମ ଚାଲିଛି ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ୨୦ରୁ ଅଧିକ ଦିନ ହେବ ଅସ୍ଥାୟୀ ପୋଲ ଭାଙ୍ଗିଯାଇଥିବା ସତ୍ତ୍ୱେ ପ୍ରଶାସନ କି, କାମ କରୁଥିବା ଠିକାଦାର ସଂସ୍ଥାର ଦେଖାମିଳୁନି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗୁପ୍ତେଶ୍ୱର ପରିଦର୍ଶନ କଲେ ବିଧାୟକ

ବୈପାରିଗୁଡା, ୧୨।୭(ସମିସ): କୋରାପୁଟ ବିଧାୟକ ରୁପୁ ଭତ୍ରା ଆଜି ଶୈବପୀଠ ଗୁପ୍ତେଶ୍ୱର ପରିଦର୍ଶନ କରିଥିଲେ। ଶ୍ରାବଣ ମାସରେ ଗୁପ୍ତେଶ୍ୱର ଶୈବପୀଠରେ ହଜାର ହଜାର କାଉଡ଼ିଆଙ୍କ ସମାଗମ ହେଉଥିବାରୁ ସେମାନଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି ତାହା ତଦାରଖ କରିଥିଲେ। ଆସନ୍ତା ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ଠାରୁ କାଉଡ଼ିଆଙ୍କର ଗୁପ୍ତେଶ୍ୱର ଶିବଲିଙ୍ଗରେ ଜଳାଭିଷେକ ନିମନ୍ତେ ଭିଡ଼ ଜମିବାର ଆଶଙ୍କା ରହିଥିବାରୁ ଉକ୍ତ କାଉଡ଼ିଆମାନଙ୍କ ସୁବିଧା ପାଇଁ ସ୍ୱଚ୍ଛ ଏବଂ ସ୍ୱଚ୍ଛତା, ପାନୀୟ ଜଳର ବ୍ୟବସ୍ଥା, ଶୌଚାଳୟ, ଯାନବାହାନ ପାର୍କିଂ, ବିଜୁଳି ଏବଂ କାଉଡ଼ିଆଙ୍କ ଆଶ୍ରୟ ସ୍ଥଳୀ, ଧାଡ଼ି



ଦର୍ଶନ, ସାବେରୀ ନଦୀ କୂଳରେ କାଉଡ଼ିଆଙ୍କ ସୁରକ୍ଷା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରିବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ବିଭାଗକୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯିବା ଆବଶ୍ୟକ ରହିଛି ବୋଲି କୋରାପୁଟ ଜିଲ୍ଲାପାଳଙ୍କ ସହ ସେ ଆଲୋଚନା କରିଥିଲେ। ଏହାଛଡ଼ା କୌଣସି କାଉଡ଼ିଆ ଜଳାଭିଷେକ ସମୟରେ ଯେମିତି ହଇରାଣ ନ ହୁଅନ୍ତି ସେଥିପାଇଁ ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ନାତୁଣୀର ଜନ୍ମଦିନରେ ଚାରାରୋପଣ କଲେ ସମାଜସେବୀ

ତେନ୍ତୁଳିଖୁଣ୍ଟି, ୧୨।୭(ସମିସ): ନିଜ ନାତୁଣୀର ଜନ୍ମ ଦିନ ଅବସରରେ ଶତାଧିକ ବୃକ୍ଷ ଚାରାରୋପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ସମାଜସେବୀ ତଥା ସାମ୍ବାଦିକ କୃପାନିଧି ରାଉତ। ଆଜି ଇନ୍ଦ୍ରାବତୀ ମହାବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମାଜର ବିଭିନ୍ନ



ବର୍ଗର ଲୋକଙ୍କ ସହ ସାମିଲ ହୋଇ ଶତାଧିକ ଆମ୍ବ, ପିଜୁଳି, ଲିଚୁ, ସପେଟା, ବଉଳ ପ୍ରଭୃତି ଫଳ ଚାରା ସମେତ ଅର୍ଜୁନ, ସପ୍ତପର୍ଣ୍ଣୀ, ନିମ୍ବ, କରଞ୍ଜ, ଅଁଳା, ଜାମୁକୋଳି, ବେଲ ପ୍ରଭୃତି ଔଷଧୀୟ ବୃକ୍ଷ ଚାରାରୋପଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ସୁଶାନ୍ତ କୁମାର ଶତପଥୀ 'ଗଛ ବଞ୍ଚିଲେ ଆମେ ବଞ୍ଚିବା' 'ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା' ନାରା ଦେଇଥିଲେ। ପ୍ରକଳ୍ପ ଅତିଥି ଭବନରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମାଜସେବୀଙ୍କ ଏଭଳି ଅଭିନବ ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ।

### ● ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ

## ବାପା ଗିରଫ; ପୁଅ ଫେରାର

ଦିଗପହଣ୍ଡି,୧୨।୭(ସମିସ): ଦିଗପହଣ୍ଡି ପୁଲିସ ଶନିବାର କେ.ନୂଆଗାଁ ଥାନା ମେଘଝୋଲି ଗ୍ରାମର ନରସିଂହ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସକାଳେ କଇଠଖଣ୍ଡି ଗ୍ରାମର ବିନ ଗୌଡ଼ ଗାଈ ଚରାଉଥିବାବେଳେ ଅଭିଯୁକ୍ତ ନରସିଂହ ଏବଂ ତାଙ୍କ ପୁଅ କୁରେଶୁ ଗୌଡ଼ ତାଙ୍କ ଜମିରେ କାହିଁକି ଗାଈ ପୁରାଇ ଫସଲ ନଷ୍ଟ କଲୁ ବୋଲି ପାଟିତୁଣ୍ଡ କରିବା ସହ ନରସିଂହ ଠେଙ୍ଗାରେ ବିନଙ୍କ ମୁଣ୍ଡକୁ ପିଟି ଦେଇଥିଲେ। କୁରେଶୁ ମଧ ମାଡ଼ ମାରିଥିଲେ। କିଛି ବ୍ୟକ୍ତି ସଂଜ୍ଞାହୀନ ଅବସ୍ଥାରେ ବିନଙ୍କୁ ଉଦ୍ଧାର କରି ଘରକୁ ନେଇଥିଲେ। ଏନେଇ ଏତଲା ହେବାପରେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ବାପ-ପୁଅଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ହତ୍ୟା ଉଦ୍ୟମରେ ବ୍ୟବହୃତ ଠେଙ୍ଗାକୁ ଜବତ କରିବାସହ ଅଭିଯୁକ୍ତ ନରସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ କୁରେଶୁ ଗିରଫ ଭୟରେ ଫେରାର ଥିବା ଜଣାପଡିଛି।

### ମହିଳା ମତ୍ସ୍ୟଜୀବୀଙ୍କୁ ନିର୍ଯାତନା

## ଆଇନ ମନ୍ତ୍ରୀଙ୍କୁ ଭେଟିଲେ ମତ୍ସ୍ୟଜୀବୀ ନେତା

ରମ୍ଭା,୧୨।୭(ସମିସ): ଭୁବନେଶ୍ୱର ଠାରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ନେତା ତଥା ଗଞ୍ଜାମ ବିଜେପି ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ଭୀମସେନ ବେହେରା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ବିଧବା ମତ୍ସ୍ୟଜୀବୀ ମହିଳା କୁମାରୀ ବେହେରାଙ୍କୁ ଗୋଦାମ ମାଲିକ ବାକି ଟଙ୍କା ପରିଶୋଧକୁ ନେଇ ମାଡ଼ ମାରିବା ଓ ଏତଲା ଦେବାକୁ ଯାଇଥିବାବେଳେ ବାଲୁଗାଁ ଥାନା ଅବହେଳା କରିବା ବିଷୟରେ ଅବଗତ କରାଇଥିଲେ। ଚିଲିକା ଜାଗା ଓ ଗୋଚର ଜାଗାରେ ଗୋଦାମ ଘର କରି ବେନିୟମ ଭାବେ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି।



ଏହି ଜାଗାକୁ ଆଗରୁ କିଛି ସ୍ୱେଚ୍ଛାସେବୀ ଚିଲିକା ଜବରଦଖଲରୁ ନିବୃତ୍ତ ରହିବା ପାଇଁ ଆନ୍ଦୋଳନ କରିଥିଲେ। ତେଣୁ ଅତିଶୀଘ୍ର ଯେଉଁମାନେ ଅବରୋଧ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମତ୍ସ୍ୟଜୀବୀ ସଙ୍ଘ ଦାବି କରିଛି।

### ଅଘୋଷିତ ବିଦ୍ୟୁତ୍ କାଟ୍‌ରୁ ଅସନ୍ତୋଷ

## ନୂତନ ଗ୍ରୀଡ୍ ନିର୍ମାଣ ଦାବି

ବୁଗୁଡ଼ା,୧୨।୭(ସମିସ): ବୁଗୁଡ଼ା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ବିଦ୍ୟୁତ କାଟ ହେବ ନାହିଁ ବୋଲି ବାରମ୍ବାର ଘୋଷଣା କରୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ମାନୁ ନାହିଁ। କରଚୁଲି ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସାଧାରଣ ବର୍ଷା ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେବା, ବିଭାଗୀୟ ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଫୋନ କଲ୍‌ର ଉତ୍ତର ନଦେବା ତଥା ବିରକ୍ତ ହେବା ଏବଂ ପୂର୍ବ ସୂଚନା ନଦେଇ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି। ଫଳରେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି। ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ତଥା ନିର୍ଭର ଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ବୁଗୁଡ଼ା ସହର ନିକଟରେ ଏକ ନୂତନ ଗ୍ରୀଡ଼ ନିର୍ମାଣ, ବିଭାଗୀୟ ଅଧିକାରୀଙ୍କ ଠାରୁ ଦାୟିତ୍ୱ ଓ ପ୍ରତିକ୍ରିୟାଶୀଳ ସୁନିଶ୍ଚିତ କରିବା ପାଇଁ ଦାବି କରାଯାଇଛି।

## ୧୪ରେ ବନ୍ଦ ରହିବ ଡାକସେବା

ଛତ୍ରପୁର,୧୨।୭(ସମିସ): ଡାକ ବିଭାଗରେ ଅଧୁନା ବ୍ୟବହୃତ ହେଉଥିବା ସାପ୍ ସଫ୍ଟୱେର ବଦଳରେ ନିଜସ୍ୱ ଡିଜାଇନେଡ ଆଇଟି-୨.୦ ସଫ୍ଟୱେର ପ୍ରଚଳିତ ହେବାକୁ ଯାଉଛି। ଏଥିପାଇଁ ବ୍ରହ୍ମପୁର ମୁଖ୍ୟ ଡାକଘର ଓ ତାହା ଅନ୍ତର୍ଗତ ସମସ୍ତ ଉପ ଡାକଘରେ ଚଳିତ ମାସରୁ ପ୍ରଚଳିତ କରାଯିବାକୁ ଡାକ ବିଭାଗ ଦ୍ୱାରା ସ୍ଥିରୀକୃତ ହୋଇଛି। ବ୍ରହ୍ମପୁର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ସଫ୍ଟୱେର ପ୍ରଚଳନ ଦ୍ୱାରା ଡାକ ସେବା ଅଧିକ ତ୍ୱରାନ୍ୱିତ ହେବା ସହ ନେଟୱାର୍କ ସମସ୍ୟା ସମାଧାନ କରିହେବ। ଆଇ : ଟି ୨. ୦ ସଫ୍ଟୱେର ପ୍ରଚଳନ ସକାଶେ ବ୍ରହ୍ମପୁର ଡାକ ମଣ୍ଡଳର ସବୁ ପ୍ରାକ୍ ପ୍ରସ୍ତୁତି ସରି ଯାଇଥିବା ବେଳେ ଆସନ୍ତା ୧୫ ଜୁଲାଇରୁ ବ୍ରହ୍ମପୁର ମୁଖ୍ୟ ଡାକଘର ଓ ତାର ଅଧିନସ୍ତ ସମସ୍ତ ଡାକ ଘରେ ଆଇ: ଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ। ଏଣୁ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ବୈଷୟିକ କାରଣରୁ ଆସନ୍ତା ସୋମବାର ୧୪ଜୁଲାଇ ୨୦୨୫ ତାରିଖ ଦିନ ବ୍ରହ୍ମପୁର ମୁଖ୍ୟ ଡାକ ଘର ଓ ତାର ଅନ୍ତର୍ଗତ ସମସ୍ତ ଉପ ଡାକଘର ତଥା ଶାଖା ଡାକ ଘର ଗୁଡିକରେ ଡାକ ସେବା ବନ୍ଦ ରହିବ। ଏ ଦିଗରେ ସଂପୃକ୍ତ ଅଞ୍ଚଳର ଜନସାଧାରଣ, ଡାକଘର ଗ୍ରାହକ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବିଭିନ୍ନ କର୍ମଚାରୀ, ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହଯୋଗ କରିବା ନିମନ୍ତେ ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ଦିଗପହଣ୍ଡି,୧୨।୭(ସମିସ): ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।ଏନେଇ ଆୟୋଜିତ ସଂଘର ପରିବର୍ଦ୍ଧିତ ଆଲୋଚନା ସଭାରେ ପ୍ରଥମେ ସଂଘର ଆୟବ୍ୟୟ ଉପସ୍ଥାପନ କରାଯାଇ ଅନୁମୋଦିତ କରାଯିବା ପରେ ସଂଘର ସାଂଗଠନିକ ଅଭିବୃଦ୍ଧି ଏବଂ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହାପରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମ୍‌ଜୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଧିଷ୍ଠିର ସ୍ୱାଇଁଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସେହିଭଳି ସୁବାସ ଚନ୍ଦ୍ର ପାଢ଼ୀ ଉପସଭାପତି, କେ. ନାଗେଶ୍ୱର ରାଓ ସମ୍ପାଦକ, ଭବାନୀ ପ୍ରସାଦ ପାଢ଼ୀ ସହସମ୍ପାଦକ, ନରହରି ସାହୁଙ୍କୁ କୋଷାଧ୍ୟକ୍ଷ ରୂପେ ମନୋନୀତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଗଣେଶ ମହାରଣାଙ୍କୁ ସମୀକ୍ଷକ ଏବଂ ସୂର୍ଯ୍ୟନାରାୟଣ ପାତ୍ର, ସୁବାସ ଚୌଧୁରୀ, କୃଷ୍ଣଚନ୍ଦ୍ର ବ୍ରହ୍ମା, ସୁରେନ୍ଦ୍ର ପଟ୍ଟନାୟକ, ପଦ୍ମ ଚରଣ ମେକାପଙ୍କୁ ନେଇ ସଂଘର ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ଭୀମସେନ ପଣ୍ଡା, ସୁଷମା ପାଠୀ, ଅରୁଣ ରଥ, ପୀତବାସ ରଥ, ଦଣ୍ଡପାଣି ସାହୁ, ପୀତାମ୍ବର ମହାରଣା, ରାଜକିଶୋର ଚୌଧୁରୀ, ସୁବାସ ଚନ୍ଦ୍ର ଗୌଡ଼, ବିମ୍ବାଧର ବେହେରା ଏବଂ ହରିଶ୍ଚନ୍ଦ୍ର ପାଢୀଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ମଧ୍ୟ ଗଠିତ ହୋଇଥିବା ଜଣାପଡିଛି।

### ଶିଶୁ ବିକାଶ ଯୋଜନାର ବିକଳ ଚିତ୍ର

# ୧୧ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର

ବୁଗୁଡ଼ା,୧୨।୭(ସମିସ)

ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୩ଟି ୱାର୍ଡରେ ଥିବା ମୋଟ ୧୮ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧୧ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନଥିବା ଜଣାପଡିଛି। ଫଳରେ କେଉଁଠି ଭଡ଼ାଘରେ ତ, ଅନ୍ୟ କେଉଁଠି ଗ୍ରାମ କୋଠଘରେ ଓ ସ୍କୁଲ କୋଠାରେ ସେହି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ପରିଚାଳିତ ହେଉଛି। ବୁଗୁଡ଼ା ଏନ୍‌ଏସିର ୧୧ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ଯୋଗୁ କୋମଳମତି ଶିଶୁମାନଙ୍କ ପାଠପଢ଼ାରେ ନାନା ସମସ୍ୟା ସୃଷ୍ଟି ହେବା ସହ କେନ୍ଦ୍ରଗୁଡ଼ିକୁ ଆସୁଥିବା ଚାଉଳ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ ରଖିବା ଲାଗି କର୍ମୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବୁଗୁଡା ଏନ୍‌ଏସିର କାଞ୍ଚିଆପଲ୍ଲୀ, ମୋଚିସାହି, ବ୍ଲକ୍ କଲୋନୀ, ତଳଓଡ଼ିଆ ସାହି, କାଦପଡ଼ା ଓ ଗୋଲାସାହିର ଦୁଇଟି କେନ୍ଦ୍ର ଆଦି ୭ଟି କେନ୍ଦ୍ରର ନିଜସ୍ୱ କୋଠାଘର



ଥିବା ବେଳେ ରଘୁନାଥ ସାହି କେନ୍ଦ୍ରର ନିର୍ମିତ ନିଜସ୍ୱ କୋଠାଘର ଉଦ୍‌ଘାଟିତ ହୋଇଥିଲେ ସୁଦ୍ଧା ସେଠାକୁ ଯିବାକୁ ରାସ୍ତା ନଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ।

ସେହିପରି ପୁରୁଣା ବାଲିପିଣ୍ଡି ସାହି ଅଙ୍ଗନବାଡ଼ି କେନ୍ଦ୍ରର ନବ ନିର୍ମିତ ନିଜସ୍ୱ କୋଠାଘର ଜଳ ଯୋଗାଣର ଅବ୍ୟବସ୍ଥା ଯୋଗୁ କାମରେ ଲାଗୁନାହିଁ। ଅନ୍ୟପକ୍ଷରେ ବୀରଧନଞ୍ଜୟପୁର, କୃଷ୍ଣଶରଣପୁର ଓ ନେଳିଆବନ୍ଧ ସାହି ଆଦି ୩ଟି ଅଙ୍ଗନବାଡ଼ି କେନ୍ଦ୍ରର କୋଠାଘର ଦୀର୍ଘ ବର୍ଷ ହେଲା ଅଧପନ୍ତରିଆ ହୋଇ ପଡ଼ିରହିଛି। ସେହିପରି ଶକ୍ତି ନଗର, ତେଲି ସାହି ଓ ଖଦାଳସାହି ଆଦି ୩ଟି କେନ୍ଦ୍ରର ନିଜସ୍ୱ କୋଠାଘର ନିର୍ମାଣ ପାଇଁ ସମ୍ପୃକ୍ତ ୱାର୍ଡ ଗୁଡ଼ିକରେ କୌଣସି ସରକାରୀ ଜାଗା ମିଳୁନଥିବାରୁ ବାଧ ହୋଇ ଅଙ୍ଗନବାଡ଼ି କର୍ମଚାରୀଙ୍କ ଘରେ କିମ୍ବା ଅନ୍ୟ କେଉଁଠାରେ କାମଚଳା କେନ୍ଦ୍ର ଖୋଲା ଯାଇଛି।

କେବଳ ଏତିକି ନୁହେଁ, ଗୋଲାମୁଣ୍ଡୁଳା, ନୂଆଁ ସାହି ଓ କୁମ୍ଭାର ସାହି ଆଦି ୩ଟି କେନ୍ଦ୍ରର କୋଠାଘର ପାଇଁ ଜାଗା ଚିହ୍ନଟ ହୋଇଥିଲେ ସୁଦ୍ଧା ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ତେବେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ଏଭଳି ବିକଳ ଚିତ୍ରକୁ ନେଇ ସାଧାରଣରେ ପ୍ରଶାସନିକ ଉଦାସୀନତା ଓ ଜନପ୍ରତିନିଧିଙ୍କ ଅପାରଗତାକୁ ଦାୟୀ କରାଯାଉଥିବା ବେଳେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।

## ଜଙ୍ଗଲପାଡୁ ପ୍ରାଥମିକ କୃଷି ସମବାୟର ଚାରାରୋପଣ



ଗୋଷାଣି,୧୨।୭(ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଡିଆରସିଏସ୍ ହରିହର ସେଠ୍‌ଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଟିଏ ଗଛ ମା'ଙ୍କ ନାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲପାଡୁ ପ୍ରାଥମିକ କୃଷି ସମବାୟର ସମ୍ପାଦକ ବାବୁଲୀ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମର ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ଏଥିରେ ସମିତିର କର୍ମଚାରୀ ସହଯୋଗ କରିଥିଲେ।

## ମହିଳାଙ୍କୁ ମାଟିପାତ୍ର ଓ ଚକ ତାଲିମ ଶିବିର



ନନ୍ଦପୁର, ୧୨।୭ (ସମିସ): ଖଦୀ ଏବଂ ଗ୍ରାମୀଣ ଉଦ୍ୟୋଗ ଆୟୋଗ ତରଫରୁ ଶନିବାର ନନ୍ଦପୁର ବ୍ଲକ ସ୍ଥିତ କୁମ୍ଭାର ସାହିରେ ୧୦ ଦିନିଆ ମାଟିପାତ୍ର ଏବଂ ଚକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଦୀ ଗ୍ରାମୀଣ ଉଦ୍ୟୋଗର ନିର୍ଦ୍ଦେଶକ ସୁବାଷ ଛେତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ଅମିତ୍ କୁମାର ଭୂୟାଁ, ଏଡିଏଚ ସମୀର ପାତ୍ର, ଏଚପିଓ ଅଭିମନ୍ୟୁ ସିଂ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ସମେତ କେଭିଆଇସିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଧୁନିକ ପଦ୍ଧତିରେ ପ୍ରସ୍ତୁତ ବିଦ୍ୟୁତ୍ ଚାଳିତ କୁମ୍ଭାର ଚକ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଆଧୁନିକ ପଦ୍ଧତିରେ ବିଦ୍ୟୁତ ଚାଳିତ ଯନ୍ତ୍ର ଦ୍ୱାରା ତାଲିମ ନେଇ ସ୍ୱାବଲମ୍ବୀ ହେବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ଏହା ଏକ ଏକ ସୁଯୋଗ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିବାନୀ ପ୍ରିୟଦର୍ଶିନୀ, ଜଗଜିତ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ମାଷ୍ଟର ଟ୍ରେନର ଭାବେ ଉପେନ୍ଦ୍ର କୁମ୍ଭାର ଉପସ୍ଥିତ ଥିଲେ।

## କୃଷି ବିଭାଗ ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଟିକିରି, ୧୨।୭ (ସମିସ): କାଶୀପୁର ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଗୋଡିବାଲି ଏବଂ ଶିରିପାଇ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଥିବା କୃଷି ଅଧିକାରୀ ଜୟ କୃଷ୍ଣ ସାହୁ ଗତ ମାସ ୩୦ ତାରିଖରେ ଅବସର ନେଇଛନ୍ତି। ସେ ୨୦୧୨ ମସିହାରେ କାଶୀପୁର ବ୍ଲକରେ କୃଷି ବିଭାଗରେ ଯୋଗଦେଇ କୋଲନରା, ବିଷମ କଟକରେ ସହକାରୀ କୃଷି ଅଧିକାରୀ ଏବଂ ୨୦୦୩ରୁ ସେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇଲେ। କାଶୀପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ନିହାର ରଞ୍ଜନ ଦାସ, କୃଷି ଅଧିକାରୀ ନିରଞ୍ଜନନାୟକ, ପଞ୍ଚାନନ ବେହେରା, ଜଗଦୀଶପାଳ, ଲୋକନାଥ ମଣ୍ଡାଙ୍ଗି, କୈଳାସ ମାଝୀ, ହରପ୍ରିୟା ପାତ୍ର, ମଞ୍ଜୁଶ୍ରୀ ସିଂହ, ସରିତା ପ୍ରଧାନ, ରେଣୁକା ମାଝୀ, ଭୁବନ ଗମାଙ୍ଗ, ଡମ୍ବରୁଧର ଗୁଣ୍ଡାଗିରି ଅଗ୍ରଗାମୀ ସଙ୍ଗଠନର ବିସି ଉମାକାନ୍ତ ରଣା ଏବଂ ଅବା କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ଉପଢୌକନ ପ୍ରଦାନ କରିଥିଲେ। କାଶୀପୁର ବ୍ଲକର ମାଣ୍ଡିବିଶି ମଣ୍ଡଳ ଦାୟିତ୍ୱରେ ଥିବା କୃଷି ଅଧିକାରୀ ପ୍ରଦୀପ କୁମାର ରତ୍ନାଲୁ ଗୁଣୁପୁର ବ୍ଲକକୁ ବଦଳି ହୋଇଥିବାରୁ ତାଙ୍କୁ ମଧ୍ୟ କାର୍ଯ୍ୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରକାଳୀନ ସମ୍ବର୍ଦ୍ଧନା ସମୟରେ ତାଙ୍କ ଧର୍ମପତ୍ନୀ ସଞ୍ଜିତା ସାହୁ ଓ ପୁଅ, ଝିଅ ଉପସ୍ଥିତ ଥିଲେ।

## ସିଲେଇ ତାଲିମ ଶିବିର ଉଦ୍‌ଘାଟିତ

ସେମିଳିଗୁଡା, ୧୨।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଲାୟନ୍ସ କ୍ଲବଠାରେ ମଲ ଓ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଝିଅମାନଙ୍କ ପାଇଁ ଏକ ସିଲେଇ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଲାୟନ୍ସ କ୍ଲବର ଉପ ସଭାପତି ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଓ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ



ପର୍ଯ୍ୟାୟ ଶିବିରକୁ ଉଦ୍‌ଘାଟନ କରି ଶ୍ରୀମତୀ ମିଶ୍ର ଏହି ଝିଅମାନେ ମଲରେ କାର୍ଯ୍ୟ କରି ମଧ୍ୟ ସକାଳୁ ଆସି ଏହି ଚାରିମାସିଆ ତାଲିମ ନେଉଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ଆଗକୁ ନିଜେ ରୋଜଗାରକ୍ଷମ ହେବାରେ ଏହି ତାଲିମ ସେମାନଙ୍କୁ ସାହାର୍ଯ୍ୟ କରିବ ବୋଲି କହିଥି। ଡକ୍ଟର ମିଶ୍ର ଶିକ୍ଷାର୍ଥୀମାନଙ୍କୁ ନିଷ୍ଠାର ସହିତ ଏହା ଶିଖିବା ପାଇଁ କହିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର ସାମଲ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମୋଟ ପନ୍ଦର ଜଣ ଝିଅ ଏହି ପର୍ଯ୍ୟାୟରେ ତାଲିମ ନେଉଛନ୍ତି। କ୍ଲବର ବରିଷ୍ଠ କ୍ୟାବିନେଟ ମେମ୍ବର ଆନନ୍ଦ କୁମାର ପାଟୱାନିଆ ଏହି ତାଲିମ ପାଇଁ ସିଲେଇ ମେସିନ ପ୍ରଦାନ କରିଛନ୍ତି।

# ଦୁର୍ବଳ ହେଉଛି ଇନ୍ଦ୍ରାବତୀ ପୋଲ

ନବରଙ୍ଗପୁର, ୧୨।୭ (ସମିସ)

ନବରଙ୍ଗପୁର ଜିଲ୍ଲାରୁ ପଶ୍ଚିମ ଓଡ଼ିଶା ଛତିଶଗଡ଼ ରାଜ୍ୟ, ଆନ୍ଧ୍ରପ୍ରଦେଶ ରାଜ୍ୟ ସହିତ ଓଡ଼ିଶା ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ ଉପରେ ନିର୍ମିତ ଏକମାତ୍ର ପୋଲ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ପୋଲ ନିର୍ମାଣର ୪୦

- ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଲୋକେ
- ଖାଲଖମା ଯୋଗୁଁ ବଢ଼ୁଛି ଦୁର୍ଘଟଣା

ବର୍ଷ ବିତିଥିବା ସତ୍ତ୍ୱେ ଏହାର ମରାମତି କରାଯାଉ ନଥିବାରୁ ଇନ୍ଦ୍ରାବତୀ ପୁରୁଣା ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଛି। ପୋଲର ଉପର ଭାଗରେ ବର୍ତ୍ତମାନ ବିଭିନ୍ନ ଖାଲଖମା ସୃଷ୍ଟି ହେବା ସହ ପଡ଼ିଥିବା ସ୍ଲାବ୍‌ର ଲୁହାଛଡ଼ କେତେକାଂଶରେ ଦେଖାଦେଉଛି। ଅଳ୍ପ ବର୍ଷା ହେଲେ ବି ପାଣି ଜମିଯିବା ଦ୍ୱାରା ପୋଲ ଉପରେ ଥିବା ଖାଲ ଗୁଡିକ ଜଣାପଡୁନଥିବାରୁ କୃତ୍ରିମ ପୋଖରୀ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର ରହିଛି।



ନବରଙ୍ଗପୁର କୋରାପୁଟ ସୀମାବର୍ତ୍ତି ତଥା ଅବିଭକ୍ତ କୋରାପୁଟ କଳାହାଣ୍ଡି ଜିଲ୍ଲା ସହିତ ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ଏହି ପୋଲ ପ୍ରାୟତଃ ଗତ ୧୯୮୧ ମସିହାରେ ନିର୍ମାଣ ହୋଇଥିଲା। ଏବେ ଏହାକୁ ପାଖାପାଖି ୪୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହୋଇସାରିଲାଣି। ଏଥିସହିତ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଲ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଏପରି ସ୍ଥଳେ ବଡ ବଡ ମାଲ ବୋଝେଇ ଟ୍ରକ ସହ କାର ମୋଟରସାଇକେଲରେ ନିଜ ଜୀବନକୁ ବାଜି ଲଗେଇ ଲୋକେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯିବା ଆସିବା କରୁଛନ୍ତି। ବେଳେ ବେଳେ ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ଗେଟ ଖୋଲା ହେଲେ ନଦୀ ଜଳ ଦୁଇ କୂଳ ଖାଇବା ସହ ପୋଲ ଉପର ପାଖକୁ ମଧ୍ୟ ଛୁଉଁଛି। ନବରଙ୍ଗପୁର ଦେଇ ପଶ୍ଚିମ ଓଡିଶକୁ ପ୍ରତ୍ୟେହ ଶତାଧିକ ଗାଡି ମୋଟର ଏହି ଇନ୍ଦ୍ରାବତୀ ପୋଲ ରାସ୍ତା ଦେଇ ଯାତାୟତ କରିଥାଏ। ୨୬ ନମ୍ବର ଜାତୀୟ ରାଜପଥ ପାପଡ଼ାହାଣ୍ଡି ଛକ ଠାରୁ ୩୯ ନମ୍ବର ରାଜ୍ୟ ରାଜପଥ ଡ଼ାବୁଗାଁ, ଉମରକୋଟ, ରାଇଘର ଦେଇ ଛତିଶଗଡ଼ ରାଜ୍ୟ ସହିତ ପଶ୍ଚିମ ଓଡ଼ିଶା, ଉତ୍ତର ଓଡ଼ିଶା ଏବଂ ପୂର୍ବ ଓଡ଼ିଶାକୁ ମଧ୍ୟ ଏହି ଗୋଟିଏ ରାସ୍ତା ସଂଯୋଗ କରୁଛି। ଏହା ବ୍ୟତୀତ କୋରାପୁଟ ଜିଲ୍ଲାରୁ ନବରଙ୍ଗପୁର ଜିଲ୍ଲାକୁ କୌଣସି ମାଲବାହି ଟ୍ରକ, ଯାତ୍ରୀବାହୀ ବସ୍ ଯିବା ଆସିବା ପାଇଁ ମଧ୍ୟ ଏହି ଇନ୍ଦ୍ରାବତୀ ପୋଲ ଉପରେ ନିର୍ଭର କରିଥାଏ। ଏବେ ପୋଲର ଦୁଇ ପାର୍ଶ୍ୱ ଅପ୍ରୋଚ ଖାଇବାରେ ଲାଗିଛି। ଆଗକୁ ବର୍ଷା ଦିନ ରହିଥିବାରୁ କୃତ୍ରିମ ଓ ପ୍ରାକୃତିକ ବନ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ପୋଲ ତଥା ନଦୀର ପୂର୍ବ ଭାଗକୁ କିଛି ଦୂରରେ ନଦୀ ମଧ୍ୟରେ ଏକ ବ୍ୟରେଜ ନିର୍ମାଣ କାର୍ଯ୍ୟ ଚାଲିଛି। ତାହାର ନିମ୍ନ ଭାଗକୁ ପ୍ରତ୍ୟେକ ବର୍ଷ ନଦୀକୂଳ ଖାଇ ଚାଷୀଙ୍କ ଚାଷ ଜମି ଲୀନ ହୋଇ ସାରିଲାଣି। ପୋଲର କେତେକ ସ୍ଥାନରେ ଖାଲଖମା ହେବା ଦ୍ୱାରା ପାଣି ଜମି ପୋଲ ଉପର ଭାଗ ଆହୁରି ନଷ୍ଟ ହେବାକୁ ବସିଛି। ଏଥି ସହିତ କେତେବେଳେ ଏହି ବ୍ରିଜ ଭାଙ୍ଗିଯିବ ତାହା କହିହେବ ନାହିଁ। ଏହି ପୋଲ ଭୁଶୁଡିଲେ ନବରଙ୍ଗପୁର ଜିଲ୍ଲା ସହ ବହୁ ଜିଲ୍ଲା ଏବଂ ରାଜ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବାର ଆଶଙ୍କା ରହିଛି। ଏହି ସମସ୍ତ ପାରିପାର୍ଶ୍ୱିକ ଦୃଷ୍ଟି କୋଣରୁ ଇନ୍ଦ୍ରାବତୀ ନଦୀର ସୁରକ୍ଷା ଦିଗରେ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି ଜନସାଧାରଣ ଦାବି କରିଛନ୍ତି। ତୁରନ୍ତ ଏହି ବ୍ରିଜ ମରାମତି ସହ ଇନ୍ଦ୍ରାବତୀ ପୋଲ ଉପରେ ଆଉ ଗୋଟିଏ ନୂତନ ବ୍ରିଜ ନିର୍ମାଣ କରାଯିବାକୁ ଜିଲ୍ଲା ନବରଙ୍ଗପୁର ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର ଓ ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ସନ୍ତୋଷ କୁମାର ମିଶ୍ର ଦାବି କରିଛନ୍ତି।

## ଗୁରୁତରଙ୍କୁ ଉନ୍ନତ ଚିକିତ୍ସା ପାଇଁ ସହାୟତା କଲେ ସ୍ୱେଚ୍ଛାସେବୀ

ପଦ୍ମପୁର, ୧୨।୭ (ସମିସ): ସ୍ୱେଚ୍ଛାସେବୀ ତଥା ଏଟିଏଚ୍ ରୋକ୍ ପରିବାରର ଉପସଭାପତି ଆଦିତ୍ୟ ନାରାୟଣ ମିଶ୍ର ଜଣେ ଗୁରୁତରଙ୍କ ଉଚିତ ସମୟରେ ଉନ୍ନତ ଚିକିତ୍ସା ପାଇଁ ବଡ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ସହାୟତା କରି ମାନବିକତା ଦେଖାଇଛନ୍ତି। ଯାହାକୁ ନେଇ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନାନୁଯାୟୀ, ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଧରାପୁର ଗ୍ରାମର ଈଶ୍ୱର ଶବର ପାରିବାରିକ କଳହ ଯୋଗୁଁ ଗତକାଲି ରାତିରେ ଘାସ ମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଗୁରୁତର ହୋଇଯାଇଥିଲେ। ପରେ



ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ମେଡିକାଲକୁ ଅଣାଯାଇଥିଲା। ସେହି ସମୟରେ ଏଟି ଏଚ ରୋକ ପରିବାରର ରାଜ୍ୟ ଉପସଭାପତି ଆଦିତ୍ୟ ନାରାୟଣ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡାକ୍ତରଙ୍କ ସହ କଥା ହେଇଥିଲେ। ସ୍ଥିତି ସଂକଟାପନ୍ନ ଥିବାରୁ ଡାକ୍ତର ବ୍ରହ୍ମପୁରକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେହି ସମୟରେ କୌଣସି ୧୦୮ ଆମ୍ବୁଲାନ୍ସ ଖାଲି ନଥିବାରୁ ଶ୍ରୀ ମିଶ୍ର ପାରଳାଖେମୁଣ୍ଡି ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ପରେ ଶ୍ରୀ ମିଶ୍ର ଓ ତାଙ୍କ ସହଯୋଗୀ ଯୁଗଳ ଶବର ରାତି ୧୧ ଟା ସମୟରେ ପାରଳାଖେମୁଣ୍ଡି ନେଇ ସେଠାରେ ଚିକିତ୍ସା କରାଇଥିଲେ। କିଛି ସମୟ ଚିକିତ୍ସା ପରେ ସେ ଠିକ୍ ଥିବା ଡାକ୍ତର କହିଛନ୍ତି। ସହାୟତାର ହାତ ବଢ଼ାଇ ସଠିକ ସମୟରେ ଚିକିତ୍ସା କରାଇଥିବାରୁ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଖାଲଖମାରେ ଭର୍ତ୍ତି ଡୁଡୁମା ମୁଖ୍ୟ ରାସ୍ତା

ନନ୍ଦପୁର, ୧୨।୭ (ସମିସ): କୋରାପୁଟ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ରାଣୀ ଡୁଡୁମା ଅନ୍ୟତମ। ଏହି ପର୍ଯ୍ୟଟନ ସ୍ଥଳୀର ମୁଖ୍ୟ ରାସ୍ତା ଏବେ ଖାଲଖମାରେ ପୂର୍ଣ୍ଣ ହୋଇ ରହିଛି। ଯାହାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟବାସୀନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପର୍ଯ୍ୟଟନ ସ୍ଥଳୀର ପ୍ରକୃତିକ ସୌନ୍ଦର୍ଯ୍ୟ ଓ କୃତିମ କାରୁକାର୍ଯ୍ୟ ସହ ପ୍ରକୃତି ରାଣୀର ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ହଜାର ହଜାର ପର୍ଯ୍ୟଟକ ଦୈନିକ ରାଣୀ ଡୁଡୁମା ଆସୁଥିବାବେଳେ ବର୍ତ୍ତମାନ ପର୍ଯ୍ୟଟକଙ୍କ ପାଇଁ ରାସ୍ତା ବାଧକ ସାଜିଛି। ଗତ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଲଗାଣ ବର୍ଷା ଲାଗି ରହିଥିବାବେଳେ ଖାଲଖମା ରାସ୍ତା ଉପରେ ବର୍ଷା ଜଳ ଜମି ଭାରତ ମାନଚିତ୍ରର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତାର ମରାମତି ଦିଗରେ ଦୃଷ୍ଟି ଦେବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ମୁଖ୍ୟ ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ



ମରାମତି କରାଯାଉ ନଥିବା ସେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଆସୁଥିବା ପର୍ଯ୍ୟଟକଙ୍କ ଠାରୁ ପାର୍କିଂ ଠାରୁ ଆରମ୍ଭ କରି ପ୍ରବେଶ ପ୍ରଥ ଶୁଳ୍କ ଆଦାୟ ହେଉଥିଲେ ମଧ୍ୟ ଅର୍ଥ ଆଦାୟ ଟଙ୍କା ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହେଉ ନଥିବା ଅଭିଯୋଗ ହେଉଛି। ତେଣୁ ପର୍ଯ୍ୟଟନ ବିକାଶ ପରିଷଦ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଏଲ୍‌ଓ, ସୁପରଭାଇଜରଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର



ବୈପାରୀଗୁଡା, ୧୨।୭ (ସମିସ): ବୈପାରୀଗୁଡ଼ା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ବିଏଲଓ ଓ ସୁପରଭାଇଜରମାନଙ୍କୁ ନେଇ ଦୁଇ ଦିନିଆ ଜାତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଜିପିଡିଓ ମିଲୁ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ଏବିଡିଓ ନିବେଦିତା ଦଣ୍ଡସେନା ଏବଂ ବିଇଓ ସୁକାନ୍ତ କର୍ତ୍ତମୀ ପ୍ରମୁଖ ଉପସ୍ଥିତ ରହିଥିଲେ। କୋରାପୁଟ ନିର୍ବାଚନ ମଣ୍ଡଳୀ ଏବଂ କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ୯୧ ବିଏଲଓଙ୍କ ସମେତ ୯ ଜଣ ସୁପରଭାଇଜର ଉପସ୍ଥିତ ଥିଲେ। ଏଥିରେ କୋରାପୁଟ ଓ କୋଟପାଡ଼ ବିଧାନସଭା ଅଞ୍ଚଳର ଭୋଟରଙ୍କ ନାମ ଯୋଗ କରିବା, ବାଦ ଦେବା ଓ ସଂଶୋଧନ ତଥା ବିଏଲଓ ଆପ୍ ବ୍ୟବହାର ଓ ଘର ଘର ସର୍ଭେ ସମୟରେ ଉପୁଜୁଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଛି।

## ରାଜ୍ୟସ୍ତରରେ ଡା. ଦିଲ୍ଲୀପ ଦଳାଇ ପୁରସ୍କୃତ

ପାପଡ଼ାହାଣ୍ଡି, ୧୨।୭ (ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ଦିଲୀପ ଦଳାଇଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନଠାରେ ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଡା. ଦିଲୀପ ଦଳେଇଙ୍କୁ ସମ୍ମାନିତ କରିଛନ୍ତି। ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ରାଜ୍ୟର ବେଷ୍ଟ ସର୍ଜନ ଭାବେ ମୋଟ ୧୫



ଜଣ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ଡା. ଶ୍ରୀ ଦଳାଇ ୨୪ରୁ ୨୫ ବର୍ଷ ମଧ୍ୟରେ ୧୧୦୦ ରୁ ଅଧିକ ପରିବାର କଲ୍ୟାଣ ଅସ୍ତ୍ରପ୍ରଚାର କରିଛନ୍ତି। ତାଙ୍କର ନିଷ୍ଠାପର ସେବା ମନୋବୃତ୍ତି ପାଇଁ ରାଜ୍ୟ ସରକାର ତାଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରିଥିବା ଜଣାପଡ଼ିଛି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

ଜୟପୁର, ୧୨।୭ (ସମିସ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଦ୍ୟାଳୟସ୍ତରୀୟ 'ଗୋଟିଏ ଗଛ ମା'ଙ୍କ ନାମ' କାର୍ଯ୍ୟକ୍ରମ ମାଧ୍ୟମରେ ଜୟପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନକେନ୍ଦ୍ର ପକ୍ଷରୁ ବୁଧବାର ଠାରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରୀ ରହିଛି। ଏହି କାର୍ଯ୍ୟକ୍ରମରେ ଜୟପୁର ଗୋଷ୍ଠୀଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ହାନାଗୁଡା, ଗୋଡ଼ିଆ ଧୋବାସାହି, ପାୱାର ହାଉସ କଲୋନୀ, ସାମନ୍ତରା ସାହି, ଏକ୍ସବୋର୍ଡ଼ ମହମ୍ମଦିଆନ, ସାରସ୍ୱତ ବାଲ ମନ୍ଦିର, ଜୟନଗର ଆଶ୍ରମ ବିଦ୍ୟାଳୟ, ଜୟନଗର, ପାଇକସାହି, ସୁନାରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ, ସରକାରୀ ପୌର ଉଚ୍ଚ ବାଳିକା ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପାଚିକା ଏବଂ କିଛି ଅଭିଭାବିକଙ୍କ ଉପସ୍ଥିତିରେ ରନ୍ଧନ ପାଇଁ ବ୍ୟବହୃତ, ଔଷଧୀୟ ବୃକ୍ଷ ଏବଂ ଫୁଲ, ପତ୍ର ବୃକ୍ଷ ଚାରାରୋପଣ କରାଯାଇଛି। ଏହି ଅବସରରେ ଚାରାରୋପଣର ପରିବେଶ ଏବଂ ଅନ୍ୟାନ୍ୟ ଜୀବଜଗତର ଉପକାରୀତା ଉପରେ ସଚେତନତା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ଗୀତଗାଇ, ସ୍ଲୋଗାନ ଦେଇଥିଲେ।

**କୋଟପାଡ :** କୋଟପାଡ ମାଉଲି ମା' ଯୁବକ ସଂଘ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୋଟପାଡ଼ ସହର ବୋବେୟା ପଞ୍ଚାୟତର ଫୁପୁ ଗାଁ ଓ ବି. ଘୋଟର୍ଲା ଗ୍ରାମର ଜଙ୍ଗଲରେ ବିଭିନ୍ନ କିସମ ଯଥା କରଞ୍ଜ, ପଣସ, ଆମ୍ବ, ଜାମୁକୋଳି, ତେନ୍ତୁଳି ଓ ଅନ୍ୟାନ୍ୟ ଗଛର ମଞ୍ଜି ବୁଣା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ହେମନ୍ତ କୁମାର ପାତ୍ର, ଶିକ୍ଷକ ପ୍ରଶାନ୍ତ ସାହୁ, ସରୋଜ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ରଥ, ପ୍ରକୃତି ବନ୍ଧୁ କୁଞ୍ଜ ବିହାରୀ ବୈଦ୍ୟ, ସୁରେଶ ବେହେରା, ଗୋକୁଳା ନନ୍ଦ ରଥ, ଯୁବ ସମାଜସେବୀ ଅଚ୍ୟୁତାନନ୍ଦ ବକ୍ସି, ବନପାଳ ମିହିର କୁମାର ପ୍ରଧାନ, ସୁଦୀପ୍ତା ନାୟକଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

**ମୁନିଗୁଡା:** ୪ ବାଟାଲିୟନ ପୁଲିସ ବାହିନୀ ପକ୍ଷରୁ ବନ ମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଡିମିରିଗୁଡ଼ା ପଞ୍ଚାୟତ ପାଲକାପଡ଼ା ଗାଁରେ କମ୍ପାନୀ କମାଣ୍ଡର ଏମ୍‌ଏଲ୍ ନାଇଡୁ ଗେଡେଲାଙ୍କ ନେତୃତ୍ୱରେ ପୁଲିସ ବାହିନୀ ଦ୍ୱାରା ୮୦୦ରୁ ଊର୍ଦ୍ଧ୍ୱ ବୃକ୍ଷ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଟାଲିୟନ୍













ପୁଲିସ ବାହିନୀର ସମସ୍ତ କର୍ମଚାରୀଙ୍କ ସମେତ ରଘୁବାରୀ ହାଇସ୍କୁଲର ଛାତ୍ରମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଅଧିକରୁ ଅଧିକ ଗଛ ଲଗାଇ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବା ଓ ଲୋକଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କମ୍ପାନୀ କମାଣ୍ଡର ଏମ୍‌ଏଲ୍ ନାଇଡୁ ଗେଡେଲା କହିଥିଲେ।

**ନନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମପଞ୍ଚାୟତର ନରସିଙ୍ଗଗୁଡା ଗ୍ରାମର ଖେଳ ପଡ଼ିଆରେ ଗୋଟିଏ ଚାରାରୋପଣ ମା'ଙ୍କ ନାମରେ ନବରଙ୍ଗପୁର ବନଖଣ୍ଡ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇଥିଲେ। ନବରଙ୍ଗପୁର ରେଞ୍ଜ ଅଧିକାରୀ ଗୋପିନାଥ ସାହୁ, ଫରେଷ୍ଟର ରିତେଶ ସୁନା, ଲକିରାମ ମାଝୀ, ପରେଶ୍ ବିଷୋୟୀ ଓ ଭଗବାନ ଭତରା ଓ ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ। ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଜେପି ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା, ବିଜେପି ଜିଲ୍ଲା ଉପସଭାପତି ସନାତନ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାପାତ୍ର ଓ ଦଳୀୟ କର୍ମକର୍ତ୍ତା ଭାବେ ଲକ୍ଷ୍ମୀଶ୍ୱର ମାଝୀ, ଲକ୍ଷ୍ମୀ ଚନ୍ଦ୍ର ଗୌଡ଼, ଦଳୀୟ କର୍ମୀମାନେ ଅଂଶ ଗ୍ରହଣ କରିଥିଲେ। ନରସିଂହଗୁଡ଼ା ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମର ଭଦ୍ରବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ପିଲାମାନଙ୍କ ଗହଣରେ କେକ୍ କାଟି ୪୭ତମ ନିଜ ଜନ୍ମଦିନ ଉତ୍ସବ ପାଳନ କରିଥିଲେ।

ସକାଳ
THE SAKALA



**ଅପହରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ**

# ଡ୍ରାଇଭର ମହାସଂଘ ରାଜ୍ୟ କୋଷାଧ୍ୟକ୍ଷଙ୍କୁ ରାତିଅଧିଆ ଉଠାଇନେଲା ପୁଲିସ୍

**ଦେବଗଡ଼/ବଲାଙ୍ଗିର,୧୨।୭(ସମିସ):** ଓଡ଼ିଶା ଡ୍ରାଇଭର୍ ମହାସଂଘର କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଇନ୍ତଳା ପୁଲିସ୍ ରାତି ଅଧିଆ ଉଠାଇନେବା ଏବଂ ଏ ସଂପର୍କରେ ଜାଣିନପାରି ତାଙ୍କ ପରିବାରଲୋକ ଓ ସଂଘର କର୍ମକର୍ତ୍ତାମାନେ ଦେବଗଡ଼ ଥାନାରେ ଅପହରଣ ନେଇ ଏତଲା ଦେବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।



ସୂଚନାନୁଯାୟୀ, ଆଦିତ୍ୟ ମହାସଂଘର ରାଜ୍ୟ କୋଷାଧକ୍ଷ ସହ ଜିଲ୍ଲା ସଭାପତି ପଦରେ ଅବସ୍ଥାପିତ ଅଛନ୍ତି। କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲା ପୁଇନ୍ତଳା ଥାନା ବଇରାସରଠାରେ ଜଣେ ଡ୍ରାଇଭରଙ୍କୁ ମାଡ଼ ଘଟଣାର ସେ ଅନ୍ୟତମ ଅଭିଯୁକ୍ତ ଥିଲେ। ତେଣୁ ଦେବଗଡ଼ ପୁଲିସ୍ ସହାୟତାରେ ପୁଇନ୍ତଳା ପୁଲିସ୍ ଗତରାତିରେ ତାଙ୍କୁ ସଂଘ କାର୍ଯ୍ୟାଳୟରୁ ଏକ ନାଟକୀୟ ଢଙ୍ଗରେ ଗିରଫ କରି ନେଇଯାଇଥିଲା। କିନ୍ତୁ ଆଦିତ୍ୟଙ୍କୁ ନେବା ସମୟରେ ପୁଲିସ ନା ତାଙ୍କ ପରିବାର ନା ସହଯୋଗୀଙ୍କୁ କୌଣସି ସୂଚନା ଦେଇନଥିଲା। ତେଣୁ ଏଥିରେ ଜିଲ୍ଲା ସଂଘର ସଦସ୍ୟମାନେ ବିବ୍ରତ ହୋଇପଡ଼ିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରିନେଇଥିବା ଆଶଙ୍କାରେ ଜିଲ୍ଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଦେବଗଡ଼ ଥାନାରେ ଅପହରଣଜନିତ ଅଭିଯୋଗ କରିଥିଲେ। ଅପରପକ୍ଷେ, ଆଦିତ୍ୟଙ୍କ ବାପା ମଧ୍ୟ ପୁଅର ନିଖୋଜ ସମ୍ପର୍କରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ତେବେ ଦୁଇ ଦୁଇଟି ଅଭିଯୋଗ ପାଇବା ପରେ ଦେବଗଡ଼ ପୁଲିସ୍ ସତ ଉଜାଗର କରିଥିଲା। ଆଦିତ୍ୟଙ୍କୁ ପୁଇନ୍ତଳା ପୁଲିସ୍ ଗିରଫ କରିଛି ବୋଲି ସ୍ପଷ୍ଟ କରିଥିଲା। କିନ୍ତୁ ସଂଘର ଆନ୍ଦୋଳନ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ କାହାରିକୁ ସଠିକ ସୂଚନା ଦେଇନଥିଲା।



ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ସୋନପୁର ପଟୁ ଏକ ମିନିଟ୍ରକ୍ ବଲାଙ୍ଗିର ଆସୁଥିବା ବେଳେ ବଇରାସରଠାରେ ଉକ୍ତ ଟ୍ରକ୍‌କୁ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇଥିଲେ। ସେଠାରେ ମିନିଟ୍ରକ୍‌ରେ ଥିବା ଡ୍ରାଇଭର୍ ମନୋଜ ବଗର୍ତ୍ତିଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ମନୋଜକୁ କିଛି ଡ୍ରାଇଭର ମିଶି ଆକ୍ରମଣ କରିଥିଲେ। ଫଳରେ ମନୋଜ ଗୁରୁତର ହୋଇ ବଲାଙ୍ଗିର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇନ୍ତଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଡ୍ରାଇଭରକୁ ମାଡ଼ ମାରିଥିବା ୮ଜଣ ଡ୍ରାଇଭରଙ୍କୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଉକ୍ତ ଘଟଣାରେ ଫେରାର ଥିବା ଆଦିତ୍ୟ ପ୍ରସାଦ ବେହେରାଙ୍କୁ ପୁଲିସ ଗିରଫ କରିଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କିନ୍ତୁ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗିର ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ପୁଲିସ୍ ଆଦିତ୍ୟଙ୍କୁ କୁଖ୍ୟାତ ଅପରାଧୀଙ୍କ ଭଳି ପୁଲିସ୍ ରାତିଅଧିଆ ଉଠାଇନେବାକୁ ସଂଘର ସଦସ୍ୟମାନେ ନିନ୍ଦା କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ପୁଲିସ୍ ବିରୋଧରେ ସ୍ଲୋଗାନ୍ ଦେଇ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଛି।

**ରାସ୍ତାକଡ଼ରେ ପ୍ରସବ କଲେ ମାନସିକ ଭିନ୍ନକ୍ଷମ**

# ଜଙ୍ଗଲ ରାସ୍ତାରେ ମା'-ଛୁଆଙ୍କୁ ଛାଡ଼ି ଚାଲିଗଲା 'ସଖୀ' ଗାଡ଼ି

**ତୁମୁଡ଼ିବନ୍ଧ, ୧୨।୭ (ସମିସ):** ଦୁଷ୍କର୍ମର ଶିକାର ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ଯୁବତୀ ରାସ୍ତାକଡ଼ରେ ପ୍ରସବ କରିବା, ଉଭୟ ମା'-ଛୁଆଙ୍କୁ ଜଙ୍ଗଲ ରାସ୍ତାରେ ଛାଡ଼ି 'ସଖୀ' ଗାଡ଼ି ସେଠାରୁ ପଳାଇବା ଭଳି ଅମାନବୀୟ ଘଟଣା ଆଜି ପଦାକୁ ଆସିବା ପରେ କନ୍ଧମାଳ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ ତୁମୁଡ଼ିବନ୍ଧ ସିଡିପିଓଙ୍କ ଉଦ୍ୟମ ଯୋଗୁଁ ଉଭୟଙ୍କ ଜୀବନ ବଞ୍ଚିଯାଇଛି। ଉଭୟ ମା'-ଛୁଆଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ତୁମୁଡ଼ିବନ୍ଧ ବ୍ଲକ ଗୁମ୍ମା ପଞ୍ଚାୟତ ଅଞ୍ଚଳର ଜଣେ ୨୨ ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ କରିଥିଲା। ଏଥିରେ ଯୁବତୀଜଣଙ୍କ ଗର୍ଭବତୀ ହୋଇଯାଇଥିଲେ। ଖବର ପାଇ ତୁମୁଡ଼ିବନ୍ଧ ସିଡିପିଓ ଲତା ଦିଗାଲ ଏବଂ ଅଙ୍ଗନବାଡ଼ି ସୁପରଭାଇଜର୍ ଗତ ଜୁନ୍ ୯ ତାରିଖରେ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା କେନ୍ଦ୍ରରେ ଛାଡ଼ିଥିଲେ। କିନ୍ତୁ ଆଜି ଯୁବତୀଙ୍କ ପ୍ରସବବେଦନା ହେବାରୁ ସେ ଅନ୍ୟ ଅନ୍ତେବାସୀମାନଙ୍କୁ କାମୁଡ଼ାକାମୁଡ଼ି କରିଥିଲେ। ଖବର ପାଇ ପୀଡ଼ିତାଙ୍କ ପରିବାରଲୋକ ଓ ଅଙ୍ଗନବାଡ଼ି କର୍ମୀ ନମିତା ତାଙ୍କୁ 'ସଖୀ' ଗାଡ଼ିରେ ଫୁଲବାଣୀରୁ ନିଜ ଘର ଗୁଡୁକାକୁ ଆଣୁଥିଲେ। କିନ୍ତୁ ବାଟରେ ପ୍ରସବବେଦନା ଅଧିକ ହେବାରୁ ଗାଡ଼ିଟି ଅଟକି ଯାଇଥିଲା। ବେଲଘର ରାସ୍ତାର ଜଙ୍ଗଲ ରାସ୍ତାକଡ଼ରେ ଯୁବତୀଜଣଙ୍କ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ, ଏହି ସମୟରେ ସେମାନଙ୍କୁ ଆଣି ଆସିଥିବା 'ସଖୀ' ଗାଡ଼ିଟି ମା' ଓ ଶିଶୁକୁ ସଂକଟାପନ୍ନ ଅବସ୍ଥାରେ ସେମିତି ଅବସ୍ଥାରେ ଛାଡ଼ି ଫୁଲବାଣୀ ଅଭିମୁଖେ ଚାଲିଯାଇଥିଲା। ସଙ୍ଗେସଙ୍ଗେ ଅଙ୍ଗନବାଡ଼ିକର୍ମୀ ନମିତା ତୁମୁଡ଼ିବନ୍ଧ ସମ୍ପନ୍ନିତ ଶିଶୁ ବିକାଶ ଯୋଜନା ଅଧିକାରୀ ଲତା ଦିଗଲଙ୍କୁ ଫୋନ୍ କରି ଜଣାଇବା ପରେ ସିଡିପିଓ ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇବା ମାତ୍ରେ ଡା. ବିଜୟ କୁମାର ଭୋଇ ଓ କରିସ୍ମା ନାୟକ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଯୁବତୀକୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଫୁଲବାଣୀରୁ ଆସିଥିବା 'ସଖୀ' ବାହାନ କିପରି ଅସହାୟ ଅବସ୍ଥାରେ ମା' ଓ ନବଜାତ ଶିଶୁକୁ ରାସ୍ତାରେ ଛାଡ଼ି ଚାଲିଗଲା, ତାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# କବି ବିଦ୍ୟୁତ୍‌ପ୍ରଭା ଦେବୀ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର,୧୨।୭(ସମିସ):** ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ




**ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ପାଳିତ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡ଼େ। ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ସହ ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ପ୍ରୟାସ ଜାରି ରଖିବା ଉଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ ଯେ, କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଏକାମ୍ର ବିଧାୟକ ବାବୁ ସିଂ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିର ଉଦ୍‌ଘାଟନ ସହ ପୁସ୍ତକ "ବାଜିରାଉତ" ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା "କୋଣାର୍କ"କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକଡେମୀର ସଚିବ ଡ. ଚନ୍ଦ୍ରଶେଖର ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିମିଳିପାଳରେ କଳାବାଘଙ୍କ ବଂଶ ବୃଦ୍ଧି

**ବାରିପଦା, ୧୨।୭ (ସମିସ):** ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ ପ୍ରଜାତିର କଳାବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଟି-୨୦ ନାମକ ଏକ କଳା ବାଘୁଣୀ ୩ଟି ଛୁଆ ଜନ୍ମ ଦେଇଛି। ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଏଆଇ ଟ୍ରାପ୍ କ୍ୟାମେରାରେ ୩ଟିଯାକ ଶାବକ ବିଚରଣ କରୁଥିବାରୁ ଫଟୋ କଏଦ୍ ହୋଇଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ

- ଜନ୍ମ ନେଲେ ଆଉ ୩ ଶାବକ
- ଭିଡିଓ ସେୟାର୍ କଲେ ପିସିସିଏଫ୍
- ଜାନୁୟାରୀରୁ ଏଯାଏ ଜନ୍ମ ହେଲେଣି ୯ କଳାବାଘ

ପାଇଛି। କିଛି ଦିନ ତଳେ ବାଘଛୁଆ ଖେଳୁଥିବାର ଏକ ଭିଡିଓ ପିସିସିଏଫ ସେୟାର୍ କରିଥିଲେ।

ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ଶିମିଳିପାଳରେ ୯ଟି କଳାବାଘ ଛୁଆ ଜନ୍ମ ନେଇଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ବ୍ୟାଘ୍ର ସଂରକ୍ଷଣ ପାଇଁ ଶିମିଳିପାଳ ଏକ ଉପଯୁକ୍ତ ସ୍ଥାନ



ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି।

ବାଘସଂଖ୍ୟା ବୃଦ୍ଧି ସହ ଜେନିଟିକ୍ ଡାଇଭର୍ସନ ରୋକିବା ପାଇଁ ମହାରାଷ୍ଟ୍ର ତଡ଼ଭା ସଂରକ୍ଷିତ ଜଙ୍ଗଲରୁ ୨ଟି ବାଘୁଣୀ ଜିନତ୍ ଓ ଯମୁନା ଅଣାଯାଇଛି। ଜିନତ୍ ମଧ୍ୟ ଏବେ ମା' ହେବାକୁ ଯାଉଥିବା ଜଣାପଡ଼ିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ସୀମାନ୍ତରେ ୨୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୨।୭(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ଶନିବାର ୨୩ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣକାରୀ ମାଓବାଦୀମାନେ ଅନେକ ଘଟଣାରେ ଜଡ଼ିତ ଥିଲେ। ସୁକୁମା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଆଲେକ୍ସ ପଲ ମେନନଙ୍କ ଅପହରଣରେ ଜଡ଼ିତ ମାଓବାଦୀ ଲୋକେଶ ମଧ୍ୟ ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ରହିଥିବା ଜଣାପଡ଼ିଛି। ଦିନକୁ ଦିନ ମାଓ ସଙ୍ଗଠନ ଭାଙ୍ଗିବାରେ ଲାଗିଥିବା ବେଳେ ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ ମାଓବାଦୀ ଆତ୍ମସମର୍ପଣ ଓ ଗିରଫ ହୋଇଛନ୍ତି। ତେବେ ଶନିବାର ଆତ୍ମସମର୍ପଣ କରିଥିବା ଏହି ୨୩ଜଣଙ୍କ ନାମରେ ମୋଟ ୧ କୋଟି ୧୮ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ବୋଲି ଜଣାପଡ଼ିଛି। ସୁକମା ଏସ୍‌ପି କିରଣ ଚୌହାନ ଏବଂ ସିଆରପିଏଫ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତଙ୍କ ସମ୍ମୁଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ଏମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ସହ ଆଗକୁ ଥଇଥାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଦାସିଆ ଅଜାଙ୍କୁ ପ୍ରଶାସନ ଭୁଲିଗଲା

**ନୟାଗଡ଼,୧୨।୭(ସମିସ):** ନୟାଗଡ଼ର ପ୍ରବାଦ ପୁରୁଷ ତଥା ପାଠାଗାର ଆନ୍ଦୋଳନର ଜନକ ଦାଶରଥୀ ପଟ୍ଟନାୟକ ତଥା ଦାସିଆ ଅଜାଙ୍କ ୧୧୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କ ପ୍ରତିମୂର୍ତ୍ତି ରହିଥିଲେ ମଧ୍ୟ ଦୁଃଖର ବିଷୟ ଦାସିଆ ଅଜାଙ୍କ ଜୟନ୍ତୀକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭୁଲିଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ କିମ୍ବା କୌଣସି ସଂଗଠନ



ତରଫରୁ ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପଡ଼ିନି।

ନୂଆଗାଁସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଆଜି ଦିନତମାମ ଫୁଲମାଳ ପଡ଼ି ନଥିବା ବେଳେ ହଠାତ୍ ଅପରାହ୍ଣ ୪.୩୦ରେ ୪ଜଣ ଯୁବକ ଆସି ତାଙ୍କ ପ୍ରତିମୂର୍ତ୍ତିରେ ଗୋଟିଏ ଫୁଲମାଳ ପକାଇଥିବା ଦେଖିବାକୁ ମିଳିଥିଲା। ପୂର୍ବର ପୁରୁଣା ଫୁଲମାଳ ବି ତାଙ୍କ ବେକରେ ପଡ଼ିରହିଛି। ପୂଜ୍ୟପୂଜା ଓ ଓଡ଼ିଆ ଅସ୍ମିତାର କଥା ସରକାର କହୁଥିବା ବେଳେ ଜିଲ୍ଲା ସଦର ମହକୁମାରେ ଦାସିଆ ଅଜାଙ୍କର ପ୍ରତିମୂର୍ତ୍ତିରେ ଫୁଲମାଳ ନ ପଡ଼ିବା ସବୁ ମହଲକୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଦିନତମାମ କେହି ହେଲେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେଲେନି। ଦାସିଆ ଅଜା ହେଉଛନ୍ତି ନୟାଗଡ଼ର ପୂଜ୍ୟପୂଜା। ତାଙ୍କର ପାଠାଗାର ପରିଦର୍ଶନ ପାଇଁ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ସେଭଳି କିମ୍ବଦନ୍ତୀ ପୁରୁଷଙ୍କ ପ୍ରତି ଏଭଳି ଅସମ୍ମାନ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଓ କିଛି ବରିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ଗଣମାଧ୍ୟମରେ ଲୋକଲୋଚନକୁ ଆଣିବା ପରେ ବି ସରକାର ଚେତି ନଥିଲେ।

# ୱେବ୍ ସାମ୍ବାଦିକଙ୍କୁ ହତ୍ୟା

**ମାଲକାନଗିରି/ମୋଟୁ,୧୨।୭(ସମିସ):** ମାଲକାନଗିରି ଜିଲ୍ଲାରେ ଜଣେ ୱେବ୍ ସାମ୍ବାଦିକଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ହେଲେ, ସାମ୍ବାଦିକ ସିଏଚ ନରେଶ। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳର ମୁରଲୀଗୁଡା ଗ୍ରାମ ନିକଟରେ ସିଏଚ ନରେଶ ଓ ଅନ୍ୟ କିଛି ସାମ୍ବାଦିକ ଏବଂ ତାଙ୍କର କିଛି ବନ୍ଧୁ ଏକ କାର୍‌ରେ ଯାଇ ବର୍ତ୍ତାଳାପ କରୁଥିବା ବେଳେ ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ହଠାତ୍ ଖଣ୍ଡା ସହ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନରେଶଙ୍କ ହାତରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ସାମ୍ବାଦିକମାନଙ୍କ କାରକୁ ମଧ୍ୟ ଦୁର୍ବୃତ୍ତମାନେ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ



ନରେଶଙ୍କୁ ପ୍ରଥମେ ମୋଟୁ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଅନ୍ୟ କିଛି ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଈ ହାତୀର ମୃତଦେହ ଠାବ

**ଅନୁଗୋଳ, ୧୨।୭ (ସମିସ):** ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜ ସାହାରାଗୋଡ଼ା ନିକଟରେ ଗୋଟିଏ ମାଈ ହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀଟି ମଧ୍ୟବୟସ୍କ ହୋଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଆଜି ସକାଳେ ଗାଁ ନିକଟ ଏକ ବୁଦବୁଡ଼ିଆ ଜଙ୍ଗଲ ନିକଟରେ ହାତୀ ମରିପଡ଼ିଥିବା ନେଇ ଗ୍ରାମବାସୀ ଦେଖିଥିଲେ। ପରେ ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ବିଷୟରେ ଖବର ପାଇ



ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ହେଲା, ସେନେଇ ଅନୁସନ୍ଧାନ ଓ ତଦନ୍ତ ଆରମ୍ଭ ଜରିଛନ୍ତି।

# ରେଳଧାରଣାରୁ ୨ ଦିନରେ ୩ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୨।୭(ସମିସ):** ଗତ ଦୁଇ ଦିନରେ ବ୍ରହ୍ମପୁର ଜିଆର୍‌ପି ରେଳଧାରଣାରୁ ୩ଟି ମୃତଦେହ ଜବତ କଲାଣି। ଶନିବାର ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେସନ ୪ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜ ତଳୁ ୨ଜଣଙ୍କ ମୃତଦେହ ଜବତ କରିଥିବା ବେଳେ ଶୁକ୍ରବାର ଛତ୍ରପୁର ନିକଟରୁ ଅନ୍ୟଏକ ମୃତଦେହ ଜବତ କରିଛି। କାହାରି ହେଲେ ପରିଚୟ ମିଳି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ। ମୃତକଙ୍କ ବୟସ ପ୍ରାୟ ୪୫ରୁ ୫୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ୩ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ସ୍ପଷ୍ଟ ପାଇଁ ସମସ୍ତ ମୃତଦେହକୁ ସଂରକ୍ଷିତ ରଖାଯାଇଛି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ବିକାଶ ପୋଲାଇ ସୂଚନା ଦେଇଛନ୍ତି।

**ମିଳୁନି ପରିଚୟ ଓ ମୃତ୍ୟୁର କାରଣ ଅସ୍ପଷ୍ଟ**

ବ୍ରହ୍ମପୁର ରେଳଷ୍ଟେସନର ୪ନଂ. ପ୍ଲାଟଫର୍ମରେ ଥିବା ଫୁଟ୍ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଜିଆର୍‌ପି ପୁଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଦେଖିବା ବେଳେ ଉଭୟ ମୃତ୍ୟୁବରଣ କରିସାରିଥିଲେ। ପ୍ରାଥମିକ ତଦନ୍ତରୁ ଉଭୟେ ବିଷପାନ କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେମାନଙ୍କ ମୃତ୍ୟୁର କାରଣ ଜଣାପଡ଼ିବ। ସେହିଭଳି ଛତ୍ରପୁର ନିକଟରୁ ଜବତ ମୃତକଙ୍କର ମଧ୍ୟ ପରିଚୟ ମିଳିପାରିନାହିଁ।

# ପଥରତଳେ ଚାପି ହୋଇଛି ପଥର ଶିଳ୍ପୀଙ୍କ ଭାଗ୍ୟ

## ସରକାରଙ୍କ ଅବହେଳା ପାଇଁ ରାଜ୍ୟ ଛାଡ଼ିଲେଣି ଭାସ୍କର୍ଯ୍ୟ ଶିଳ୍ପୀ

**ଭୁବନେଶ୍ୱର,୧୨।୭(ସମିସ):** ଉତ୍କଳର ଉତ୍କର୍ଷକୁ କାଳେକାଳେ ସମୃଦ୍ଧ କରିଛି ତା'ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଚାତୁରୀ। ଶିଳ୍ପୀର ନିହାଣ ମୁନରେ ନିଶ୍ଚଳ ପଥର ମଧ୍ୟୟ ଜୀବନ୍ୟାସ ପାଇଁ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଗୌରବ ଗାନ କରିଛି। ଉତ୍କଳର ଅନନ୍ୟ କଳାସଂସ୍କୃତିର ପରିଚାୟକ ସେହି ଶିଳ୍ପୀର ପରିଚୟ କିନ୍ତୁ ଆଜି ସଙ୍କଟରେ। ପଥର ଅଭାବରେ ତା'ର ନିହାଣ ଆଜି ନିରବ। ଆଧାର ବିନା ସେ ଜୀବନ୍ୟାସ କାହାକୁ ଓ କେମିତି ଦେବ? ସରକାର ମଧ୍ୟ ଏ ଦିଗରେ ଉଦାସୀନ। ତେଣୁ ଓଡ଼ିଶାର ପଥର ଶିଳ୍ପୀ ଆଜି ଦାଦନ ଖଟିବାକୁ ବିଦେଶମୁହାଁ। ଯଦି ଏହି ସ୍ଥିତି ଜାରି ରହେ ତେବେ ଓଡ଼ିଶା ଶିଳ୍ପୀଶୂନ୍ୟ ହୋଇଯିବା ବିଚିତ୍ର ନୁହେଁ। ପ୍ରସ୍ତର ଯୁଗରୁ ମଣିଷର ଜୀବନଜୀବିକା ସହିତ ପଥର ଓତପ୍ରୋତ ଭାବେ ଯୋଡ଼ି ହୋଇଯାଇଛି। ମଣିଷର ନିହାଣ ମୁନର ସ୍ପର୍ଶରେ ପଥର ମଧ୍ୟ କଥା କହିଛି। ଯାହାର ପ୍ରମାଣ ଏବେବି ଛିଡ଼ା ହୋଇଥିବା ପ୍ରାଚୀନ ମଠ ମନ୍ଦିରରୁ ମିଳେ। ହେଲେ ବର୍ତ୍ତମାନ ସମୟ ବଦଳିବା ସହ ମଣିଷର ଚାହିଦା ପୂରଣ କରିବାରେ ପ୍ରକୃତିର ଏହି ଅସୀମିତ ଉପାଦାନ ବି ଅସହାୟ ହୋଇପଡ଼ିଛି। ତା'ସହିତ ଜୀବନଜୀବିକା ବିପନ୍ନ ହୋଇଛି ପଥରକୁ ଆଶ୍ରା କରି ବଞ୍ଚୁଥିବା ଶିଳ୍ପୀ ଓ କାରିଗରମାନଙ୍କର।

କଳିଙ୍ଗ ସ୍ଥାପତ୍ୟ କଳା ଓ ପରମ୍ପରାର ସବୁଠୁ ଉଦ୍ଧ୍ୱର୍ରେ। ଓଡ଼ିଶା କାରିଗରଙ୍କ ତ୍ରିଭଙ୍ଗୀ ଶୈଳୀ ବା ଉତ୍କଳୀୟ ଶୈଳୀ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଦିଲ୍ଲୀର ଅକ୍ଷର ଧାମ ଠାରୁ ଆରମ୍ଭ କରି ରାଜସ୍ଥାନ, ଚେନ୍ନାଇ, ଦୁବାଇର ଆବୁଦାବୀ ରେ ମଧ୍ୟ ଶୋଭା ପାଉଛି ଓଡ଼ିଶା କାରୀରୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ। ଯଦିଓ ବିଭିନ୍ନ ରାଜ୍ୟର କାରିଗରମାନେ ଆଧୁନିକ ଶୈଳୀରେ ମନ୍ଦିର ନିର୍ମାଣ କରୁଛନ୍ତି କିନ୍ତୁ ଓଡ଼ିଶା ଭାସ୍କର୍ଯ୍ୟ କାରିଗରଙ୍କ ବିକଳ୍ପ ସାରା ବିଶ୍ୱରେ ନାହିଁ। ମଠ, ମନ୍ଦିରରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଝଲସି ଉଠେ। କିନ୍ତୁ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ପରିଚିତ କରାଇଥିବା ପଥର ଶିଳ୍ପୀ ବା ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖଣ୍ଡେ ପାଇ ପାରୁନାହାଁନ୍ତି। ଫଳରେ ରାଜ୍ୟରେ ରହିଥିବା ପ୍ରାୟ ୩୦ ହଜାର ଭାସ୍କର୍ଯ୍ୟ କଶିଳ୍ପୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଶିଳ୍ପୀ ବାହାର ରାଜ୍ୟ ଯଥା: ରାଜସ୍ଥାନ, ଚେନ୍ନାଇ, କୋଲକାତା ସମେତ ଇଂଲଣ୍ଡ, ଦୁବାଇ ଆଦି ଦେଶରେ କାମ କରୁଛନ୍ତି। ନିଜର କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଅଧିକାଂଶ ଶିଳ୍ପୀମାନେ ରାଜସ୍ଥାନ, ପାହାନପୁର ଆଦି ସ୍ଥାନରୁ ମାର୍ବଲ ଓ ପଥର ଆମଦାନୀ କରୁଥିଲେ ମଧ୍ୟ ଲାଭବାନ ହୋଇପାରୁ ନାହାଁନ୍ତି। ପଥର ଆମଦାନୀରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଉଚିତ୍ ପାରିଶ୍ରମିକ ମିଳୁନଥିବା



**ଆଜି ବିଶ୍ୱ ପଥର ଦିବସ**

କହିଛନ୍ତି। ରାଜ୍ୟ ସରକାର ଓଡ଼ିଆ କାରିଗରଙ୍କୁ ନେଇ ବିଶାଳ ଓଡ଼ିଶାରେ ମନ୍ଦିର କରନ୍ତୁ। ସେମାନେ ଆଜି ବି ସେମାନଙ୍କ ପାଖରେ କୋଣାର୍କ ତୋଳିବାର କ୍ଷମତା ରହିଛି। ଯାହାର ଉଦାହରଣ ହେଉଛି ଅକ୍ଷରଧାମ,ଅଯୋଧ୍ୟା ରାମ ମନ୍ଦିର ସମେତ ଦେଶ ବାହାରେ ନିର୍ମିତ ମନ୍ଦିର। କଳାକରିଗରୀ ବଞ୍ଚାଇବାକୁ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍। କେବଳ ଧାର୍ମି ଦୃଷ୍ଟିରୁ ନହେଁ ବରଂ ଏହାଦ୍ୱାରା ଆର୍ଥିକ ଓ ସାଂସ୍କୃତିକ ବିକାଶ ମଧ୍ୟ ଘଟିବ। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର କଳା କାରିଗରୀ ବଞ୍ଚାଇବା ବଦଳରେ ସେମାନଙ୍କୁ ଦାଦନ ସାଜିବାକୁ ବାଧ କରୁଛନ୍ତି। କାରଣ ଯେଉଁ ଭାସ୍କର୍ଯ୍ୟ କାରିଗର ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଓଡ଼ିଶାକୁ ଧାଇଁ ଆସୁଛନ୍ତି ସେହି କାରିଗରମାନେ ଆଜି ଅଲୋଡ଼ା ପାଲଟିଛନ୍ତି। ତେଣୁ ସରକାର ଭାସ୍କର୍ଯ୍ୟ ଶିଳ୍ପୀଙ୍କ ପାଇଁ ଓଡ଼ିଶା ଖଣିରୁ ପଥର ଯୋଗାଇଦେବାକୁ ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି। ଏନେଇ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ କହିଛନ୍ତି ଯେ, ସବୁକଳା ଠାରୁ ଉର୍ଦ୍ଧରେ ରହିଛି ଭାସ୍କର୍ଯ୍ୟ କଳା। ଭାସ୍କର୍ଯ୍ୟ କଳା ଏଭଳି ଏକ ସ୍ୱପ୍ନ, ଯାହାକୁ କେବଳ ଜଣେ ଶିଳ୍ପୀ ବାସ୍ତବତାରେ ପରିଣତ କରେ। ପଥର ଅଭାବରୁ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସଂଖ୍ୟା ଏବେ ମାତ୍ର ହାତଗଣତି। ପଥର ଶିଳ୍ପୀ ନରହିଲେ ଓଡ଼ିଶାର ଅସ୍ମିତା ନଷ୍ଟ ହୋଇଯିବ। ତେଣୁ ସରକାର ଓଡ଼ିଶାର ପଥର ଶିଳ୍ପୀମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ଦେବା ସହ ପଥର ଯୋଗାଇଦେଇ ଭାସ୍କର୍ଯ୍ୟ କଳାକୁ ବଞ୍ଚାଇ ରଖିବାକୁ ସହଯୋଗ କରନ୍ତୁ।

# ହ୍ୟାଣ୍ଡଲୁମ୍ ଶାଢ଼ିର ଯତ୍ନ



ପାରମ୍ପରିକ ପରିଧାନ ମଧ୍ୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା କେବଳ ପାରମ୍ପରିକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପୂଜାପର୍ବରେ ଏହି ଶାଢ଼ି ପିନ୍ଧିଲେ ଏହା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଏହି ଶାଢ଼ିର ମୂଲ୍ୟ ଅଧିକ ଥାଏ । ଏହା କେବେ ହେଲେ ପୁରୁଣା ହୁଏନି । ବର୍ତ୍ତମାନ ସମୟରେ ହ୍ୟାଣ୍ଡଲୁମ୍ ଶାଢ଼ିର ଚାହିଦା ବଢ଼ୁଛି । ତେବେ ଏହି ଶାଢ଼ିକୁ ବର୍ଷ ବର୍ଷ ଧରି କିପରି ସାଇତି ରଖିବେ ଜାଣି ରଖନ୍ତୁ ।

### ଖରାରୁ ରଖନ୍ତୁ ଦୂରେଇ
ଶାଢ଼ିକୁ ଅତ୍ୟଧିକ ସୂର୍ଯ୍ୟକିରଣରୁ ଦୂରେଇ ରଖନ୍ତୁ । କାରଣ ସୂର୍ଯ୍ୟ କିରଣରେ ଶାଢ଼ିର ରଙ୍ଗ ଛାଡ଼ିଯାଏ । ଏହାଦ୍ୱାରା ଶାଢ଼ିର ଉଜ୍ଜ୍ୱଳତା କମିଯାଏ । ଏଥିପାଇଁ ଥଣ୍ଡା, ଅନ୍ଧାରୁଆ ସ୍ଥାନ ଭଲ ହୋଇଥାଏ ।


### ରେଶମ ପାଟ
ସିଲ୍କ ତଥା ରେଶମ ଶାଢ଼ିକୁ ରଖିବା ପାଇଁ ସୂତା ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ । ଏହା ମଧ୍ୟରେ ବାୟୁ ଚଳାଚଳ ଠିକ୍ ରହିଥାଏ । ଏହାଦ୍ୱାରା ଶାଢ଼ି ଅନ୍ୟ ଶାଢ଼ି ସହ ଲାଗେ ନାହିଁ । ସୁରକ୍ଷିତ ରହିଥାଏ ।

### ତିନି ମାସରେ ବଦଳାନ୍ତୁ ଶାଢ଼ିର ଭାଙ୍ଗ
ଶାଢ଼ିକୁ ଗୋଟିଏ ଭାଙ୍ଗରେ ଦୀର୍ଘ ସମୟ ରଖିଲେ, ଏହାଦ୍ୱାରା ଶାଢ଼ିର ସେହି ସ୍ଥାନ ଫାଟିଯାଏ । ତେଣୁ ପ୍ରତି ତିନିମାସରେ ଥରେ ଶାଢ଼ି ଭାଙ୍ଗ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।

### କାଠ ହ୍ୟାଙ୍ଗରରେ ଝୁଲାନ୍ତୁ ଶାଢ଼ି
ଶାଢ଼ିକୁ ହ୍ୟାଙ୍ଗର୍‌ରେ ଟାଙ୍ଗିବାକୁ ଚାହୁଁଥିଲେ, ପ୍ଲାଷ୍ଟିକ୍ କିମ୍ବା ଷ୍ଟିଲ୍ ବଦଳରେ କାଠ ହ୍ୟାଙ୍ଗର୍ ବ୍ୟବହାର କରନ୍ତୁ । କାରଣ ଧାତୁନିର୍ମିତ ହ୍ୟାଙ୍ଗର୍‌ରେ କଳଙ୍କି ଲାଗିବା ସମସ୍ୟା ଥାଏ । ତେଣୁ କାଠ ସୁରକ୍ଷିତ ହେବା ସହ ଦୀର୍ଘ ସମୟ ରହିଥାଏ ।

### ସୂତା କପଡ଼ାରେ ଗୁଡ଼ାଇ ରଖନ୍ତୁ
ଘରେ ସୂତା ବ୍ୟାଗ୍ ନ ଥିଲେ, ସୂତା କପଡ଼ାରେ ମଧ୍ୟ ଏହାକୁ ଗୁଡ଼ାଇ ରଖିପାରିବେ । ତେବେ ସମାନ ଡିଜାଇନର ଶାଢ଼ିକୁ ଗୋଟିଏ ବ୍ୟାଗ୍‌ରେ ରଖିପାରିବେ । ଭିନ୍ନ ଡିଜାଇନ ଥିଲେ ଏହାକୁ ଅଲଗା ରଖିପାରିବେ ।

# ମହମବତୀରୁ ଆତ୍ମନିର୍ଭର



ମହମବତୀ ଅନ୍ଧକାରକୁ ପ୍ରଶମିତ କରି ଆଲୋକ ପ୍ରଦାନ କରିଥାଏ । କିନ୍ତୁ ସମୟ ଅନୁସାରେ ଏହାର ବ୍ୟବହାର ବଦଳିଛି । ବିଭିନ୍ନ ପର୍ବପର୍ବାଣୀ, ପୂଜାଉତ୍ସବରେ ଏହାକୁ ସାଜସଜ୍ଜା ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଏହାର ଉପଯୋଗିତାକୁ ଦୃଷ୍ଟିରେ ରଖି ଏହାକୁ ରୋଜଗାରର ପନ୍ଥା ଭାବେ ଗ୍ରହଣ କରିଛନ୍ତି, କାଶ୍ମୀର ଶ୍ରୀନଗରର ମେହେକ୍ ପରବେଜ୍ । ସେ ବିଭିନ୍ନ ଡିଜାଇନର ସୁଗନ୍ଧଯୁକ୍ତ ମହମବତୀ ତିଆରି କରି ଆତ୍ମନିର୍ଭର ହୋଇଛନ୍ତି ।

### ୟୁଟ୍ୟୁବ୍‌ରୁ ଶିଖିଲେ ପ୍ରସ୍ତୁତି
ପିଲାଦିନେ ମହମବତୀ ଦେଖି ସେ ଖୁବ୍ ଆନନ୍ଦିତ ହେଉଥିଲେ; କିନ୍ତୁ ତାଙ୍କ ଅଞ୍ଚଳରେ ପର୍ବପର୍ବାଣୀରେ ଘର ସଜାଇବା ପାଇଁ ମହମବତୀ ଏତେ ବ୍ୟବହାର ହେଉ ନ ଥିଲା । ସେ ଇନ୍‌ଷ୍ଟାଗ୍ରାମ୍‌ରେ ଭଳିକି ଭଳି ମହମବତୀ ଦେଖିଥିଲେ । ପରେ ଏହା ତିଆରି କରିବା ପାଇଁ ତାଙ୍କର ଆଗ୍ରହ ଆସିଲା । ଏଥିପାଇଁ ସେ ୟୁଟ୍ୟୁବ୍‌କୁ ନିଜର ଅସ୍ତ୍ର କରିଥିଲେ । ୟୁଟ୍ୟୁବ୍ ଦେଖି ଅଭ୍ୟାସ କଲେ । ଧିରେ ଧିରେ ସେ ସୁଗନ୍ଧଯୁକ୍ତ, ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥିଲେ । ତାଙ୍କ କହିବାନୁଯାୟୀ ଅଧିକାଂଶ ଲୋକେ ଏସେନ୍ସିଆଲ ଅଏଲ୍‌ଯୁକ୍ତ ମହମବତୀ କିଣିବାକୁ ପସନ୍ଦ କରନ୍ତି । କାରଣ ଏହା ଲୋକଙ୍କ ମନ ଓ ମସ୍ତିଷ୍କକୁ ସତେଜ କରିଥାଏ । ସେହିପରି ଡିଜାଇନର୍ ମହମବତୀକୁ ଲୋକେ ଜନ୍ମଦିନ, ବର୍ଷପୁରଣି ଆଦିରେ ଘର ସାଜସଜ୍ଜାରେ ବ୍ୟବହାର କରିଥାନ୍ତି ।





### ଲକ୍‌ଡାଉନ୍‌ରୁ ବ୍ୟବସାୟ
ଲକଡାଉନ୍ ସମୟରେ ସେ ମହମବତୀ ବ୍ୟବସାୟ କରିବା ପାଇଁ ସ୍ଥିର କରିଥିଲେ । ହେଲେ ମହମବତୀ ପ୍ରସ୍ତୁତ ପାଇଁ ଆବଶ୍ୟକ ସରଞ୍ଜାମ ଓ ଉପକରଣ ତାଙ୍କ ପାଖରେ ନ ଥିଲା । ତେଣୁ ସେ ଅନ୍ୟ ସହରରୁ ଏହା କିଣିଥିଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ପରିବାର ଲୋକେ ସମର୍ଥନ କରିଥିଲେ । ଏହାପରେ ସେ ନିଜ ଘରେ ବିଭିନ୍ନ ପ୍ରକାର ମହମବତୀ ତିଆରି କରିଥିଲେ । ସଉକ୍‌ରୁ ଆରମ୍ଭ ହୋଇଥିବା ଏହି କଳାକୁ ମେହେକ୍ ନିଜର ପେସା ଭାବେ ଆପଣାଇଲେ । ସେ ବିଭିନ୍ନ ପ୍ରକାର କଷ୍ଟମାଇଜ୍ ମହମବତୀ ତିଆରି କରି ତାହାକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିଲେ । ଅବଶ୍ୟ ଏହି ଅନଲାଇନ୍ ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନଥିଲା ।

### କଷ୍ଟମାଇଜ୍‌ଡ ମହମବତି
ସେ ବିଭିନ୍ନ କଷ୍ଟମାଇଜ୍ ମହମବତୀ ପ୍ରସ୍ତୁତ କରିଥାନ୍ତି । ବିବାହ, ମେହେନ୍ଦୀ, ଜନ୍ମଦିନ, ବର୍ଷପୁରାଣି, କ୍ରିଷ୍ଟମାସ, ଦୀପାବଳି ଆଦି ପର୍ବରେ ସେ ଗ୍ରାହକଙ୍କ ବରାଦ ଅନୁଯାୟୀ, କଷ୍ଟମାଇଜ୍ ମହମବତୀ ତିଆରି କରନ୍ତି । କପ୍, ସାଣ୍ଟା ଟ୍ରି, ଫୁଲଆକୃତିର ଭଳିକି ଭଳି ରଙ୍ଗିନ ମହମବତୀ ତିଆରି କରିଥାନ୍ତି । ଏହାର ରଙ୍ଗ ଓ ଡିଜାଇନ୍ ଅନୁଯାୟୀ ସେ ମୂଲ୍ୟ ରଖିଥାନ୍ତି ।

# କୋରିଆନ୍ ହେୟାର କେୟାର୍



ବର୍ଷାଦିନେ କେଶରେ ନାନା ସମସ୍ୟା ଦେଖାଯାଏ । ତେଲ, ଝାଳ ଓ ଆର୍ଦ୍ରତା କେଶକୁ ରୁକ୍ଷ ଓ ପତଳା କରିଦିଏ । ତେଣୁ କେଶକୁ ମଜଭୂତ କରିବା ପାଇଁ ହେୟାର୍ କେୟାର୍ ରୁଟିନ ଆପଣାଇବାକୁ ପଡ଼ିଥାଏ । ଯାହା କେଶକୁ ପୋଷଣ ଦେଇ ବର୍ଷା ଋତୁ ପ୍ରଭାବରୁ ସୁରକ୍ଷା ଦେବ । ତେବେ କୋରିଆନ୍ ମେକ୍‌ଅପ୍ ଭଳି କୋରିଆନ୍ ହେୟାର୍ କେୟାର୍‌ର ଖୁବ୍ ଚାହିଦା ରହିଛି । ଏହାକୁ ଆପଣାଇ କେଶର ଯତ୍ନ ନେଇପାରିବେ ।

### ସ୍କାଲ୍‌ପକୁ ସଫା ରଖନ୍ତୁ
ବର୍ଷାଦିନେ କେଶରେ ତେଲ , ଧୂଳି ଆଦି ଜମିଯାଏ । ଫଳରେ କେଶମୂଳ କୁଣ୍ଡାଇ ହୋଇଥାଏ । ତେଣୁ କେଶମୂଳକୁ ସାମ୍ପୁ କିମ୍ବା ସ୍କ୍ରବ୍ କରି ଭଲରେ ସଫା କରନ୍ତୁ । ଏହାଦ୍ୱାରା କେଶମୂଳ ପରିଷ୍କାର ରହିଥାଏ । ପ୍ରତି ସପ୍ତାହରେ ଥରେ ଏହା କରନ୍ତୁ ।

### ମାଇଲ୍ଡ ସାମ୍ପୁ ବ୍ୟବହାର
ଯଥାସମ୍ଭବ ରାସାୟନିକ ସାମ୍ପୁରୁ ଦୂରେଇ ରୁହନ୍ତୁ । ଟି ଟ୍ରି ଅଏଲ୍ କିମ୍ବା ପୁଦିନା ସାମ୍ପୁ ବ୍ୟବହାର କରି କେଶ ଧୋଇପାରିବେ । ଏହା କେଶରେ ଥିବା ତେଲିଆପଣକୁ ଦୂର କରିଥାଏ ।

### କଣ୍ଡିସନର୍
କୋରିଆନ୍ ହେୟାର କେୟାର୍‌ରେ ହାଇଡ୍ରେସନ୍‌ର ମୁଖ୍ୟ ଭୂମିକା ରହିଥାଏ । ତେଣୁ କେଶ ସଫା ପରେ ଅଳ୍ପ କରି ହାଇଡ୍ରେଟିଙ୍ଗ୍ କଣ୍ଡିସନର ଲଗାନ୍ତୁ । ଏହାକୁ କେଶମୂଳରେ ନ ଲଗାଇ କେଶରେ ଲଗାନ୍ତୁ ।

### ହେୟାର ଟନିକ୍
କୋରିଆନ୍ ଯୁବତୀମାନେ କେଶ ସଫା କରି କଣ୍ଡିସନର୍ ଲଗାଇବା ପରେ ହେୟାର ଏସେନ୍ସ ବା ହେୟାର୍ ଟନିକ୍ ଲଗାଇଥାନ୍ତି । ଏହା କେଶକୁ ପୋଷଣ ଦେବା ସହ କେଶମୂଳକୁ ମଜଭୂତ ରଖିଥାଏ ।

### ଗରମ ଉପକରଣରୁ ଦୂରେଇ ରଖନ୍ତୁ
କେଶକୁ ଗରମ ଉପକରଣରୁ ଦୂରେଇ ରଖିବା ଆବଶ୍ୟକ । ବିଶେଷ କରି ବର୍ଷାଦିନେ କେଶରେ ଅଧିକ ହେୟାର ଡ୍ରାୟର, ଏବଂ ଷ୍ଟ୍ରେଟନର୍ ବ୍ୟବହାର କଲେ ଏହା କେଶକୁ ରୁକ୍ଷ କରିଥାଏ । କେଶର କୋମଳତା କମିଯାଏ ।

ମୋ ହାଣ୍ଡିଶାଳରୁ...

# ବନ୍ଧାକୋବି ମୋମୋ

### ଆବଶ୍ୟକ ସାମଗ୍ରୀ
ବନ୍ଧା କୋବି, କଟା ପିଆଜ – ଏକ କପ୍, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ଗାଜର – ଏକ କପ୍, କଟା କୋବି – ଏକ କପ୍, ସୋୟାବିନ୍ କିମା- ଏକ କପ୍, ଅଦା, ରସୁଣ ଓ କଞ୍ଚାଲଙ୍କା କଟା – ଦୁଇ ଚାମଚ, ସୋୟା ସସ୍ – ଏକ ଚାମଚ, ଚାଟ୍ ମସଲା- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି
ପ୍ରଥମେ ବନ୍ଧାକୋବିରୁ ପାଖୁଡ଼ା ଅଲଗା କରି ଧୋଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇରେ ପାଣି ଦେଇ ଗରମ କରନ୍ତୁ । ପାଣି ଗରମ ହୋଇଗଲେ ପତ୍ରକୁ ଦେଇ ଢାଙ୍କୁଣି ଘୋଡ଼ାଇ ତିନିରୁ ଚାରି ମିନିଟ୍ ରଖନ୍ତୁ । ଏହାପରେ ଢାଙ୍କୁଣି ଖୋଲି ପତ୍ରକୁ ବାହାର କରି ଦିଅନ୍ତୁ । ଆଉ ଏକ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ କଟା ଲଙ୍କା, ରସୁଣ ଅଦା ଦେଇ ହାଲୁକା ଫ୍ରାଏ କରନ୍ତୁ । ଏହାପରେ କାଟି ରଖିଥିବା ପରିବା ସବୁକୁ ଦେଇ ଭାଜନ୍ତୁ । ସେଥିରେ ଅଳ୍ପ ଲୁଣ, ଚାଟ୍ ମସଲା ପକାଇ ପାଣି ଛାଡ଼ିବା ଯାଏ ଭାଜନ୍ତୁ । ଏହାପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ସିଜାଇ ରଖିଥିବା କୋବି ପତ୍ର ନେଇ ସେଥିରେ ଭଜା ପରିବା ପୂର ଦେଇ ଚାରିଆଡ଼ୁ ମୋଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍‌ରେ ଆଉ ଏକ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ କୋବିକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବନ୍ଧା କୋବି ମୋମୋ' ।



# ଫୁଟ୍ ପିଲ୍ ମାସ୍କ

ମହିଳାମାନେ ତ୍ୱଚାର ଯତ୍ନ ନେବା ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । ହେଲେ ପାଦ ପ୍ରତି ଧ୍ୟାନ ଦିଅନ୍ତିନି । ଫଳରେ ପାଦ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସି କଳା ପଡ଼ିଯାଏ । ଏହାଦ୍ୱାରା ପାଦର ସୁନ୍ଦରତା କମିଯାଏ । କିଛି ମହିଳା ସୁଜ୍ କିମ୍ବା ମୋଜା ପିନ୍ଧି ଏହାକୁ ଲୁଚାନ୍ତି; କିନ୍ତୁ ଏବେ ବଜାରରେ ଫୁଟ୍ ପିଲ୍ ମାସ୍କ ମିଳୁଛି । ଏହାକୁ ଲଗାଇ ପାଦ ସମସ୍ୟା ଦୂର କରିପାରିବେ ।



### ପିଲ୍ ମାସ୍କ କ'ଣ ?
ଏହା ଏକ ପ୍ରକାର କସ୍‌ମେଟିକ୍ ଉପଚାର । ଏହା ପାଦର ମୃତକୋଷକୁ ବାହାର କରି ଚମକ ଆଣିଥାଏ । ଏହା ଏକ ପ୍ଲାଷ୍ଟିକ୍ ମୁଣି ଆକୃତିର ହୋଇଥାଏ । ଏଥିରେ ବିଶେଷ ପ୍ରକାର ତରଳ ପଦାର୍ଥ ଥାଏ । ଏହାକୁ ପାଦରେ ପିନ୍ଧି କିଛି ସମୟ ଛାଡ଼ି ଦିଆଯାଏ ।

### ବ୍ୟବହାର
ପ୍ରଥମେ ପାଦକୁ ଭଲ କରି ଧୋଇ ଶୁଖାନ୍ତୁ । ଏହାପରେ ମାସ୍କ ଖୋଲି ପାଦରେ ସାବଧାନତାର ସହ ଲଗାଇ କିଛି ସମୟ ରଖନ୍ତୁ । କିଛି ଘଣ୍ଟା ପରେ ପାଦରୁ ମାସ୍କ କାଢ଼ି ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।

### ଏହାର ଉପକାରିତା
ଏହା ପାଦରୁ ମୃତକୋଷ କାଢ଼ି କୋମଳ ଓ ନରମ କରିଥାଏ ।

ଏହା ଫଟା ଗୋଇଠି ସମସ୍ୟାକୁ ଦୂର କରିଥାଏ ।

କିଛି ମାସ୍କରେ ମଇଶ୍ଚରାଇଜିଙ୍ଗ୍‌ଗୁଣ ରହିଥାଏ । ଏହା ପାଦକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।

# ପରିବେଶ ଅନୁକୂଳ ଇଣ୍ଟେରିୟର



ସହରୀ ଜୀବନ ମଧ୍ୟରେ ଶାନ୍ତି ପାଇବା କଷ୍ଟକର । ଗାଡ଼ି ମୋଟର, କଳକାରଖାନାର ଶବ୍ଦ ମଣିଷକୁ ଅତିଷ୍ଠ କରି ପକାଏ । କିନ୍ତୁ ପରିବେଶ ଅନୁକୂଳ ଇଣ୍ଟେରିୟର ଡିଜାଇନ୍ କରି ଘରର ଶାନ୍ତି ବଜାୟ ରଖିପାରିବେ । ଏହା ସୁନ୍ଦର ଓ ଆରାମଦାୟକ ହୋଇଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନର ଚାହିଦା ରହିଛି ।

### ପ୍ରାକୃତିକ ସାମଗ୍ରୀ ବ୍ୟବହାର
କାଠ, ବାଉଁଶ, ମାଟି ପୁନଃ ନବୀକରଣଯୋଗ୍ୟ ଜିନିଷକୁ ବ୍ୟବହାର କରି ଘରକୁ ସଜାଇପାରିବେ । ଏହାଦ୍ୱାରା କମ୍ ଖର୍ଚ୍ଚରେ ଘରର ସୁନ୍ଦରତା ବୃଦ୍ଧି ହୋଇଥାଏ । ସେହିପରି ପୁରୁଣା ଫର୍ଣ୍ଣିଚରକୁ ଏଣେତେଣେ ନ ଫୋପାଡ଼ି ତାହାକୁ ରଙ୍ଗ କରି ଭିନ୍ନ ରୂପ ଦେଇପାରିବେ ।

### ଅକୁଷ୍ଟିକ୍ ପ୍ୟାନେଲ୍ ଲଗାନ୍ତୁ
ଘରେ ଶାନ୍ତିବଜାୟ ରଖିବାକୁ ଚାହୁଁଥିଲେ ଅକୁଷ୍ଟିକ୍ ୱାଲ୍ ପ୍ୟାନେଲ୍ ଲଗାଇପାରିବେ । ଏହା ବାହାରୁ ଆସୁଥିବା ଶବ୍ଦକୁ ଅବଶୋଷିତ କରିଥାଏ । ଏହା କାଠ କିମ୍ବା ଥ୍ରୀ-ଡି ପ୍ୟାଟର୍ଣ୍ଣରେ ଉପଲବ୍ଧ ହୋଇଥାଏ । ଏହା ଲିଭିଙ୍ଗ୍ ରୁମ, ବେଡ୍ ରୁମ୍‌କୁ ଆଧୁନିକ ଲୁକ୍ ଦେଇଥାଏ ।

### ଘରେ ଗଛ ଲଗାନ୍ତୁ
ଗଛ ବାହାରୁ ଆସୁଥିବା ଶବ୍ଦକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିସହ ଘରେ ଶାନ୍ତି ବାତାବରଣ ରଖିଥାଏ । ତେଣୁ ଘରର କୋଣରେ ବଡ଼ ଇଣ୍ଡୋର ପ୍ଲାଣ୍ଟ ରଖନ୍ତୁ । ଏହା ଶବ୍ଦ କମ୍ କରି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।



■ ଟି-୨୦ ବିଶ୍ୱକପ୍

## ଇଟାଲୀକୁ ଐତିହାସିକ ଯୋଗ୍ୟତା



ହେଗ୍, ୧୨।୭ (ଏଜେନ୍ସି): ଫୁଟବଲ ଖେଳର ଦେଶ ଇଟାଲୀ ପ୍ରଥମଥର ଟି-୨୦ ବିଶ୍ୱକପ୍ ଖେଳିବାକୁ ଐତିହାସିକ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଖେଳାଯାଇଥିବା ୟୁରୋପୀୟ କ୍ୱାଲିଫାୟର ଶେଷ ଦୁଇ ମୁକାବିଲାରେ ନେଦରଲାଣ୍ଡସ ୯ ୱିକେଟରେ ଇଟାଲୀକୁ ଓ ଜର୍ସି ଶେଷ ବଲରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ଏହା ଫଳରେ ନେଦରଲାଣ୍ଡସ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହି ଏକ ନମ୍ବର ଦଳ ଭାବେ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ସ୍କଟଲାଣ୍ଡ ପରାଜିତ ହେବା ପରେ ଇଟାଲୀ ସହ ସମାନ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲା। କିନ୍ତୁ ନେଟ ରନ୍ ରେଟ୍‌ରେ ସ୍କଟଲାଣ୍ଡଠାରୁ ଆଗୁଆ ରହିଥିବା ଇଟାଲୀ ଦ୍ୱିତୀୟ ସ୍ଥାନରେ ରହି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଗତ ୪ଟି ସଂସ୍କରଣରେ ଟି-୨୦ ବିଶ୍ୱକପ୍ ଖେଳିଥିବା ସ୍କଟଲାଣ୍ଡ ଏଥର ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଆସନ୍ତାବର୍ଷ ବା ୨୦୨୬ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ।

୧୯ ବର୍ଷରୁ କମ୍ ଟେଷ୍ଟ

## ଆୟୁଷ ମାହାତ୍ରେଙ୍କ ଶତକ

ବେକେନହାମ, ୧୨।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜିଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା। ଏହି ମୁକାବିଲାର ପ୍ରଥମ ଦିନରେ ଓପନର ତଥା ଅଧିନାୟକ ଆୟୂଷ ମାହାତ୍ରେଙ୍କ ଶତକ ସହାୟତାରେ ଶେଷ ଖବର ସୁଦ୍ଧା ଭାରତ ୭ ୱିକେଟରେ ୪୪୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ମାହାତ୍ରେ ସର୍ବାଧିକ ୧୦୨ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୧୧୫ ବଲ୍‌ର ସାମ୍ନା କରି ୧୪ ଚୌକା ଓ ୨ ଛକା ମାରିଥିଲେ। କିନ୍ତୁ ଧୂଆଁଧାର ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ରନ୍ କରିପାରିଥିଲେ। ନଂ-୩ ବିହାନ ମାଲହୋତ୍ରା ୬୭, ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ ୯୦ ଓ ରାହୁଲ କୁମାର ୮୫ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ୍, ଜେକ୍ ହୋମ୍ ଓ ଆର୍ଚି ଭନ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଲର୍ଡ୍ସରେ ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ

# ପ୍ରଥମ ଇନିଂସ ବରାବର



ଲର୍ଡ୍ସ, ୧୨।୭ (ଏଜେନ୍ସି):

ଲୋକେଶ ରାହୁଲ (୧୦୦)ଙ୍କ ୧୦ମ ଟେଷ୍ଟ ଶତକ, ଋଷଭ ପନ୍ତ୍ (୭୪) ଓ ରବୀନ୍ଦ୍ର ଜାଡେଜା(୭୨)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଇନିଂସ ବରାବର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋ ରୁଟଙ୍କ ଶତକ ବଳରେ ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୭ ରନ୍ କରିଥିଲା। ଜବାବରେ ରାହୁଲଙ୍କ ଶତକ ସହାୟତାରେ ଭାରତ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ଉଭୟ ଦଳର ପ୍ରଥମ ଇନିଂସ ସ୍କୋର ସମାନ ରହିଛି। ଏହି ଟେଷ୍ଟର ତୃତୀୟ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ଗୋଟିଏ ଓଭରରେ ୨ରନ୍ ସଂଗ୍ରହ କରିନେଇଛି। ଭାରତ ଇନିଂସରେ ରାହୁଲ-ପନ୍ତ୍‌ଙ୍କ ମଧ୍ୟରେ ଶତକୀୟ, ଜାଡେଜା-ରେଡ୍ଡି ଓ ଜାଡେଜା-ସୁନ୍ଦରଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ଭାଗିଦାରୀ ଭାରତକୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ସହ ସମାନ କରିବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ନୂଆ ବଲ୍‌ରେ ଫାଇଦା ଉଠାଇ କ୍ରିସ୍ ଓକ୍ସ ସର୍ବାଧିକ ୩ଟି, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଖେଳ ଆଉ ୨ ଦିନ ବାକି ରହିଛି।

ଶତକୀୟ ଭାଗିଦାରୀ: ଏହି ଟେଷ୍ଟର ଶନିବାର ଅନୁଷ୍ଠିତ ତୃତୀୟ ଦିନ ଖେଳରେ ଭାରତ ପ୍ରଥମ ସେସନରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଯାହା ଫଳରେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ (୫୩) ଓ ଋଷଭ ପନ୍ତ୍ (୧୬) ପ୍ରତିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମ ସେସନରେ ୨୨.୩ ଓଭରରେ ଭାରତ ୧୦୩ ରନ୍ ସଂଗ୍ରହ କରି ଭଲ ସ୍କୋର କରିଥିଲା। କିନ୍ତୁ ଠିକ୍ ଲଞ୍ଚ୍ ପୂର୍ବରୁ ପନ୍ତ୍ ରନ୍‌ଆଉଟ ହେବା ଫଳରେ ଇଂଲଣ୍ଡ ସାମାନ୍ୟ ପ୍ରଭାବୀ ହୋଇଥିଲା। ଚତୁର୍ଥ ୱିକେଟରେ ରାହୁଲ ଓ ପନ୍ତ୍ ୧୯୮ ବଲ୍‌ରୁ ୧୪୧ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ରଖିଥିଲେ। ପନ୍ତ୍ ୧୧୨ ବଲ୍‌ର ମୁକାବିଲା କରି ୮ ଚୌକା ଓ ୨ ଛକା ସହ ୭୪ ରନ୍‌ରେ ଆଉଟ ହୋଇଥିଲେ। ପନ୍ତ୍‌ଙ୍କର ଏହା ହେଉଛି ଟେଷ୍ଟ କ୍ୟାରିୟରରେ ୧୭ତମ ତଥା ଇଂଲଣ୍ଡରେ ୮ମ ଅର୍ଦ୍ଧଶତକ। ଏହି ସିରିଜ୍‌ରେ ସେ ୨ଟି ଶତକ ହାସଲ କରିଥିଲାବେଳେ ୨ଟି ଅର୍ଦ୍ଧଶତକ ପୂରଣ କରିସାରିଛନ୍ତି। ଏହି ଯୋଡି ଭାଙ୍ଗିବା ବେଳକୁ ୯୮ ରନ୍‌ରେ ଅପରାଜିତ ଥିବା ରାହୁଲ ଲଞ୍ଚ୍ ପରେ ଶତକ ପୂରଣ କରିଥିଲେ। କିନ୍ତୁ ଏହାର ପର ବଲ୍‌ରେ ବସିରଙ୍କ ବୋଲିଂରେ ଏକ ସହଜ କ୍ୟାଚ୍ ଦେଇ ଆଉଟ ହୋଇଯାଇଥିଲେ। ଏହି ଶତକ ଲାଗି ସେ ୧୭୭ ବଲ୍‌ର ସାମ୍ନା କରି ୧୩ଟି ଚୌକା ମାରିଥିଲେ। ଏହ ଶତକୀୟ ଯୋଡି ଭାଙ୍ଗିବା ପରେ ଜାଡେଜା ଓ ନୀତୀଶ କୁମାର ରେଡ୍ଡିଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗିଦାରୀ ହୋଇଥିଲା। ଏମାନେ ୬ଷ୍ଠ ୱିକେଟ ଯୋଡିରେ ୧୬୫ ବଲ୍‌ରୁ ୭୨ ରନ୍ ଉଠାଇଥିଲେ। ସେହିପରି ଜାଡେଜା ଓ ସୁନ୍ଦର ୭ମ ୱିକେଟରେ ୫୦ ରନ୍ ଉଠାଇଥିଲେ ମଧ୍ୟ ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇପାରି ନ ଥିଲେ। ଅସହଜ ଓ ମନ୍ଥର ଖେଳୁଥିବା ନୀତୀଶ ୩୦ ଓ ସୁନ୍ଦର ୨୩ ରନ୍ କରିଥିଲେ।

### ଟେଷ୍ଟ କ୍ରିକେଟରେ ୧୦ମ ଶତକ

ଭାରତ ଓପନର ଲୋକେଶ ରାହୁଲ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି। ଏଥିଲାଗି ସେ ୧୭୬ଟି ବଲ୍‌ର ସାମନା କରି ୧୩ଟି ଚୌକା ମାରିଥିଲେ। ଏହା ଫଳରେ ଟେଷ୍ଟ କ୍ରିକେଟରେ ରାହୁଲ ୬୧ତମ ଟେଷ୍ଟ ଓ ୧୦୬ତମ ଇନିଂସରେ ୧୦ମ ଶତକ ହାସଲ କରିଛନ୍ତି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡରେ ସେ ହାସଲ କରିଛନ୍ତି ୪ଟି ଶତକ। ଏହା ଛଡ଼ା ଚଳିତ ସିରିଜ୍‌ରେ, ଲର୍ଡ୍ସ ଟେଷ୍ଟରେ ଓ ଜଣେ ଓପନର ଭାବେ ଏଠାରେ ସେ ଦ୍ୱିତୀୟ ଶତକୀୟ ସଫଳତା ଅର୍ଜନ କରିଛନ୍ତି। ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଫଳରେ ଭାରତ ଏଠାରେ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଫଲୋଅନ୍ ଏଡ଼ାଇବାକୁ ସମର୍ଥ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର** (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର** (ରାହୁଲ-୧୦୦, ପନ୍ତ୍-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡୀ-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

## ଜାତୀୟ ସବ୍‌ଜୁନିଅର ବାଳିକା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ଦଳ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଡିଭିଜନ-'ଏ' ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ଦଳ ୧-୦ ଗୋଲରେ ଶକ୍ତିଶାଳୀ ହରିଆଣାକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁଦୀପା ବା' ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସେହିପରି ସୟ ମୁଣ୍ଡାଙ୍କ ଗୋଲ ବଳରେ ଝାଡଖଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଜୁଲାଇ ୧୪ ତାରିଖ ଦିନ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।



■ ଜାତୀୟ ଜୁନିଅର ବାଳକ ରଗ୍‌ବୀ

## କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୨।୭ (ସମିସ): ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ଜୁନିଅର ବାଳକ ରଗ୍‌ବୀ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ସମସ୍ତ ନକ୍‌ଆଉଟ ପ୍ରତିଯୋଗିତା ମଧ୍ୟରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ତେଲେଙ୍ଗାନାର ମୁକାବିଲା ହେବ। ପୂର୍ବରୁ ଆସାମ ଓ ତାମିଲନାଡୁକୁ ପରାସ୍ତ କରି ଓଡ଼ିଶା ପୁଲ-'ଏ'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଏଠାରେ ଶେଷ ହୋଇଥିବା ବାଳିକା ବିଭାଗରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ

## ଓଡ଼ିଶା ଖେଳାଳିଙ୍କ ଦୟନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ଦୟନୀୟ ପ୍ରଦର୍ଶନ କରିଛନ୍ତି। ଏଥିରେ ଭାଗ ନେଇଥିବା ଖେଳାଳିମାନଙ୍କ ମଧ୍ୟରୁ କେବଳ ତନ୍ମୟ ସାହୁ ଓ ହର୍ଷିତ ରାଉତଙ୍କ ଯୋଡି ମିଶ୍ରିତ ଯୁଗଳ ଏବଂ ପୁରୁଷ ଏକକରେ ଆର୍ଯ୍ୟ ମାଝୀ ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଥିଲେ। ଏମାନେ ହାରିଯିବା ପରେ ପ୍ରି-କ୍ୱାର୍ଟର ମୁକାବିଲା ପୂର୍ବରୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ ଶେଷ ହୋଇଯାଇଛି। ଭିନ୍ନ କାରଣରୁ ଓଡ଼ିଶାର ଶ୍ରେଷ୍ଠ ମହିଳା ଖେଳାଳି ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନାହାନ୍ତି।



ଅନ୍ୟପକ୍ଷରେ ବାଳିକା ଏକକ ରାଉଣ୍ଡ ଅଫ୍-୬୪ ମୁକାବିଲାରେ ବିଜୟୀ ହୋଇ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂ, ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ତୃତୀୟ ସିଡ୍ ଆସାମର ଇଶାରାଣୀ ବରୁଆ ଓ ଚତୁର୍ଥ ସିଡ୍ ହରିୟାଣାର ଜିୟା ରାୱତ ବିଜୟୀ ହୋଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବାଳକ ଏକକରେ ଟପ୍ ସିଡ୍ କର୍ଣ୍ଣାଟକର ରଘୁନାଥ ଏମ୍, ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଦର୍ଶନ ପୂଜାରୀ, ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିଛନ୍ତି। କିନ୍ତୁ ଚତୁର୍ଥ ସିଡ୍ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ହରାଇ କର୍ଣ୍ଣାଟକର ହେମନ୍ତ ଏମଜି ଏଯାଏ ଖେଳାଯାଇଥିବା ମ୍ୟାଚ୍‌ରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

ଇଣ୍ଡିଆନ ଓପନ୍ ପାରା ଆଥଲେଟିକ୍ସ

## ଓଡ଼ିଶାକୁ ୧୧ ପଦକ

ଭୁବନେଶ୍ୱର, ୧୨।୭ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ୭ମ ଇଣ୍ଡିଆନ୍ ଓପନ୍ ପାରା ଆଥଲେଟିକ୍ସରେ ଓଡ଼ିଶାକୁ ୧୧ଟି ପଦକ ମିଳିଛି। ସେଥିରେ ରହିଛି ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ କାଂସ୍ୟ ପଦକ। ତାହା ମଧ୍ୟରୁ ମହିଳା ଆଥଲେଟ ଜୟନ୍ତୀ ବେହେରା ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ହାସଲ କରିଛନ୍ତି। ସୁଚିତ୍ରା ପରିଡା ମହିଳା ଏଫ୍-୫୫ ଜାଭେଲିନ ଥ୍ରୋରେ ୧୭.୮୪ ମିଟର ଫିଙ୍ଗି ସ୍ୱର୍ଣ୍ଣ ଏବଂ ମହିଳା ଏଫ୍-୫୫ ଶଟପୁଟ୍‌ରେ ୫.୭୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଜାନକୀ ଓରାମ ଟି-୧୨ ୧୦୦ମିରେ ରୌପ୍ୟ, ୨୦୦ମିରେ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ସେ ଟି-୧୨ ଲଙ୍ଗ ଜମ୍ପରେ ଏକାମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ଜିତିଥିଲେ। ଓଡ଼ିଶାର କମଳାକାନ୍ତ ନାୟକ ପୁରୁଷ ଏଫ୍-୫୩, ୫୪ ଜାଭେଲିନ ଥ୍ରୋ ରୌପ୍ୟ, ପୁରୁଷ ଏଫ-୫୩/୫୪ ୮୦୦ମି ରେସ୍‌ରେ ରୌପ୍ୟ, ୪୦୦ମି ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି।

■ ନାଭାଲ ଟାଟା ହକି ଗ୍ରାସ୍‌ରୁଟ ଲିଗ୍

## ଲାଠିକଟା, କୁଆଁରମୁଣ୍ଡା ଚାମ୍ପିଅନ




ଭୁବନେଶ୍ୱର,୧୨।୭ (ସମିସ): ଓଡ଼ିଶା ନାଭାଲ ହକି ଗ୍ରାସ୍‌ରୁଟ୍ ଲିଗ୍ ଚାମ୍ପିଅନସିପ୍ ଆଜି ଶେଷ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଲାଠିକଟା ଓ ବାଳକ ବିଭାଗରେ କୁଆଁରମୁଣ୍ଡା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଖେଳାଯାଇଥିବା ବାଳିକା ବିଭାଗ ଫାଇନାଲରେ ଲାଠିକଟା ୨-୧ ପେନାଲ୍ଟି ସୁଟ୍‌ଆଉଟରେ ଗୁରୁଣ୍ଡିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ବାମ୍‌ରା ଏଚ୍‌ଟିସି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳକ ବିଭାଗରେ କୁଆଁରମୁଣ୍ଡା ଏଚ୍‌ଟିସି ୫-୩ ଗୋଲରେ ନୁଆଗାଁକୁ ପରାସ୍ତ କରିଥିଲା। ସଉନାମରା ଏଚ୍‌ଟିସି ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ

## ଚେଲସୀ-ପିଏସ୍‌ଜି ଫାଇନାଲ

ନ୍ୟୁୟର୍କ, ୧୨।୭ (ଏଜେନ୍ସି): ୟୁରୋପର ଦୁଇ ଶକ୍ତିଶାଳୀ କ୍ଲବ୍ ଇଂଲଣ୍ଡର ଚେଲସୀ ଓ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ ସେଣ୍ଟ ଜର୍ମେନ) ମଧ୍ୟରେ ଚଳିତବର୍ଷର ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଫାଇନାଲ ମୁକାବିଲା ହେବ। ଏହି ଫାଇନାଲ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଜୁଲାଇ ୧୪ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଚେଲସୀ ୨-୦ ଗୋଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସକୁ ଓ ପିଏସ୍‌ଜି ୪-୦ ଗୋଲରେ ସ୍ପେନ୍‌ର ଚାମ୍ପିଅନ କ୍ଲବ୍ ରିଅଲ ମାଦ୍ରିଦ୍‌କୁ ପରାସ୍ତ କରିଥିଲା। ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499

HR Dept.

# ୱିମ୍ବଲ୍‌ଡନ୍: ଇଗା ସ୍ୱିଆଟେକ୍ ମହିଳା ଚାମ୍ପିଅନ

ଲଣ୍ଡନ,୧୨।୭ (ସମିସ):



୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୱିମ୍ବଲଡନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲେ। ଏହି ଫାଇନାଲରେ ଷ୍ଟେଫି ଗ୍ରାଫ୍ ୬-୦, ୬-୦ରେ ନତାଶା ଜେରେଭାଙ୍କୁ ପରାସ୍ତ କରିଥିଲେ। ଏଠାରେ ସ୍ୱିଆଟେକ୍ ମାତ୍ର ୫୭ ମିନିଟ୍‌ରେ ବିଜୟୀ ହୋଇଥିଲାବେଳେ କ୍ୟାରିୟରର ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ପୂର୍ବରୁ ସେ ୪ଥର ଫ୍ରେଞ୍ଚ୍ ଓପନ ଓ ଥରେ ୟୁଏସ୍ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ସେ ମଧ୍ୟ ଟେନିସ ଖେଳର ଓପନ ଏରାରେ ମାର୍ଗାରେଟ କୋର୍ଟ ଓ ମୋନିକା ସେଲେସ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ପ୍ରଥମ ୬ଟି ଫାଇନାଲରେ ବିଜୟୀ ହୋଇ ୬ଟି ଟାଇଟଲ ଜିତିଛନ୍ତି। ୱିମ୍ବଲଡନରେ ପୋଲାଣ୍ଡର ପ୍ରଥମ ଖେଳାଳି ଭାବେ ମହିଳା ଏକକରେ ଚାମ୍ପିଅନ ହୋଇଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱର ନମ୍ବର-୧ ଖେଳାଳି ଅରିନା ସାବାଲେଙ୍କାଙ୍କୁ ସେମିଫାଇନାଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜିତ ହୋଇଛନ୍ତି।

ଇଂଲଣ୍ଡର ଜୁଲିଆନ୍ କ୍ୟାସ୍ ଓ ଲୟଡ ଗ୍ଲାସ୍‌ପୁଲଙ୍କ ଯୋଡି ୱିମ୍ବଲଡନ ପୁରୁଷ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଏହି ବ୍ରିଟେନ ଯୋଡ଼ି ୬-୨, ୭-୬ ସିଧାସଳଖ ସେଟ୍‌ରେ ରିଙ୍କି ହିଜିକ୍ତା ଓ -- ଡେଭିଡ୍ ପେଲଙ୍କ ଯୋଡିକୁ ହରାଇ ଟାଇଟଲ କବ୍‌ଜା କରିଥିଲେ। ଏହା ସେମାନଙ୍କର ପ୍ରଥମ ଟାଇଟଲ। ଗତକାଲି ମିଶ୍ରିତ ଯୁଗଳରେ ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଆସନ୍ତାକାଲି ଖେଳା ଯିବାକୁ ଥିବା ପୁରୁଷ ଏକକ ଫାଇନାଲରେ ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS